ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 5 NOVEMBER 2025
ବୁଧବାର ୫ ନଭେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 169 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୧୬୯ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

# ମାଲ୍‌ଗାଡ଼ି ଉପରେ ମାଡ଼ିଗଲା ମେମୁ

## ବିଳାସପୁରରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା: ୧୦ ମୃତ, ୧୪ ଆହତ

**ବିଳାସପୁର, ୪ା୧୧/ଏଜେନ୍ସି:**

ମଙ୍ଗଳବାର ସନ୍ଧ୍ୟାରେ ଛତିଶଗଡ଼ର ବିଳାସପୁର ଷ୍ଟେସନ ନିକଟରେ ଏକ ଯାତ୍ରୀବାହୀ ଟ୍ରେନ୍ (ମେମୁ), ଏକ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେବା ଫଳରେ ୧୦ ଜଣ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ

**ମୃତକଙ୍କୁ ୧୦ ଲକ୍ଷ, ଗୁରୁତରଙ୍କୁ ୫ଲକ୍ଷ ଓ ଆହତଙ୍କୁ ୧ଲକ୍ଷ ସହାୟତା ଘୋଷଣା**

୧୪ ଜଣ ଆହତ ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୃତକଙ୍କ ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍‌ର ୩ କର୍ମଚାରୀ ଲୋକୋ ପାଇଲଟ, ଆସିଷ୍ଟାଣ୍ଟ ଲୋକୋପାଇଲଟ୍ ଏବଂ ଟ୍ରେନ୍ ମ୍ୟାନେଜରଙ୍କ



ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଅନ୍ୟପକ୍ଷେ ଆହତଙ୍କୁ ବିଳାସପୁରର ଆପୋଲୋ ହସ୍ପିଟାଲ ଏବଂ ଛତିଶଗଡ଼ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (ସିଆଇଏମ୍‌ଏସ୍) ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ତେବେ କେତେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।

ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଏହି ଦୁର୍ଘଟଣା ପ୍ରାୟ ଅପରାହ୍ଣ ୪ଟା ସମୟରେ ଘଟିଛି । ବିଳାସପୁର-କଟନି ସେକ୍ସନର ଲାଲ ଖାଦାନ ଅଞ୍ଚଳ ନିକଟରେ ଟ୍ରାକ୍‌ରେ ମାଲଗାଡ଼ି ଅଟକି ରହିଥିବାବେଳେ ଯାତ୍ରୀବାହୀ ଟ୍ରେନ୍‌ଟି ଏହାକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ ଯାତ୍ରୀବାହୀ ଟ୍ରେନ୍‌ଟି ମାଲଗାଡ଼ି ଉପରେ ଚଢ଼ିଯାଇଥିଲା । ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏନ୍‌ଡିଆରଏଫ୍, ଆରପିଏଫ୍ ସମେତ ଅନ୍ୟ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ ।

▶▶ ୫

# ସୁଦାନରେ ଓଡ଼ିଆ ଯୁବକ ଆଦର୍ଶ ନିଖୋଜ

**ଭୁବନେଶ୍ୱର,୪ା୧୧/ଏନ୍‌ଏନ୍‌ଏସ୍:**

ରାଜ୍ୟ ସରକାର ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ପଣବନ୍ଦୀ ଥିବା ଜଗତସିଂହପୁର ଜିଲ୍ଲାର ଓଡ଼ିଆ ଯୁବକ ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରିବା ପାଇଁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଅନୁରୋଧ କରିଛନ୍ତି ।

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା କୋଟକଣା ଗ୍ରାମର ଆଦର୍ଶ କୁମାର ବେହେରା ୨୦୨୨ ମସିହାରୁ ସୁଦାନରେ କାମ କରୁଛନ୍ତି । ନିକଟରେ ତାଙ୍କ ପରିବାର ପାଖକୁ ଖବର ଆସିଥିଲା

**ଉଦ୍ଧାର କରିବାକୁ କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟକୁ ପତ୍ର ଲେଖିଲେ ରାଜ୍ୟ ସରକାର**

ଯେ ଆଦର୍ଶ ବର୍ତ୍ତମାନ ନିଖୋଜ ଅଛନ୍ତି ଏବଂ ତାଙ୍କର କୌଣସି ଖୋଜ୍ ଖବର ମିଳୁନାହିଁ । ଆଦର୍ଶଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟର ସହ ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ଆଦର୍ଶଙ୍କ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ମୁଖ୍ୟମନ୍ତ୍ରୀ ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରେ ଗୁଇନ୍ଦା ବିଭାଗ ମହାନିର୍ଦ୍ଦେଶକ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ପତ୍ରଲେଖି ଆଦର୍ଶଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି । ଏଥିସହିତ ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ

▶▶ ୫

**ଆଜି କାର୍ତ୍ତିକ ପୂର୍ଣ୍ଣମା**

# ମହାପ୍ରଭୁଙ୍କ ସୁନାବେଶ

**ପୁରୀ,୪ା୧୧/ଏନ୍‌ଏନ୍‌ଏସ୍ :**

ରାତିପାହିଲେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ । ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ସହ ଡଙ୍ଗା ଭସାଇବା ପାଇଁ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବଗଲା ଧର୍ମଶାଳାଠାରୁ ବ୍ୟାରିକେଡ୍ ସଂପ୍ରସାରଣ କରାଯାଇଛି । ସୁରକ୍ଷା ଦାୟିତ୍ୱରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ୪୫ ପ୍ଲାଟୁନ୍ ପୁଲିସ ଫୋର୍ସ ଏବଂ ବେଳାଭୂମିରେ ସୁରକ୍ଷିତ ସ୍ନାନ ଓ ଡଙ୍ଗାଭସା ପାଇଁ ୩୭୦ ଲାଇଫଗାର୍ଡଙ୍କ ସହ ୨ ଓଡ୍ରାଫ୍ ଟିମ୍ ମୁତୟନ ହେବା ନେଇ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି ।

ସୂଚନା ମୁତାବକ ବୁଧବାର ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣମା ପାଳନ ହେବ । ରତ୍ନ ସିଂହାସନରେ ସୁନାବେଶରେ ଦର୍ଶନ ଦେବେ ଚତୁର୍ଦ୍ଧାମୂର୍ତ୍ତି । ମହାପ୍ରଭୁଙ୍କ ଦିବ୍ୟ ବେଶ ଦର୍ଶନ କରିବାକୁ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଅନୁମାନ କରାଯାଉଛି । ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ନିମନ୍ତେ ବ୍ୟାରିକେଡ୍‌କୁ ଲମ୍ବାଇ ଦିଆଯାଇଛି । ଆଜି ମଧ୍ୟରାତ୍ରରୁ ହିଁ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହେବ ଏବଂ ଶୃଙ୍ଖଳିତ ନୀତିକାନ୍ତି କିଭଳି ହୋଇପାରିବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇଛି । ବୁଧବାର କାର୍ତ୍ତିକ ପୂର୍ଣ୍ଣମାରେ ମହାପ୍ରଭୁଙ୍କ ରାଜରାଜେଶ୍ୱର ବା ସୁନାବେଶ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ।



**ଆଇନ ଶୃଙ୍ଖଳା ଦୃଷ୍ଟିରୁ ବ୍ୟାପକ ବ୍ୟବସ୍ଥା**

**ସୁରକ୍ଷା ଦାୟିତ୍ୱରେ ୪୫ ପ୍ଲାଟୁନ ଫୋର୍ସ**

ଲକ୍ଷଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବଗଲା ଧର୍ମଶାଳାଠାରୁ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡ୍‌ରେ ଆସି ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ

▶▶ ୫

# ଭିଜିଲାନ୍ସ ଜାଲରେ ବନ୍ତଲସିଂହ ଆର୍‌ଆଇ

**ପିପିଲି,୪ା୧୧/ଏନ୍‌ଏନ୍‌ଏସ୍:**

ଭିଜିଲାନ୍ସ ଜାଲରେ ଆର୍‌ଆଇ । ପିପିଲି ତହସିଲ ଅନ୍ତର୍ଗତ ବନ୍ତଲସିଂହ ରାଜସ୍ୱ ନିରୀକ୍ଷକ ଜୀବନକୃଷ୍ଣ ପରିଡ଼ା ଲାଞ୍ଚନେଇ ଧରାପଡ଼ିଛନ୍ତି । ଦାଖଲ ଖାରଜ ପାଇଁ ସେ ୬୦ ହଜାର ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଛି ।

ସୂଚନା ମୁତାବକ ଦାନଗୋହିର ଗ୍ରାମର ମହମ୍ମଦ କୌଶରଙ୍କ ମକୁନ୍ଦପୁର ହାଟ ମୌଜାରେ ଦୁଇଟି, ହାଟସାହି ମୌଜାରେ ଦୁଇଟି ଏବଂ ବନ୍ତଲସିଂହ ମୌଜାରେ ଦୁଇଟି ମୋଟ ୬ ପ୍ଲଟ୍‌କୁ



ଦାଖଲ ଖାରଜ ପାଇଁ ଆର୍‌ଆଇ ଜୀବନକୃଷ୍ଣ ପରିଡ଼ା ୯୦ ହଜାର ଟଙ୍କା ଦାବି କରିଥିଲେ । କାମ ହେବା ପୂର୍ବରୁ ୬୦ ହଜାର ଟଙ୍କା ମାଗିଥିଲେ । ଏହି ଟଙ୍କା ନ ଦେଲେ କାର୍ଯ୍ୟ ହେବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲେ । ଏ ସମ୍ପର୍କରେ କୌଶର ଭୁବନେଶ୍ୱର ଭିଜିଲାନ୍ସ ବିଭାଗଙ୍କ ସହିତ ଯୋଗାଯୋଗ କରିଥିଲେ । ପ୍ରସ୍ତୁତି ଅନୁଯାୟୀ ମଙ୍ଗଳବାର ପିପିଲି କଲେଜ ଛକସ୍ଥିତ ଡାକବଙ୍ଗଳାରେ ତହସିଲର ସମସ୍ତ ଆର୍‌ଆଇଙ୍କର ବୈଠକ ଚାଲିଥିବାବେଳେ ଜୀବନକୃଷ୍ଣ ପରିଡ଼ା ସେଠାକୁ ମହମ୍ମଦ କୌଶରଙ୍କୁ ଡ଼ାକି ଜବାବ ମୁତାବକ ୬୦ ହଜାର ଟଙ୍କା ଦେଇଥିଲେ । ଆର୍‌ଆଇ ଶ୍ରୀ ପରିଡ଼ା ଉକ୍ତ ଟଙ୍କା

▶▶ ୫

# ମଙ୍ଗଳା ନଦୀରେ ହେବ କ୍ରୁଜ୍ ଟର୍ମିନାଲ୍

**ଖୁବ୍‌ଶୀଘ୍ର ପାରାଦୀପରେ ଏୟାରପୋର୍ଟ**

**ପାରାଦୀପ ବାଲିଯାତ୍ରା ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ: ମୁଖ୍ୟମନ୍ତ୍ରୀ**



**ଭୁବନେଶ୍ୱର,୪ା୧୧/ଏନ୍‌ଏନ୍‌ଏସ୍:**

ପାରାଦୀପ ଆଜି ପୂର୍ବ ଭାରତରେ ବିକାଶର ମୁଖଶାଳା ଏବଂ ଓଡ଼ିଶାର ଅର୍ଥନୈତିକ ପ୍ରଗତିର ଦ୍ୱାରଦେଶ ପାଲଟିଛି । ପାରାଦୀପକୁ ପର୍ଯ୍ୟଟନର କେନ୍ଦ୍ରସ୍ଥଳୀ କରିବା ପାଇଁ ମଙ୍ଗଳା ନଦୀରେ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ ହେବ । ରାଜ୍ୟ ସରକାର ଏଥିପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଛନ୍ତି । ପାରାଦୀପ ସହରରେ ଖୁବ୍ ଶୀଘ୍ର ଏୟାରପୋର୍ଟ ହେବ ଏବଂ ଏବେ ପାରାଦୀପ କେବଳ ଜଳପଥ ଓ ସ୍ଥଳପଥ ନୁହେଁ ବରଂ ଆକାଶପଥ ସହିତ ମଧ୍ୟ ସଂଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପାରାଦୀପଠାରେ ଆୟୋଜିତ କଳିଙ୍ଗ ବାଲିଯାତ୍ରାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ଗୌରବୋଜ୍ଜ୍ୱଳ ଉତ୍ସବ । ଆମର ପୂର୍ବଜମାନେ ସମୁଦ୍ରର ଉଚ୍ଚ ତରଙ୍ଗକୁ ଜୟ କରି, ଜାହାଜ ନେଇ ସୁବର୍ଣ୍ଣ ଦ୍ୱୀପ ଓ ବିଭିନ୍ନ ଦେଶ ସହିତ ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ, ଏହା ଆମକୁ ମନେ ପକାଇଥାଏ । ପାରାଦୀପ ବନ୍ଦର ଆଜି ଭାରତର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବନ୍ଦର, ଯାହା ଆଜି ଶିଳ୍ପ, ବାଣିଜ୍ୟ ଓ ରୋଜଗାରର ଏକ କେନ୍ଦ୍ରବିନ୍ଦୁ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପାରାଦୀପ ଓଡିଶାର ବିକାଶର ଏକ ଅଭିନ୍ନ ଅଙ୍ଗ । ପାରାଦୀପରେ ଅନୁଷ୍ଠିତ କଳିଙ୍ଗ ବାଲିଯାତ୍ରା ବିକାଶ ଓ ବିରଶତର ଏକ ଉତ୍କୃଷ୍ଟ ଉଦାହରଣ । ପାରାଦୀପ ବାଲିଯାତ୍ରା ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ । ଆଜିଠାରୁ ହେଉଥିବା ଏହି ବାଲିଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରରୁ ଅନେକ ବ୍ୟବସାୟୀ ଏବଂ ବ୍ୟବସାୟିକ ଅନୁଷ୍ଠାନ ନିଜ ନିଜ ସାମଗ୍ରୀ ଏବଂ ସେବା ପ୍ରଦର୍ଶନ କରିବେ । ଏହା ଆମର ସ୍ଥାନୀୟ ଲୋକ ଏବଂ ବ୍ୟବସାୟୀଙ୍କ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିବ । ଆମ ଶିଳ୍ପୀମାନଙ୍କୁ ସଶକ୍ତ କରିବା, ତାଙ୍କର କୌଶଳକୁ ନୂଆ ବଜାର ଯୋଗାଇବା, ଓଡ଼ିଶା ସରକାରର ପ୍ରାଥମିକତା ।

ରାଜ୍ୟ ସରକାରଙ୍କ ବନ୍ଦର ଭିତ୍ତିକ ଉନ୍ନତି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ପାରାଦୀପ ବନ୍ଦର ପୂର୍ବ ଭାରତର ଏକ ବଡ ବ୍ୟବସାୟିକ ବନ୍ଦର । ବନ୍ଦର ସହିତ ପାରାଦୀପର ସର୍ବାଙ୍ଗୀନ ଉନ୍ନତି ପାଇଁ ଆମ ସରକାର ସମସ୍ତ ପ୍ରକାର କାର୍ଯ୍ୟ କରିବେ । ପାରାଦୀପକୁ କେବଳ ଶିଳ୍ପସମୃଦ୍ଧ ଅଞ୍ଚଳ ନୁହେଁ, ପାରାଦୀପରେ ଗ୍ରୀନଫିଲଡ୍ ବିମାନ ବନ୍ଦର ପ୍ରତିଷ୍ଠା, ଭୁବନେଶ୍ୱର-ଖୋର୍ଦ୍ଧା-ଜଟଣୀ-କଟକ-ପାରାଦୀପ ଓ ପୁରୀକୁ ନେଇ ଏକ ମହାନଗରୀ ବିକଶିତ କରିବା, ଶିଳ୍ପ କରିଡର ପ୍ରସ୍ତୁତ କରିବା, ପାରାଦୀପ ବେଳାଭୂମିକୁ ପର୍ଯ୍ୟଟନର ବିକାଶ ଉପଯୋଗୀ କରିବା ଇତ୍ୟାଦି ଅନେକ ଯୋଜନା ଆମର ରହିଛି । ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲା ବିଶେଷକରି ପାରାଦୀପ ଅଞ୍ଚଳର ଅଭୁତପୂର୍ବ ବିକାଶ ଘଟିବ ।

ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପି. ଏଲ୍.ହରନାଧ ପ୍ରମୁଖ ମଞ୍ଚାସୀନ ଥିଲେ ।

▶▶ ୫

● **ବିଳମ୍ବରେ ଆସି ଶୀଘ୍ର ଚାଲିଯିବ ଶୀତ**

# ୩ରୁ ୪ ଡିଗ୍ରୀ କମିବ ରାତି ତାପମାତ୍ରା



**ଭୁବନେଶ୍ୱର,୪ା୧୧/ଏନ୍‌ଏନ୍‌ଏସ୍:**

ବିଳମ୍ବରେ ଆସି ଶୀଘ୍ର ଚାଲିଯିବ ଚଳିତବର୍ଷ ଶୀତ । ଏଥର ରାଜ୍ୟରେ ଶୀତର ଅବଧି କମ୍ ରହିବ । ମଝିରେ ମଝିରେ ଅଧିକ ଶୀତ ହେବାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟରେ କିନ୍ତୁ ସ୍ୱଳ୍ପ ଶୀତ ଅନୁଭବ ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ନଭେମ୍ବର ଆରମ୍ଭରୁ ହିଁ ଶୀତ ଗାଏବ ହୋଇଯାଇଥିବା ବେଳେ ୨ରୁ ୩ ଡିଗ୍ରୀ ତାପମାତ୍ରା କମିବା ସହ ଆଜିଠୁ ରାଜ୍ୟରେ ଥଣ୍ଡା ଅନୁଭୂତ ହେବ ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ । ମିଳିଥିବା ସୂଚନା ଅନୁସାରେ, ରାଜ୍ୟକୁ ଫେରୁଛି ଶୀତ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଓ ଉତ୍ତର ଆଭ୍ୟନ୍ତରୀଣ ବିଭିନ୍ନ ସ୍ଥାନରେ ଅନୁଭୂତ ହେବ ପ୍ରବଳ ଥଣ୍ଡା । ରାଜ୍ୟ ମଧ୍ୟକୁ ପ୍ରବେଶ କରୁଛି ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ-ଥଣ୍ଡା ବାୟୁ । ଏହାର ପ୍ରଭାବରୁ ୨ରୁ ୩ ଡିଗ୍ରୀ କମିବ ରାତ୍ରି ତପମାତ୍ରା । ଗତ ୨ତାରିଖରୁ ସାରା ରାଜ୍ୟରେ କମିଛି ରାତ୍ରି ତାପମାତ୍ରା । ଏହାକୁ ନେଇ ଆଗକୁ ରାଜ୍ୟରେ ଶୀତ ଅନୁଭୂତ ହେବ । ୨ରୁ ୩ ଦିନ ମଧ୍ୟରେ ୩ରୁ ୪ ଡିଗ୍ରୀ କମିବ ରାତ୍ରି ତାପମାତ୍ର । ଚଳିତବର୍ଷ ବିଳମ୍ବରେ ଆସି ଶୀଘ୍ର ଚାଲିଯିବ । ଶୀତର ଅବଧି କମ୍ ରହିବ । ଆଗାମୀ ୭ ଦିନ ପାଇଁ ରାଜ୍ୟରେ କୌଣସି ଓ୍ୱାର୍ଣ୍ଣିଂ ନଥିବା ବେଳେ ପାଗ ମୁଖ୍ୟତଃ ଶୁଖିଲା ରହିବ । 'ଅକ୍ଟୋବରରୁ ନଭେମ୍ବର ବାତ୍ୟାର ମାସ ହୋଇଥିବା ବେଳେ ବିଭିନ୍ନ ପାଣିପାଗ ନିୟାମକକୁ ନେଇ ଆଦ୍ରତାର ମାତ୍ର ଅଧିକ ରହୁଛି । ଯେଉଁଥି ପାଇଁ ବର୍ତ୍ତମାନ ବି

▶▶ ୫

**ଆଜିଠାରୁ ଐତିହାସିକ କଟକ ବାଲିଯାତ୍ରା**

# ଏଥର ଚିତ୍ତାକର୍ଷକ ଜଳକ୍ରୀଡ଼ା, ଲେଜର୍ ଶୋ'

**କଟକ,୪ା୧୧/ଏନ୍‌ଏନ୍‌ଏସ୍:**

- **ପୂର୍ବାପେକ୍ଷା ଅଧିକ ଚମକିକ ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ମଞ୍ଚ**
- **କରିସ୍ମା ଦେଖାଇବେ ବଲିଉଡ୍ ତାରକା ଶ୍ରେୟା ଘୋଷାଲ୍, ହର୍ଷଦୀପ କୌର୍ ଓ ରିଶି ସିଂ**

କଟକର ଐତିହାସିକ ବାଲିଯାତ୍ରା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଆଠଦିନ ଧରି ଚାଲିବାକୁ ଥିବା ଏସିଆର ସର୍ବବୃହତ୍ ମୁକ୍ତାକାଶ ଏହି ବାଣିଜ୍ୟିକ ମେଳା ପାଇଁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବ୍ୟବସାୟୀମାନେ ସେମାନଙ୍କ ସମସ୍ତ ପ୍ରସ୍ତୁତି କାର୍ଯ୍ୟକୁ ଶେଷ ସ୍ପର୍ଶ ଦେଇଛନ୍ତି । କେବଳ ଆସନ୍ତାକାଲିକୁ ଅପେକ୍ଷା । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହେଉଥିବା ଏହି ମେଳା ପ୍ରାତଃରୁ ହିଁ ଚଳଚଞ୍ଚଳ ହୋଇଉଠିବ । ହଜାର ହଜାର ଶ୍ରଦ୍ଧାଳୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ପୁଣ୍ୟତୋୟା ମହାନଦୀରେ ଡଙ୍ଗା ଭସାଇବା ପାଇଁ ଗଣଗଡ଼ିଆ ଘାଟ ବା ତଳ ବାଲିଯାତ୍ରା ପଡ଼ିଆରେ ରୁଣ୍ଡ ହେବେ । ଯଦିଓ ସନ୍ଧ୍ୟାରେ ଏହି ଯାତ୍ରା ଉଦ୍‌ଘାଟିତ ହେବ ତଥାପି ସକାଳୁ ହିଁ ବାଲିଯାତ୍ରାର ମହକ ବାରି ହୋଇପଡ଼ିବ । ଏଥର ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ନୂଆ ନୂଆ ଥିମ୍‌ରେ ଭିନ୍ନ ଧରଣର ଆର୍ଟ ହେଉଥିବା ବେଳେ ମହାନଦୀରେ ଚିତ୍ତାକର୍ଷକ ଜଳକ୍ରୀଡ଼ା ଏବଂ ଲେଜର୍ ଲାଇଟ୍ ଶୋ' ଦେଖିବାକୁ ମିଳିବ । ବାଲିଯାତ୍ରାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଉଦ୍ୟମ ଦେଉଥିବା ବେଳେ ୟୁନେସ୍କୋରୁ ଐତିହ୍ୟ ମେଳାର ମାନ୍ୟତା ପ୍ରଦାନ ଦିଗରେ ଅନ୍ୟତମ ପଦକ୍ଷେପ ବୋଲି କୁହାଯାଉଛି । ଅନ୍ୟତମ ଆକର୍ଷଣ ଭାବେ ଚଳିତବର୍ଷ ଚିତ୍ତାକର୍ଷକ ଲେଜର୍ ଲାଇଟ୍ ଶୋ' କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଜନା ହୋଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଉଛି । ୮ ଦିନ ହେବାକୁ ଥିବା ବାଲିଯାତ୍ରାରେ ୩ ଦିନ ଲେଜର୍ ଲାଇଟ୍ ଶୋ' ପ୍ରଦର୍ଶିତ ହେବ । ମହାନଦୀ ପାଣି ଯେପରି ଏକ ଜୀବନ୍ତ କାନ୍‌ଭାସ୍ ଭଳି ଇତିହାସ, ପୁରାଣ ଏବଂ ସଂସ୍କୃତିର ମିଶ୍ରଣରେ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ଗାଥା ଏହି ଶୋ' ମାଧ୍ୟମରେ ଦେଖିବାକୁ ମିଳିବ । ଏହା ସହ ସାଉଣ୍ଡ ଓ ଲାଇଟ୍ ମିଶ୍ରିତ ୩-ଡି ଆନିମେଟେଡ୍



ବିଷୟବସ୍ତୁର ବିଭିନ୍ନ ପ୍ରଦର୍ଶନ ଦେଖିବାକୁ ମିଳିବ । ମହାନଦୀରେ ଜଳକ୍ରୀଡ଼ା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛି । ଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତ୍ୟେକ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରିବା ଉପରେ ପ୍ରଶାସନ ଗୁରତ୍ୱ ଦେଇଛି । ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତ୍ତାକର୍ଷକ କରିବା, କଟକ-ଇନ୍-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତି କରାଯାଇଛି । ତଳପଡ଼ିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି । ବଲିଉଡ୍ ତାରକା ଶ୍ରେୟା ଘୋଷାଲ, ହର୍ଷଦୀପ କୌର, ରିଶି ସିଂଙ୍କ ସେମାନଙ୍କ ସ୍ୱରର ଯାଦୁ ପ୍ରଦର୍ଶନ କରିବେ । କଟକ-ଇନ୍-କଟକ ପାଭାଲିୟନ୍ ମଧ୍ୟରେ ଥିବା ସବୁ ଗଛକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଝଲକ ଏଥର ଦେଖିବାକୁ ମିଳିବ କଟକ-ଇନ୍-କଟକ ପାଭାଲିୟନ୍‌ରେ । ଭାଗବତଟୁଙ୍ଗୀ ଯାତ୍ରା ପଡ଼ିଆରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବ । ପାଠ୍ୟପୁସ୍ତକ ପ୍ରତିକୃତିକୁ ନେଇ ମୁଖ୍ୟ ଫାଟକ ତିଆରି କରାଯାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ୧ଲକ୍ଷ ସାହିତ୍ୟ ପୁସ୍ତକ ବଣ୍ଟନ କରାଯିବାର ଯୋଜନା ରହିଛି । କଟକ ଇନ୍ କଟକର 'ଓଡ଼ିଆ ଅସ୍ମିତା' ଥିମ୍‌ରେ ଗେଟ୍ ନିର୍ମାଣ କରାଯାଇଛି । ଏହି ଗେଟ୍‌ର ଉଚ୍ଚତା ୪୦ଫୁଟ ରହିଥିବାବେଳେ ଲମ୍ବ ୯୦ ଫୁଟ ରହିଛି । ଏହା ଉପରେ ଓଡ଼ିଶା ମାନଚିତ୍ର ନିର୍ମାଣ ହେବ । ତା'ଭିତରେ ଓଡ଼ିଆ ବର୍ଣ୍ଣମାଳା ସ୍ଥାନ ପାଇବ । ସେହିପରି ଗେଟ୍ କଡ଼ରେ କୋଣାର୍କଚକ୍ର ଶୋଭା ପାଇବ । ଏହାଛଡ଼ା ଓଡ଼ିଆ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ମଧ୍ୟ ଏହି ପାଭିଲିୟନ୍‌ରେ ସ୍ଥାନ ପାଇବ । ଚଳିତ ବର୍ଷ ପାଖାପାଖି ୨୫ଟି ଦୋଳି ପଡ଼ିବ । ଜାତୀୟ ପଲ୍ଲିଶ୍ରୀ ମେଳାରେ ୫୨୫ଟି ଷ୍ଟଲ୍ ଖୋଲାଯିବ । ନୂତନ ପରମ୍ପରା ଅନୁଯାୟୀ ବାଲିଯାତ୍ରା ଉଦଘାଟନୀ ଦିନ ଅତିଥିମାନେ ବୋଇତରେ ଆସିବେ । ଏଥିପାଇଁ ମହାନଦୀକୂଳରେ ବୋଇତ 'କଳିଙ୍ଗ ତରଙ୍ଗିଣୀ'ପୂର୍ବରୁ ଉଦ୍‌ଘାଟିତ ହୋଇଯାଇଛି । ବାଲିଯାତ୍ରା ପାଇଁ ସହରର ପ୍ରବେଶ ପଥ ସମେତ ବିଭିନ୍ନ ସ୍ଥାନରେ ସ୍ୱାଗତ ତୋରଣ ଲଗାଯାଇଛି । ଫୁଲନଖରା, ଜଗତପୁର, ନୂଆପାଟଣା, ସିଆର୍‌ଆର୍‌ଆଇ, ନିଆଳୀ, ଜୁଡ଼ିସିଆଲ୍ ଏକାଡେମୀ ଛକ ଓ ହାଇକୋର୍ଟ ଛକ ଆଦି ୧୦ଟି ସ୍ଥାନରେ ସ୍ୱାଗତ ତୋରଣ ଲାଗିଛି । ଏହି ତୋରଣରେ ସାଧବପୁଅଙ୍କ ନୌବାଣିଜ୍ୟ ଯାତ୍ରା, ବାଲିଯାତ୍ରାର ଐତିହ୍ୟ, କୋଣାର୍କ ଚକ୍ର ଓ ଓଡ଼ିଶା ସଂସ୍କୃତିର ଛିଟା ସ୍ଥାନ ପାଇଛି । ପଡ଼ିଆ ଜଗିବା ପାଇଁ ୬୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି ।



ବୋଇତ ବନ୍ଦାଣ ଉତ୍ସବ ପାଇଁ ଖୋର୍ଦ୍ଧା ରୋଡ୍ ରେଳ ଡିଭିଜନ୍‌ର କର୍ମଚାରୀ ଚନ୍ଦ୍ରକାନ୍ତ ରାଉତରାୟ ତିଆରି କରିଛନ୍ତି ନିଆରା ଢଙ୍ଗର ବୋଇତ

## ମଣ୍ଡଳ ପ୍ରବନ୍ଧକଙ୍କ ଖୋର୍ଦ୍ଧା ରୋଡ୍-କେରଜଙ୍ଗ ରେଳ ସେକ୍ସନ୍ ନିରୀକ୍ଷଣ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଆଜି ଖୋର୍ଦ୍ଧା ରୋଡ୍-କେରଜଙ୍ଗ (ଅନୁଗୁଳ) ରେଳ ସେକ୍ସନରେ ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ତାଙ୍କ ସହ ବରିଷ୍ଠ ମଣ୍ଡଳ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।



ଏହି ନିରୀକ୍ଷଣର ଉଦ୍ଦେଶ୍ୟ ଥିଲା ରେଳ ଚଳାଚଳର ସୁରକ୍ଷା ଓ ନିରାପତ୍ତା ସହ ଟ୍ରେନ ଚଳାଚଳ କ୍ଷେତ୍ରରେ ଏହି ସେକ୍ସନରେ ସୁଚାରୁ ଭାବେ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା। ନିରୀକ୍ଷଣ ସମୟରେ ରେଳ ଲାଇନ ଓ ସମ୍ବନ୍ଧିତ ଭିତ୍ତିଭୂମିକୁ ଭଲଭାବେ ପରୀକ୍ଷା କରାଯାଇଥିଲା। ନିରାପତ୍ତା ସମ୍ବନ୍ଧିତ ବିଭିନ୍ନ ଦିଗ ଯେପରିକି ରେଳପଥର ଭୌଗୋଳିକ ଗଠନ ଓ ସମନ୍ୱୟ, କ୍ରସିଂ ଓ ଟର୍ନଆଉଟ୍, ସେତୁ, ଛୋଟ ସଂରଚନା (କଲ୍‌ଭର୍ଟ), ସିଗ୍ନାଲ ଏବଂ ଇଣ୍ଟରଲକିଂ ପ୍ରଣାଳୀ, ଜଳ ନିଷ୍କାସନ ବ୍ୟବସ୍ଥା, ସୁରକ୍ଷା ପ୍ରାଚୀର ଓ ବାଡ଼ ଇତ୍ୟାଦି ତଦାରଖ କରାଯାଇଥିଲା। କଟକ ଓ ଅନୁଗୁଳ ମଧ୍ୟରେ ଥିବା ବୁଢ଼ାପଙ୍କ-ରାଜଆଠଗଡ଼-ଶାଳଗାଁ ରେଳ ସେକ୍ସନ୍‌ରେ ତୃତୀୟ ଓ ଚତୁର୍ଥ ରେଳଲାଇନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା ଯାହା ଦ୍ୱାରା ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ ହେବା, ରେଳପଥ କ୍ଷମତା ବୃଦ୍ଧି ଓ ରେଳ ଚଳାଚଳ କ୍ଷମତାର ଉନ୍ନତି ସୁନିଶ୍ଚିତ କରିବା ସମ୍ଭବ ହେବ। ଶ୍ରୀ ତ୍ରିପାଠୀ ମେରାମଣ୍ଡଳୀରେ ଥିବା ଟାଟା ଷ୍ଟିଲ୍ ଲିମିଟେଡ୍ (ଟିଏସଏଲ) ସାଇଡିଂ ଓ କେରଜଙ୍ଗ (ଅନୁଗୁଳ)ରେ ଥିବା ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟ ଲିମିଟେଡ୍ (ଜେଏସପିଏଲ) ସାଇଡିଂକୁ ମଧ୍ୟ ନିରୀକ୍ଷଣ କରି ଶିଳ୍ପ ଉଦ୍ୟୋଗ ସହିତ ସମନ୍ୱୟ ବୃଦ୍ଧି କରାଇ ପଣ୍ୟ ପରିବହନ ସୁଦୃଢ଼ କରିବା ବିଷୟରେ ଆଲୋଚନା କରିଥିଲେ। ଏହି ନିରୀକ୍ଷଣର ଉଦ୍ଦେଶ୍ୟ ଥିଲା ରେଳ ଯାତାୟାତର ନିରାପତ୍ତା ବୃଦ୍ଧି, ଭିତ୍ତିଭୂମି କାର୍ଯ୍ୟଗୁଡ଼ିକର ଉନ୍ନତିକରଣ କରିବା ସହ ଯାତ୍ରୀ, ସାଧାରଣ ଲୋକ ଓ ପଣ୍ୟ ଗ୍ରାହକମାନଙ୍କ ପାଇଁ ଉନ୍ନତ ସେବା ପ୍ରଦାନ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରାଇବା।

## ରାଜ୍ୟପାଳଙ୍କ କ୍ୟାପିଟାଲ ଗାର୍ଲ୍ସ ହାଇସ୍କୁଲ ପରିଦର୍ଶନ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ୟୁନିଟ୍-୨ସ୍ଥିତ କ୍ୟାପିଟାଲ ଗାର୍ଲ୍ସ ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍କୁଲର ସୁସ୍ଥ ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସ୍କୁଲ ଝିଅମାନଙ୍କର ରକ୍ତହୀନତା ଦୂର କରିବା ପାଇଁ ଛାତ୍ରୀମାନଙ୍କୁ ବିଟ୍-ଗାଜର ଜୁସ ଏବଂ ବାଦାମ ଚିକ୍କି ବଣ୍ଟନ କରି ରାଜ୍ୟପାଳ ଏକ ସ୍ୱତନ୍ତ୍ର ଦୁଇମାସିଆ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ପଦକ୍ଷେପ ଅଧିନରେ ସ୍କୁଲର ଛାତ୍ରୀମାନେ ଆଗାମୀ ଦୁଇମାସ ପାଇଁ ବିଟ୍-ଗାଜର ଜୁସ୍ ଓ ବାଦାମ ଚିକ୍କି ପାଇବେ। ରାଜ୍ୟପାଳ ଛାତ୍ରୀମାନଙ୍କ ସହିତ ବାର୍ତ୍ତାଳାପ କରି କିଶୋରୀ ଝିଅମାନଙ୍କ ମଧ୍ୟରେ ରକ୍ତହୀନତାର ସମସ୍ୟା ଉପରେ ଚିନ୍ତା ପ୍ରକଟ କରିଥିଲେ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟପାଳ କହିଥିଲେ ଯେ ସରଳ ଖାଦ୍ୟ ଅଭ୍ୟାସ ଜଣଙ୍କର ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ। ଗାଜର-ବିଟ୍ ଜୁସ୍ ଏବଂ ଚିକ୍କି ଭଳି ଖାଦ୍ୟ ସାମଗ୍ରୀ ହିମୋଗ୍ଲୋବିନ ସ୍ତରକୁ ଉନ୍ନତ କରିବାରେ ସରଳ, ସୁଲଭ ଓ ପ୍ରଭାବଶାଳୀ ହୋଇପାରିବ। ଝିଅମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ପାଇଁ ରାଜ୍ୟପାଳ ଉତ୍ସାହିତ କରି କହିଥିଲେ ଯେ ଦୁଇମାସ ପରେ ଯଦି ତୁମେ ଜାଣିବ ଯେ ତୁମର ହିମୋଗ୍ଲୋବିନ ସ୍ତରରେ ଉନ୍ନତି ହୋଇଛି, ତେବେ ପିତାମାତା/ଅଭିଭାବକଙ୍କୁ କହି ଏପରି ସୁସ୍ଥ ଖାଦ୍ୟାଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ଅମ୍ଳାନ କାର୍ଯ୍ୟକ୍ରମ ଏବଂ ସେମାନଙ୍କ ସ୍କୁଲରେ କରାଯାଇଥିବା ଚକ୍ଷୁ ପରୀକ୍ଷା ସମ୍ପର୍କରେ ଅଭିଜ୍ଞତା ବାଣ୍ଟିବା ସହିତ ରାଜ୍ୟପାଳଙ୍କ ସହ ସିଧାସଳଖ ଭାବ ବିନିମୟ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡା. ଏନ୍ ତିରୁମାଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କୋରକରା, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଓ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସବିତା କୁମାରୀ ପରିଡ଼ା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଉଦ୍ୟୋଗୀଙ୍କୁ ସଶକ୍ତ ଓ ସ୍ଥାୟୀ ଅଭିବୃଦ୍ଧିକୁ ଗୁରୁତ୍ୱ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ଟିୟର୍ ୨ ଓ ଟିୟର ୩ ସହରଗୁଡ଼ିକର ଉଦ୍ୟୋଗୀମାନଙ୍କୁ ସ୍ଥାୟୀ, ଟେକ୍ନୋଲୋଜି-ଭିତିକ ବ୍ୟବସାୟଗୁଡ଼ିକୁ ବିସ୍ତାର କରିବା ସହ ସ୍ଥାୟୀ ଅଭିବୃଦ୍ଧି ଦିଗରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ଭୁବନେଶ୍ୱରରେ ସର୍ବାଧିକ ଅଭିବୃଦ୍ଧି ଦେଖିବାକୁ ମିଳିଛି ବୋଲି ସଙ୍କେତ ଚୌଧୁରୀ କହିଛନ୍ତି। ଆଜି ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ, ପାର୍ବଣର ସପିଙ୍ଗ ଉତ୍ସାହ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ବର୍ଗଗୁଡ଼ିକରେ ବୃଦ୍ଧି ପରିଲକ୍ଷିତ କରିଛି। ସୁରତ ହେଉ କିମ୍ବା ମିରଟ କିମ୍ବା ଲକ୍ଷ୍ନୌ, ଭାରତର ନୂଆ ବାଣିଜ୍ୟ କେନ୍ଦ୍ରଗୁଡ଼ିକ ଦ୍ରୁତ ବେଗରେ ଇ-କମର୍ସ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ ହେଉଛନ୍ତି। ବିକ୍ରେତାଙ୍କୁ ଡିଜିଟାଲ ଟୁଲ, ଡାଟା ଓ ସ୍ୱଚ୍ଛ ପ୍ରକ୍ରିୟାଗୁଡ଼ିକ ପାଇଁ ଉପଲବ୍ଧତା କିଭଳି ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ଦ୍ରୁତ ବେଗରେ ବିଜନେସ ବୃଦ୍ଧି ପାଇଁ ସଶକ୍ତ କରିପାରୁଛି। ବାସ୍ତବ ସମୟର ବ୍ୟବସାୟିକ ତଥ୍ୟ ପ୍ରଦାନ କରୁଥିବା ଅନ୍ତର୍ନିହିତକାରୀ ସେଲର ଡ୍ୟାଶବୋର୍ଡ ଭଳି ପ୍ଲାଟଫର୍ମ ଏବଂ ମୂଲ୍ୟ ଓ ଚାହିଦା ଉପରେ ଡାଟା-ପରିଚାଳିତ ମାର୍ଗଦର୍ଶନ ପ୍ରଦାନ କରୁଥିବା ଏଆଇ-ପରିଚାଳିତ ଏନଏକ୍ସଟି ଇନ୍‌ସାଇଟ୍ସ ପ୍ଲାଟଫର୍ମ ସହିତ ଆମେ ସେଲରମାନଙ୍କୁ ସ୍ମାର୍ଟ ଓ ଅଧିକ ସୂଚିତ ନିଷ୍ପତି ନେବାରେ ସହଯୋଗ ମିଳୁଛି।

# ପର୍ବପର୍ବାଣୀ ସମୟରେ ବେଙ୍ଗାଲୁରୁକୁ ସ୍ୱତନ୍ତ୍ର ଟ୍ରେନ୍ ସେବା

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ପର୍ବପର୍ବାଣୀ ସମୟରେ ଯାତ୍ରୀ ଭିଡ଼ ବୃଦ୍ଧିକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ବେଙ୍ଗାଲୁରୁ ଓ ଦକ୍ଷିଣ ଭାରତ ମୁଖୀ ଯାତ୍ରୀମାନଙ୍କ ପାଇଁ ଅନେକ ଚାହିଦା ମୁତାବକ ସ୍ୱତନ୍ତ୍ର ଟ୍ରେନ୍ ସେବା ଚାଲୁ କରିଛି। ଏହି ସେବା ମାଧ୍ୟମରେ ଯାତ୍ରୀମାନେ ପର୍ବ ପରେ ସୁବିଧାଜନକ ଭାବରେ ନିଜର ଗନ୍ତବ୍ୟ ସ୍ଥଳକୁ ଫେରିପାରିବେ।




ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ମଧ୍ୟରେ ରହିଛି ଟ୍ରେନ୍ ନଂ. ୦୮୫୫୧/୦୮୫୫୨ ଆରକୁ-ୟେଲହଙ୍କା-ଆରକୁ ଟିଓଡ଼ି ସ୍ପେଶାଲ୍ ଭାୟା ଶ୍ରୀ ସତ୍ୟସାଇ ପ୍ରଶାନ୍ତି ନିଲୟମ୍। ଟ୍ରେନ୍ ନମ୍ବର ୦୮୫୫୧, ଅରକୁ-ୟେଲହଙ୍କା ଟିଓଡ଼ି ସ୍ପେଶାଲ, ୧୩ ଏବଂ ୨୩ ନଭେମ୍ବର ୨୦୨୫ ରେ ଦିବା ୧୨ଟାରେ ଅରକୁରୁ ଛାଡ଼ିବ ଏବଂ ପରଦିନ ସକାଳ ୧୦.୧୫ ଘଣ୍ଟାରେ ୟେଲହଙ୍କାରେ ପହଞ୍ଚିବ। ଫେରିବା ଦିଗରେ ୟେଲହଙ୍କା-ଅରକୁ ସ୍ପେଶାଲ, ଟ୍ରେନ ନଂ. ୦୮୫୫୨, ୧୪ ଏବଂ ୨୪ ନଭେମ୍ବରରେ ଦିନ ୧ଟା ୩୦ରେ ୟେଲହଙ୍କାରୁ ଛାଡ଼ିବ ଏବଂ ପରଦିନ ଦିନ ୨ଟା ୩୦ରେ ଅରକୁରେ ପହଞ୍ଚିବ। ଅନ୍ୟଟି ହେଲା ଟ୍ରେନ ନ. ଟ୍ରେନ୍ ନଂ. ୦୮୫୫୫/୦୮୫୫୬ ଆରକୁ-ୟେଲହଙ୍କା-ଆରକୁ ଟିଓଡ଼ି ସ୍ପେଶାଲ୍ ଭାୟା ଶ୍ରୀ ସତ୍ୟସାଇ ପ୍ରଶାନ୍ତି ନିଲୟମ୍। ଟ୍ରେନ ନଂ. ୦୮୫୫୫, ଅରକୁ-ୟେଲହଙ୍କା ଟିଓଡ଼ି ସ୍ପେଶାଲ୍ ଏକ୍ସପ୍ରେସ୍, ୧୭ ଏବଂ ୨୪ ନଭେମ୍ବରରେ ଦିନ ୧୨ଟାରେ ଅରକୁରୁ ଛାଡ଼ିବ ଏବଂ ପରଦିନ ସକାଳ ୧୦ଟା ୧୫ରେ ୟେଲହଙ୍କାରେ ପହଞ୍ଚିବ। ଫେରିବା ଦିଗରେ ୟେଲହଙ୍କା-ଅରକୁ ଟିଓଡ଼ି ସ୍ପେଶାଲ୍, ଟ୍ରେନ୍ ନଂ ୦୮୫୫୬, ୟେଲହଙ୍କାରୁ ୧୮ ଏବଂ ୨୫ ନଭେମ୍ବରରେ ଅପରାହ୍ଣ ୨ଟାରେ ଯାତ୍ରା କରିବ ଏବଂ ପରଦିନ ମଧ୍ୟାହ୍ନ ୨ଟା ୩୦ରେ ଅରକୁ ପହଞ୍ଚିବ। ଅରକୁ ଏବଂ ୟେଲହଙ୍କା ମଧ୍ୟରେ ଉପରୋକ୍ତ ଟ୍ରେନ୍‌ଗୁଡ଼ିକର ମୁଖ୍ୟ ରହଣି ସ୍ଥଳଗୁଡ଼ିକ ହେଉଛି ଦୁଭଭଡ଼ା, ରାଜମଣ୍ଡ୍ରି, ବିଜୟୱାଡା, ଗୁଣ୍ଟୁର, ଧର୍ମବରମ ଏବଂ ଶ୍ରୀ ସତ୍ୟସାଇ ପ୍ରଶାନ୍ତି ନିଲୟମ୍। ଅନ୍ୟ ଏକ ଟ୍ରେନ୍ ହେଲା ଟ୍ରେନ୍ ନମ୍ବର ୦୮୫୫୩ ଶ୍ରୀକାକୁଲମ୍ ରୋଡ୍-ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ, ପାର୍ବଣ ସ୍ପେଶାଲ୍ ଏକ୍ସପ୍ରେସ୍, ଶ୍ରୀକାକୁଲମ୍ ରୋଡରୁ ଅପରାହ୍ଣ ୩ଟା ୩୦ ୨୧ ନଭେମ୍ବରରେ ପ୍ରସ୍ଥାନ କରିବ ଏବଂ ପରଦିନ ବେଙ୍ଗାଲୁରୁ କ୍ୟାଣ୍ଟନ୍‌ମେଣ୍ଟ୍‌ରେ ମଧ୍ୟାହ୍ନ ୨ଟା ୪୫ରେ ପହଞ୍ଚିବ। ଫେରିବା ଦିଗରେ ଟ୍ରେନ୍ ନଂ୦୮୫୫୪ ବେଙ୍ଗାଲୁରୁ କ୍ୟାଣ୍ଟନ୍‌ମେଣ୍ଟ୍- ଶ୍ରୀକାକୁଲମ୍ ରୋଡ୍, ବେଙ୍ଗାଲୁରୁ କ୍ୟାଣ୍ଟନ୍‌ମେଣ୍ଟ୍‌ରୁ ୨୪ ନଭେମ୍ବରରେ ଅପରାହ୍ଣ ୨ଟା ପ୍ରସ୍ଥାନ କରି ପରଦିନ ସନ୍ଧ୍ୟା ୫ଟାରେ ଶ୍ରୀକାକୁଲମ୍ ରୋଡ୍‌ରେ ପହଞ୍ଚିବ।

ଶ୍ରୀକାକୁଲମ୍ ଏବଂ ବେଙ୍ଗାଲୁରୁ ମଧ୍ୟରେ ପ୍ରମୁଖ ରହଣି ସ୍ଥଳଗୁଡ଼ିକ (ଉଭୟ ପଟୁ) ହେଉଛି ବିଜୟନଗରମ୍, ବିଶାଖାପାଟଣା, ଦୁଭଭଡା,ରାଜମଣ୍ଡ୍ରି, ବିଜୟୱାଡା, ଗୁଣ୍ଟୁର, ଧର୍ମବରମ ଏବଂ ଶ୍ରୀ ସତ୍ୟସାଇ ପ୍ରଶାନ୍ତି ନିଲୟମ। ଅନ୍ୟ ଏକ ଟ୍ରେନ୍ ହେଲା ଟ୍ରେନ୍ ନଂ ୦୮୪୬୩ ଭୁବନେଶ୍ୱର-ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ, ଟିଓଡ଼ି ସ୍ପେଶାଲ୍ ଏକ୍ସପ୍ରେସ୍ ଭୁବନେଶ୍ୱରରୁ ସକାଳ ୬ଟା ୧୫ରେ ୧୬ ନଭେମ୍ବରରେ ପ୍ରସ୍ଥାନ କରିବ ଏବଂ ପରଦିନ ସକାଳ ୧୧ଟା ୧୫ରେ ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟରେ ପହଞ୍ଚିବ। ଫେରିବା ଦିଗରେ ଟ୍ରେନ୍ ନଂ ୦୮୪୬୩ ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ- ଭୁବନେଶ୍ୱର ଟିଓଡ଼ି ସ୍ପେଶାଲ୍, ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟରୁ ୨୦ ନଭେମ୍ବରରେ ସକାଳ ୫ଟା ୩୦ ଘଟିକାରେ ପ୍ରସ୍ଥାନ କରି ପରଦିନ ସକାଳ ୧୦ଟା ୧୫ ଘଟିକାରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ଟ୍ରେନ୍‌ର ଉଭୟ ପଟୁ ପ୍ରମୁଖ ରହଣି ସ୍ଥଳ ହେଉଛି ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପାଳାସା, ବିଜୟନଗରମ୍, ଦୁଭଭଡ଼ା, ରାଜମଣ୍ଡ୍ରି, ବିଜୟୱାଡା, ଧର୍ମଭାରାମ ଏବଂ ଶ୍ରୀ ସତ୍ୟସାଇ ପ୍ରଶାନ୍ତ ନିଲୟମ। ଅନ୍ୟ ଏକ ଟ୍ରେନ୍ ହେଉଛି ଟ୍ରେନ ନ. ୦୮୩୩୫/୦୮୩୩୬ ସମ୍ବଲପୁର-ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ- ସମ୍ବଲପୁର, ଟିଓଡ଼ି ସ୍ପେଶାଲ୍ ଭାୟା ଶ୍ରୀ ସତ୍ୟସାଇ ପ୍ରଶାନ୍ତି ନିଲୟମ୍। ଟ୍ରେନ୍ ନମ୍ବର ୦୮୩୩୫, ସମ୍ବଲପୁର-ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ, ଟିଓଡ଼ି ସ୍ପେଶାଲ୍, ତାରିଖ ୨୦ ନଭେମ୍ବରରେ ସକାଳ ୬ଟା ୩୦ରେ ସମ୍ବଲପୁରରୁ ଛାଡ଼ିବ ଏବଂ ପରଦିନ ୧୧ଟା ୧୫ରେ ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟରେ ପହଞ୍ଚିବ। ଫେରିବା ଦିଗରେ ଟ୍ରେନ୍ ନମ୍ବର ୦୮୩୩୬ ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ-ସମ୍ବଲପୁର, ୨୪ ନଭେମ୍ବରରେ ସକାଳ ୫ଟା ୩୦ରେ ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ୍‌ରୁ ଛାଡ଼ିବ ଏବଂ ପରଦିନ ମାଧାହ୍ନ ୧୨ଟାରେ ସମ୍ବଲପୁରରେ ପହଞ୍ଚିବ। ସମ୍ବଲପୁର ଏବଂ ବେଙ୍ଗାଲୁରୁ ମଧ୍ୟରେ ମୁଖ୍ୟ ରହଣି ସ୍ଥଳଗୁଡ଼ିକ (ଉଭୟ ପଟୁ) ହେଉଛି ବଲାଙ୍ଗୀର, ଟିଟିଲାଗଡ଼, ରାୟଗଡ଼ା, ବିଜୟନଗରମ୍, ଦୁଭଭଡା ବିଜୟୱାଡା, ଧର୍ମଭାରାମ ଏବଂ ଶ୍ରୀ ସତ୍ୟସାଇ ପ୍ରଶାନ୍ତ ନିଲୟମ। ଟ୍ରେନ୍ ନମ୍ବର ୦୮୪୪୫ , କଟକ-ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ, ପାର୍ବଣ ସ୍ପେଶାଲ୍, ୨୧ ନଭେମ୍ବରରେ ସକାଳ ୫ଟାରେ କଟକରୁ ପ୍ରସ୍ଥାନ କରିବ ଏବଂ ପରଦିନ ସକାଳ ୧୦ଟା ୪୫ ଘଟିକାରେ ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟରେ ପହଞ୍ଚିବ। ଫେରିବା ଦିଗରେ ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟ-କଟକ, ଟ୍ରେନ୍ ନଂ. ୦୮୪୪୬, ୨୫ ନଭେମ୍ବରରେ ସକାଳ ୫ଟା ୩୦ରେ ବେଙ୍ଗାଲୁରୁ କ୍ୟାଣ୍ଟନମେଣ୍ଟରୁ ଛାଡ଼ିବ ଏବଂ ପରଦିନ ସକାଳ ୧୧ଟା ୩୦ରେ କଟକରେ ପହଞ୍ଚିବ। କଟକ ଏବଂ ବେଙ୍ଗାଲୁରୁ ମଧ୍ୟରେ ପ୍ରମୁଖ ରହଣି ସ୍ଥାନଗୁଡ଼ିକ ହେଉଛି (ଉଭୟ ପଟୁ) ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପାଲାସା, ବିଜୟନଗରମ୍, ବିଜୟନଗରମ୍, ଦୁଭଭଡା, ବିଜୟୱାଡା, ଧର୍ମଭାରାମ ଏବଂ ଶ୍ରୀ ସତ୍ୟସାଇ ପ୍ରଶାନ୍ତ ନିଲୟମ। ଯାତ୍ରୀମାନଙ୍କୁ ଏହି ସ୍ୱତନ୍ତ୍ର ଟ୍ରେନ୍ ସମ୍ପର୍କିତ ଅନ୍ୟାନ୍ୟ ସୂଚନା ପାଇଁ ଭାରତୀୟ ରେଳବାଇର ସରକାରୀ ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଇଛି ଏବଂ ଏକ ଅସୁବିଧାମୁକ୍ତ ଯାତ୍ରା ପାଇଁ ଟ୍ରେନ୍ ସେବାର ଲାଭ ଉଠାଇପାରିବେ।

## ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ପଞ୍ଚଦଶ ଶତାବ୍ଦୀର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଶିରୋମଣି ଦାସିଆଙ୍କ ପବିତ୍ର ଜୟନ୍ତୀ ଉତ୍ସବ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ବାଲିଗାଁଠାରେ ଭକ୍ତଙ୍କ ଜନ୍ମ ଓ ସାଧନା ପୀଠରେ ପାଳିତ ହୋଇଯାଇଛି। ପ୍ରାତଃ ୬ଟାରୁ ଭକ୍ତଙ୍କ ସମାଧି ପୀଠରେ ଭକ୍ତ ଦାସିଆ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ତଥା ନିକଟବର୍ତ୍ତୀ ଅଞ୍ଚଳର ବହୁ ଧର୍ମ ପରାୟଣ ବ୍ୟକ୍ତିମାନେ ପୁଷ୍ପ ମାଲ୍ୟାର୍ପଣ, ବେଦ, ଗୀତା ପାଠ ଓ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ନଗର ସଂକୀର୍ତ୍ତନ, ଅଖଣ୍ଡ ମହାମନ୍ତ୍ର ଜପ ସହିତ ପୀଠସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ମଙ୍ଗଳ ଆଳତୀ, ସକାଳ ଧୂପ, ମଧ୍ୟାହ୍ନ ଧୂପ ସହିତ ପାର୍ଶ୍ୱ ଦେବାଦେବୀଙ୍କ ସମସ୍ତ ପୂଜାକର୍ମ ସମ୍ପାଦିତ ହୋଇଥିଲା। ସ୍ମୃତି କମିଟି ଦ୍ୱାରା ଆୟୋଜିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ଡଃ ପ୍ରତିଭା ମହାରଥୀ ଅଧ୍ୟକ୍ଷତା କରି ଶ୍ରୀଜଗନ୍ନାଥ ସଂସ୍କୃତିରେ ଭକ୍ତ ଦାସିଆଙ୍କ ଅବଦାନ ବିଭିନ୍ନ ଉପାଖ୍ୟାନ ଦେଇ ସ୍ମୃତିଚାରଣ କରିଥିଲେ। ଭୁବନେଶ୍ୱରର କେୟାର ହସ୍ପିଟାଲର ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡାକ୍ତର ବିପିନି ବିହାରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱରର ପ୍ରାକ୍ତନ କୁଳପତି ଡଃ ରାଜେନ୍ଦ୍ର ପ୍ରସାଦ ମହାନ୍ତି ମୁଖ୍ୟବକ୍ତା ଭାବେ ଭକ୍ତଙ୍କ ସ୍ମୃତିଚାରଣ




କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା କିଟ୍ +୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଚିତ୍ତ ରଞ୍ଜନ ମିଶ୍ର, ଡେଲାଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସମାନ୍ତରାୟ ଏବଂ ୱାଲ୍‌ଲେଟ ଫର୍ ଓଏଲଥ୍ ମ୍ୟାନେଜମେଟ୍‌ର ମ୍ୟାନେଜିଙ୍ଗ ଡାରେକ୍ଟର୍ ତ୍ରିନାଥ ଲେଙ୍କା ସମ୍ମାନିତ ଅତିଥିଭାବେ ଯୋଗଦେଇ ଭକ୍ତ ଦାସିଆ କାୟ ମନୋବାକ୍ୟରେ କିଭଳି ସମ୍ପୂର୍ଣ୍ଣଭାବେ ପ୍ରଭୁଙ୍କ ଶ୍ରୀପୟରେ ସମର୍ପିତ ଥିଲେ ତାହା ବର୍ଣ୍ଣନା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡଃ. ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁ ଧନ୍ୟବାଦ୍ ଦେଇଥିଲେ। ଆଧାତ୍ମିକ ତ୍ରୟୋମାସିକ ପତ୍ରିକା 'ଭାବକୁ ନିକଟ'ର ୧୦ମ ବର୍ଷର ୪ର୍ଥ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ଶିଶୁ କଣ୍ଠଶିଳ୍ପୀମାନେ ଏକତ୍ରିତ ହୋଇ ଭଜନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରୀ ଡ୍ୟାନ୍ସ୍ ଏକାଡେମୀର ପରିଚାଳନା ନିର୍ଦ୍ଦେଶକ ଡଃ ନାରାୟଣ ପାଣ୍ଡେ ଓ ତାଙ୍କର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ଅର୍ଜ୍ଜୁନ ଚରଣ ସାମଲ, ଡଃ. ବାସନ୍ତୀ ଦାସ, ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର, ଅକ୍ଷୟ କୁମାର ସାହୁ, ପ୍ରତାପ ଚନ୍ଦ୍ର ସିଂ, ବିଶିଷ୍ଟ ସଂଗୀତଜ୍ଞ ଅଜୟ ଦାସ, ଆଞ୍ଚଳିକ କମିଟିର ସଦସ୍ୟ ସ୍ୱୟଂ ପ୍ରକାଶ ପରିଡ଼ା, ରମେଶ ଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ପରିଡ଼ା, କୃଷ୍ଣଚନ୍ଦ୍ର ଲେଙ୍କା, କବିନ୍ଦ୍ର ବେହେରା, ଗିରିଧାରୀ ପଲାଇ, ରାଜନ ଛାଟୋଇ, ସାଗର ବଳ ତଥା ବାଲିଗ୍ରାମର ଗ୍ରାମବାସୀ ପରିଚାଳନା ଦାୟିତ୍ୱରେ ଅଂଶଗ୍ରହଣ କରିଥିଲେ।

## ଇଂରାଜୀ କବିତା ପୁସ୍ତକ 'ପଜିଟିଭ୍ ଫିଲିଙ୍ଗସ୍' ଉନ୍ମୋଚିତ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ଇଂରାଜୀ କବି କିଶୋର କୁମାର ଦାସଙ୍କ ଦ୍ୱାରା ରଚିତ 'ପଜିଟିଭ ଫିଲିଙ୍ଗସ୍' କବିତା ପୁସ୍ତକ ସୋମବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ କାର୍ଯ୍ୟକ୍ରମରେ ରେଭେନ୍ସା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗର ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ, ଓଡ଼ିଆ ଭାଷା ଗବେଷଣା କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ବସନ୍ତ କୁମାର ପଣ୍ଡା ଏବଂ ପିଆଇବି ଭୁବନେଶ୍ୱରର ଅଧିକାରୀ ତଥା ବିଶିଷ୍ଟ ଆଧ୍ୟାତ୍ମବାଦୀ ଲେଖକ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ଏବଂ ବିନୋଦ ବିହାରି ବିଷୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ପୁସ୍ତକକୁ ଉନ୍ମୋଚ୍ନ କରିଥିଲେ।

ଏହି ସଂକଳନରେ ସ୍ଥାନିତ କବିତାଗୁଡ଼ିକ ଉପରେ ଆଲୋଚନା କରି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଲେ ଯେ ଆମର ବେଦ ଉପନିଷଦରେ ସକାରାତ୍ମକ ଭାବନାକୁ ଭିନ୍ନ ଶୈଳୀରେ ଓ ଅର୍ଥରେ ନାନାଦି କ୍ଷେତ୍ରରେ ବ୍ୟାଖ୍ୟା କରାଯାଇଛି। ତାହା ସୁଖଦୁଃଖର ଅନୁଭବଠାରୁ ଚିଦାନନ୍ଦ ମାନସିକତା ପର୍ଯ୍ୟନ୍ତ ପରିବ୍ୟାପ୍ତ। ପ୍ରଫେସର ଅସୀମ ପାଢ଼ୀ କହିଲେ ଯେ ସଂକଳନରେ ସ୍ଥାନ ପାଇଥିବା କବିତାଗୁଡ଼ିକରେ କବି ଶ୍ରୀ ଦାସ ନିଜର ଅନୁଭବ ଓ ଉପଲବ୍ଧିକୁ ସୁନ୍ଦର ଭାବରେ ପ୍ରତିଫଳିତ କରିଛନ୍ତି। ଏହାର ଉଦାହରଣ ଦେଇ ସେ କହିଥିଲେ ଯେ କବି ଜଣେ ସାଧାରଣ ବ୍ୟକ୍ତି ଭାବରେ ଜୀବନ ବଞ୍ଚିବା ଓ ତାହାର ସ୍ୱାଦକୁ ଅନୁଭବ କରିବାର ଅବତାରଣା କରିଛନ୍ତି। କବି ସାହିତ୍ୟ ସାଧନାରୁ ବାହାରି ସମାଜ ତଥା ଜୀବନରେ ଅନୁଭବ କରୁଥିବା ସମସ୍ୟା ଓ ତା'ର ସମାଧାନ ଦିଗରେ ଆଲୋକପାତ କରିଛନ୍ତି। ଅନ୍ୟତମ ସମୀକ୍ଷକ ଡ଼ଃ ପ୍ରଦୀପ କୁମାର ଚୌଧୁରୀ କହିଥିଲେ ଯେ କବିତା ଜଣେ ସୃଜନ ସ୍ରଷ୍ଟାର ଅନ୍ତରରୁ ନିଃସୃତ ହୋଉଥିବା ବିଶୁଦ୍ଧଭାବନା। ଉଭୟ ସ୍ରଷ୍ଟା ଓ ପାଠକ ତଥା ସମାଜକୁ ଶୁଦ୍ଧ କରିବାରେ ସହାୟକ ହୋଇଥାଏ। କାର୍ଯ୍ୟକ୍ରମର ଅନ୍ୟ ଅଲୋଚକ ଭାବେ ନିଜର ବକ୍ତବ୍ୟ ରଖି ଡ଼. ବସନ୍ତ କୁମାର ପଣ୍ଡା ଭାରତୀୟ ଦର୍ଶନର ନ୍ୟାୟ ଓ ମୀମାଂସା ଏବଂ ଭଗବତଗୀତାର ଅବତାରଣା କରିଥିଲେ। ମଣିଷ ଏକ ଶୁଦ୍ଧ ଓ ଆନନ୍ଦମୟ ଜୀବନ ବଞ୍ଚିବାର ପ୍ରକ୍ରିୟାରେ ତା'ର ସମସ୍ତ ଶ୍ରମ ଓ ସାଧନ ଉପଯୋଗ କରିଥାଏ। ତେଣୁ ଆଜିର କୋଳାହଳମୟ ଦୁନିଆରେ ସମସ୍ତେ ଚେନାଏ ସକାରାତ୍ମକ ଭାବନା ଓ ଆନନ୍ଦ ପାଇଁ ପ୍ରୟାସରତ ବୋଲି ମତ ପୋଷଣ କରିଥିଲେ। ପ୍ରାରମ୍ଭରେ କବି ଶ୍ରୀ ଦାସ ନିଜ ସୃଜନ ଜୀବନ ପାଇଁ ପାଇଥିବା ପ୍ରେରଣା ଏବଂ ପ୍ରକୃତି ପ୍ରତି ନିଜ ମନର ଆକର୍ଷଣକୁ ବେଶ୍ ସାବଲୀଳ ଭାବେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ତୁଷାର ଚରଣ ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଲେଖକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସୁସ୍ଥ ଶରୀର ପାଇଁ ଉପଯୁକ୍ତ ଆହାର ପ୍ରତି ଗୁରୁତ୍ୱ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ଋତୁ ବଦଳିବା ସହିତ ତାପମାତ୍ରାରେ ବାରମ୍ବାର ପରିବର୍ତ୍ତନ, ଆଲର୍ଜେନଗୁଡିକ ପ୍ରତି ଅଧିକ ଏକ୍ସପୋଜର ଓ ଦୈନିକ ରୁଟିନରେ ପରିବର୍ତ୍ତନ ରୋଗ ପ୍ରତିରୋଧକ ପ୍ରଣାଳୀକୁ ପ୍ରଭାବିତ କରିପାରେ। ଯାହା ଆମକୁ ଥଣ୍ଡା, ଜ୍ୱର ଓ ଥକ୍କାପଣ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ। ନ୍ୟୁଟ୍ରିସ୍‌ନିଷ୍ଟ ରିତିକା ସମାଦାର କହିଛନ୍ତି, ଏହି ପରିବର୍ତ୍ତନଶୀଳ ସମୟରେ ଆପଣଙ୍କର ରୋଗ ପ୍ରତିରୋଧକ କ୍ଷମତାକୁ ସୁଦୃଢ଼ କରିବା ସୁସ୍ଥ ଓ ଶକ୍ତିସମ୍ପନ୍ନ ରହିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଏକ ମଜଭୁତ ରୋଗ ପ୍ରତିରୋଧକ ପ୍ରଣାଳୀ ଏକ ସନ୍ତୁଳିତ ଆହାର, ଉତ୍ତମ ଅଭ୍ୟାସ ଓ ଏକ ସୁସ୍ଥ ଜୀବନଶୈଳୀ ସହ ଆରମ୍ଭ ହୋଇଥାଏ। ନିଜ ଆହାରରେ ସବୁଜ ପନିପରିବା, ମାଛ ଓ ବାଦାମଭଳି ପୋଷଣଯୁକ୍ତ ଖାଦ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ସହିତ ନିଜ ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ କରିବା ପାଇଁ ହାଲୁକା ବ୍ୟାୟାମ କରନ୍ତୁ। ବିଶେଷକରି ନିଜ ରୁଟିନ୍‌ରେ ଗୋଟିଏ ସରଳ ଓ ପ୍ରଭାବୀ ଯୋଗ ହେଉଛି ବାଦାମ ଯାହା ବୃହତ ରୋଗ ପ୍ରତିରକ୍ଷା ଲାଭଗୁଡ଼ିକରେ ପରିପୂର୍ଣ୍ଣ ରହିଥାଏ। ଏଥିରେ ଭିଟାମିନ୍ ଇ ଓ ଜିଙ୍କରେ ପରିପୂର୍ଣ୍ଣ ରହିଛି ଯାହା ରୋଗ ପ୍ରତିରୋଧକ ପ୍ରଣାଳୀ ପାଇଁ ଏକ ଢାଲ ଭଳି କାର୍ଯ୍ୟ କରିଥାଏ। ଋତୁକାଳୀନ ପରିବର୍ତ୍ତନର ମୁକାବିଲା କରିବାରେ ସାହାଯ୍ୟ କରିବା ପାଇଁ ପ୍ରତିଦିନ ୭ରୁ ୮ ଘଣ୍ଟା ଶୋଇବା ଉଚିତ। ସେହିପରି ତାପମାତ୍ରା କମିବା ପରେ ଅନେକ ଲୋକ ପାଣି ପିଇବା କମାଇ ଦେଇଥାନ୍ତି। କିନ୍ତୁ ସଠିକ ମାତ୍ରାରେ ପାଣି ପିଇବା ମଧ୍ୟ ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି।


## କେୟାର୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଷ୍ଟ୍ରୋକ୍ ଦିବସ




**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ବିଶ୍ୱ ଷ୍ଟ୍ରୋକ ଦିବସ ୨୦୨୫ ଅବସରରେ କେୟାର ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ 'ପ୍ରତି ମିନିଟ୍ ଗୁରୁତ୍ୱପୂର୍ଣ୍ଣ ଷ୍ଟ୍ରୋକକୁ ଚିହ୍ନଟ କରନ୍ତୁ, ତୁରନ୍ତ କାପଦକ୍ଷେପ ନିଅନ୍ତୁ' ବିଷୟରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାର ଉଦ୍ଦେଶ୍ୟ ଜଣସାଧାରଣଙ୍କୁ ଷ୍ଟ୍ରୋକର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ, ତୁରନ୍ତ ଚିକିତ୍ସା ଓ ଜୀବନଶୈଳୀର ସଠିକ ପରିବର୍ତ୍ତନ ଦ୍ୱାରା ଷ୍ଟ୍ରୋକ ସମ୍ପର୍କିତ ଅସମର୍ଥତାକୁ ରୋକିବା ବିଷୟରେ ସଚେତନ କରିବା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁସାରେ, ଷ୍ଟ୍ରୋକ ବିଶ୍ୱସ୍ତରରେ ମୃତ୍ୟୁର ପ୍ରମୁଖ କାରଣମାନଙ୍କ ମଧ୍ୟରୁ ଗୋଟିଏ ଏବଂ ଦୀର୍ଘକାଳୀନ ଅସମର୍ଥତାର ମୁଖ୍ୟ ଯୋଗଦାନକାରୀ। ଭାରତରେ ମଧ୍ୟ ଏହା ମୃତ୍ୟୁର ପ୍ରମୁଖ କାରଣମାନଙ୍କ ମଧ୍ୟରେ ରହିଛି, ଯେଉଁଠାରେ ଗ୍ରାମାଞ୍ଚଳରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୨୬୨ ଓ ସହର ଅଞ୍ଚଳରେ ୪୨୪ ଲୋକ ପ୍ରଭାବିତ ହେଉଛନ୍ତି। ଷ୍ଟ୍ରୋକ ହେଉଛି ଯେତେବେଳେ ମସ୍ତିଷ୍କକୁ ଯାଉଥିବା ରକ୍ତ ପ୍ରବାହ ବନ୍ଦ ହୋଇଯାଏ କିମ୍ବା ରକ୍ତନଳୀ ଫାଟିଯାଏ, ଫଳରେ ମସ୍ତିଷ୍କ କୋଷକୁ କ୍ଷତି ହୁଏ। ସାଧାରଣ ଲକ୍ଷଣମାନେ ହେଲେ – ହଠାତ୍ ଦୁର୍ବଳତା, ମୁହଁ ବଙ୍କା ହୋଇଯିବା, ଉଚ୍ଚାରଣରେ ଅସୁବିଧା ହେବା, ସମତା ହରାଇବା କିମ୍ବା ଅଚେତ ହୋଇଯିବା। ପ୍ରମୁଖ ବିପଦପୂର୍ଣ୍ଣ କାରଣଗୁଡ଼ିକ ହେଲା – ରକ୍ତଚାପ, ଡାଏବେଟିସ୍, ମେଦବହୁଳତା, ଧୂମପାନ, ମଦ୍ୟପାନ ଓ ହୃଦରୋଗ। ଡା. ବିକାଶ କୁମାର ମିଶ୍ର, କ୍ଲିନିକାଲ୍ ଡିରେକ୍ଟର ଓ ବିଭାଗୀୟ ମୁଖ୍ୟ – ନ୍ୟୁରୋସାଇନ୍‌ସ, କେୟାର ହସ୍ପିଟାଲ୍ କହିଛନ୍ତି ଯେ ପୃଥିବୀରେ ପ୍ରତି ଛଅ ଜଣ ମଧ୍ୟରୁ ଜଣେ ଷ୍ଟ୍ରୋକର ଶିକାର ହୁଅନ୍ତି। ଯଦି କାହାର ମୁହଁ ବଙ୍କା ହେଉଛି, ହାତ ଦୁର୍ବଳ ହେଉଛି କିମ୍ବା କଥା କହିବାରେ ଅସୁବିଧା ହୁଏ, ତେବେ ତୁରନ୍ତ ହସ୍ପିଟାଲ୍‌କୁ ଯାଆନ୍ତୁ। କିସଲୟ ଆନନ୍ଦ, ଜେଡ୍‌ସିଓଓ ତୁରନ୍ତ ଚିକିତ୍ସାର ଗୁରୁତ୍ୱ ବିଷୟରେ କହିଛନ୍ତି ଯେ ଷ୍ଟ୍ରୋକ ପରିଚାଳନା ପାଇଁ ନ୍ୟୁରୋଲଜିଷ୍ଟ ଇଣ୍ଟରଭେସନାଲ୍ ରେଡିଓଲଜିଷ୍ଟ, କ୍ରିଟିକାଲ୍ କେୟାର ଓ ନ୍ୟୁରୋ ଆନାସ୍ଥେସିଆ ବିଶେଷଜ୍ଞମାନଙ୍କ ଏକ ଦଳୀୟ ପ୍ରୟାସ ଦରକାର। କାର୍ଯ୍ୟକ୍ରମରେ ଡା. ଆମ୍ବରଞ୍ଜନ ଦାଶ (ନ୍ୟୁରୋସର୍ଜେରି), ଡା. ସୁଶାନ୍ତ ଦାସ (ନ୍ୟୁରୋସର୍ଜେରି), ଡା. ମିତାଲି କର (ନ୍ୟୁରୋଲଜି) ଓ ଡା. ସୁଚରିତା ଆନନ୍ଦ (ନ୍ୟୁରୋଲଜି), ଚିକିତ୍ସାକର୍ମୀ ଓ ଅଣ ଚିକିତ୍ସାକର୍ମୀ ଅଂଶଗ୍ରହଣ କରିଥିଲେ।

# ଜିନ୍ଦଲ୍ ଷ୍ଟେନ୍‌ଲେଶ୍ ପକ୍ଷରୁ ପ୍ରୋଜେକ୍ଟ 'ସକ୍ଷମ୍'ର ଶୁଭାରମ୍ଭ

**ଦାନଗଦି, ଯାଜପୁର,୪।୧୧/ଏନ୍ଏନ୍ଏସ୍:** ରାଜ୍ୟର ଅଗ୍ରଣୀ ଶିଳ୍ପ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ସହିତ ମିଳିତ ଭାବରେ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ଦାନଗଦି ସ୍ଥିତ ଦାନଗଦୀ ଭବନ ପରିସରରେ ପ୍ରୋଜେକ୍ଟ 'ସକ୍ଷମ' ଉଦ୍‌ଘାଟିତ ହୋଇଯାଇଛି। ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବ। ଏହି ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଦୃଢ଼ କରିବା ପାଇଁ ଚାଲିଥିବା ପ୍ରୟାସରେ ଆଉ ଏକ ମାଇଲଖୁଣ୍ଟ। ଜିନ୍ଦଲ ଷ୍ଟେନଲେସ୍ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଏହାର ଯାଜପୁର ପ୍ଲାଣ୍ଟ ଆଖପାଖରେ ଥିବା ୩୦ଟି ଗ୍ରାମରେ ୩,୨୦୦ ମହିଳାଙ୍କୁ ନେଇ ୩୦୦ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିଷ୍ଠା କରିଛି। ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ମହିଳାମାନଙ୍କୁ ଆୟ ସୃଷ୍ଟିକାରୀ




ତାଲିମ୍, ନଥିପତ୍ର ପ୍ରସ୍ତୁତି ତାଲିମ୍, ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ପରିଦର୍ଶନ କରାଇବା, ସରକାରୀ ସୁବିଧା ସୁଯୋଗ ପାଇବା ପାଇଁ ଉପଯୁକ୍ତ ମାର୍ଗଦର୍ଶନ ଏବଂ ବ୍ୟାଙ୍କ ଋଣ ପାଇବାରେ ସହାୟତା ପ୍ରଦାନ ଆଦି କାର୍ଯ୍ୟକ୍ରମ କରାଯାଉଛି। ୨୦୦୮ ମସିହାରୁ ଜିନ୍ଦଲ ଷ୍ଟେନଲେସ୍ ଏହି ଅଞ୍ଚଳରେ ସ୍ଥାୟୀ ବିକାଶକୁ ଆଗେଇ ନେବା ପାଇଁ ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣରେ ପ୍ରମାଣିତ ବିଶେଷଜ୍ଞତା ଥିବା ଏକ ସଂଗଠନ, ମହାଶକ୍ତି ଫାଉଣ୍ଡେସନ୍ ସହିତ ସହଭାଗିତା କରିଛି। ଏହି ଦୀର୍ଘକାଳୀନ ସହଯୋଗ ଉପରେ ଆଧାରିତ ହୋଇ ମହାଶକ୍ତି ଫାଉଣ୍ଡେସନ୍ ଏକ ନୂତନ ପ୍ରୟାସ - 'ସକ୍ଷମ' ନାମକ ଏକ ପ୍ରକଳ୍ପର ଆରମ୍ଭ କରିଛି ଯାହାର ଲକ୍ଷ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀ-ଭିତ୍ତିକ କାର୍ଯ୍ୟକଳାପର ପ୍ରଭାବକୁ ଗଭୀର କରିବା ଏବଂ ମହିଳାମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା। କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ପ୍ରଦୀପ କୁମାର ସେଠୀ, ମଣ୍ଡଳ ବିକାଶ ଅଧିକାରୀ, ଦାନଗଦୀ ବ୍ଲକ, ନନ୍ଦିନୀ ଲେଙ୍କା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପ୍ରଶାନ୍ତ କୁମାର ରାୟ, ସମବାୟ ମନ୍ତ୍ରୀଙ୍କ ପ୍ରତିନିଧି, ହେମନ୍ତ କୁମାର ବାହାଲିଆ, ସିଏସ୍‌ଆର୍ ପ୍ରତିନିଧି, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍, ସତ୍ୟଜିତା ଷଡ଼ଙ୍ଗୀ, ପ୍ରକଳ୍ପ ପରିଚାଳିକା, ମହାଶକ୍ତି ଫାଉଣ୍ଡେସନ୍। ଏଠାରେ ୮ଟି ଗାଁର ୧୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିବା ୨୧୦ ଜଣ ମହିଳା ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଜୟ ଢୋଲକିଆ ଓ ତାଙ୍କ ମାଆଙ୍କ ମନ୍ତବ୍ୟ ଭିତ୍ତିହୀନ ଓ ଦୁର୍ଭାଗ୍ୟଜନକ: ଲେଖାଶ୍ରୀ



**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ତାଙ୍କ ମାଆ ଆଜି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଯେଉଁ ଅରୁଚିକର, ତଥ୍ୟ ବିହୀନ ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଭିତ୍ତିହୀନ ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତ୍ରୀ ଡ଼ ଲେଖାଶ୍ରୀ ସାମନ୍ତସିଂହାର । ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଦଳ ବଦଳାଇବା ପରେ ବିଜେଡି ବିରୋଧରେ ଅମୂଳକ ମନ୍ତବ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି । ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଡ଼ା ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ଜୟ ଢୋଲକିଆ ନିଜ ସ୍ୱାର୍ଥ ପାଇଁ କୌଣସି ଦଳକୁ ବି ଯାଇପାରିବେ । କିନ୍ତୁ ନିଜ ସ୍ୱାର୍ଥ ସାଧନ ପାଇଁ ଯେଉଁ ଦଳ ସହିତ ତାଙ୍କ ବାପାଙ୍କ ପରିଚୟ ଥିଲା, ଯେଉଁ ନେତାଙ୍କ ସହ ସ୍ୱର୍ଗତ ରାଜୁ ଭାଇ ଦୀର୍ଘ ଦିନ ଧରି କାମ କରିଥିଲେ, ନିଜ ଆନୁଗତ୍ୟ ପ୍ରକାଶ କରି ଆସୁଥିଲେ, ସେହି ଦଳକୁ ହଠାତ୍ କୁତ୍ସାରଟନା କରିବା ହୀନମାନ୍ୟତାର ପରିଚୟ । ଏହାକୁ ହୀନ ରାଜନୀତି ବୋଲି କୁହାଯିବ ।

ରାଜୁ ଭାଇ ତିନି ଥର ବିଧାୟକ ହୋଇଛନ୍ତି, ନବୀନ ବାବୁଙ୍କ ସରକାରରେ ମନ୍ତ୍ରୀ ହୋଇଛନ୍ତି । ଆଜି ଯେଉଁମାନେ ବିଜେଡି ସହ ରାଜୁ ଭାଇଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଉଛନ୍ତି, ସେମାନଙ୍କୁ କହିବାକୁ ଚାହୁଁ, ବିଜେଡିର ଆଶୀର୍ବାଦ ବିନା ସେ ବିଧାୟକ ହୋଇଥିଲେ କି ? ନବୀନ ବାବୁଙ୍କ ସହଯୋଗ ବିନା ସେ କିପରି ମନ୍ତ୍ରୀ ହେଲେ । ଶେଷ ପର୍ଯ୍ୟନ୍ତ ନବୀନ ବାବୁଙ୍କ ସହ ରାଜୁ ଭାଇଙ୍କର ଉତ୍ତମ ସମ୍ପର୍କ ଥିଲା । ନିର୍ବାଚନ ପରାଜୟ ଭୟରେ ଜୟଙ୍କୁ ନେଇ ଏକ ହୀନ ରାଜନୀତିର କାର୍ଡ ଖେଳାଯାଇଛି । ରାଜୁ ଭାଇ ଚେନ୍ନାଇରେ ଚିକିତ୍ସିତ ହେଉଥିବା ବେଳେ ପ୍ରତ୍ୟେକ ଦିନ ନବୀନ ନିବାସରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରାଯାଉଥିଲା । ସେଠାରେ ତାଙ୍କର ଭଲ ଚିକିତ୍ସା ପାଇଁ ବିଜେଡି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ପରେ ନବୀନ ବାବୁ ନିଜ ଚିକିତ୍ସା ପାଇଁ ମୁମ୍ବାଇ ଗଲେ । ସେ ସମୟରେ ଦୁର୍ଭାଗ୍ୟବଶତଃ ରାଜୁ ଭାଇଙ୍କର ପରଲୋକ ହେଲା । ଏହାପରେ ତାଙ୍କ ମରଶରୀରକୁ ନୂଆପଡ଼ା ଆଣିବା ପାଇଁ ନବୀନ ବାବୁଙ୍କ ନିର୍ଦ୍ଦେଶକ୍ରମେ ଚାର୍ଟାର୍ଡ ବିମାନର ବ୍ୟବସ୍ଥା କରାଯାଇଥିଲା । ତାଙ୍କ ମୃତଦେହ ଆସିବା ପରେ ଅନ୍ତ୍ୟେଷ୍ଟି କ୍ରିୟା କେବଳ ବିଜେଡି ସହଯୋଗରେ ହୋଇଥିଲା । ଏକାଦଶାହରେ ଦଳର ବହୁ ତୁଙ୍ଗ ନେତା ଉପସ୍ଥିତ ଥିଲେ ଏବଂ ନବୀନ ବାବୁ ଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗ ଦେଇଥିଲେ । ଜୟ ଢୋଲକିଆ କେବଳ କାହା ଦ୍ୱାରା ପ୍ରେରିତ ହୋଇ ବିଜେଡି ବିରୋଧରେ ଅଣଦେଖା ଅଭିଯୋଗ କରୁଛନ୍ତି । ବିଜେପିର ପ୍ରାର୍ଥୀ ହେଲା ପରେ ଜୟ ବିଜେଡି ବିରୋଧରେ ବିଷୋଦଗାର କରୁଛନ୍ତି ବୋଲି ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ଉପସ୍ଥିତ ଥିଲେ ।

# ଆଦିବାସୀ ଜନଜାତି ଓ ଦଳିତ ସମାଜକୁ ନେଇ ବିଜେପି ସମାବେଶ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପ୍ରଚାରରେ ବିଜେପି ନେତା, ମନ୍ତ୍ରୀ, ସାଂସଦ ଓ ବିଧାୟକ ଦଳୀୟ ପଦାଧିକାରୀଙ୍କ ଭିଡ଼ ଜମିବାରେ ଲାଗିଛି । ନିର୍ବାଚନ ପ୍ରଚାରରେ ସମସ୍ତ ଅଞ୍ଚଳକୁ ପହଞ୍ଚିବା ସହିତ ସମାଜର ସମସ୍ତ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବାକୁ ଲାଗି ପଡ଼ିଛି ବିଜେପି । ଆଜି ନୂଆପଡ଼ା ନିର୍ବାଚନ ମଣ୍ଡଳୀର କୋମନା ବ୍ଲକ ମୁନିଗୁଡା ଖେଳପଡ଼ିଆରେ ଆଦିବାସୀ, କିଶାନ, ମିର୍ଦ୍ଧା, ମାଟିଆ ଓ କୋଡା ସମାଜଙ୍କ ଦ୍ୱାରା ଆୟୋଜିତ ସମାବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ସରକାରଙ୍କ ଅନେକ ମନ୍ତ୍ରୀ ଯୋଗ ଦେଇଥିଲେ । ଉପସ୍ଥିତ ମନ୍ତ୍ରୀମାନେ ନିଜ ନିଜର ନିର୍ବାଚନୀ ଅଭିଭାଷଣ ରେ ମୋଦୀ ଓ ମୋହନ ସରକାର ଙ୍କ ଡବଲ ଇଞ୍ଜିନ ସରକାର ରେ ହେଉଥିବା ଡବଲ ଗତିର ବିକାଶ ହେଉଛି ବୋଲି କହିଥିଲେ । ଡବଲ୍ ଇଞ୍ଜିନ୍ ସରକାର ଯେପରି ଓଡ଼ିଶାର ସମଗ୍ର ଉନ୍ନୟନ ଓ ଆଦିବାସୀ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇ ପରିବର୍ତ୍ତନ ଆଣୁଛନ୍ତି, ତାହାର ପ୍ରଭାବ ଜନମାନସରେ ସ୍ପଷ୍ଟ ଭାବେ ଦେଖାଯାଉଛି ବୋଲି କହିଥିଲେ । ଏହି ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ, ରବି ନାୟକ, ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ପ୍ରଦୀପ ପୁରୋହିତ, ବଳଭଦ୍ର ମାଝି, ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ମିର୍ଦ୍ଧା ସମାଜର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମାଝୀଙ୍କ ସହିତ ସମାଜର ନେତୃମଣ୍ଡଳୀ, ସ୍ଥାନୀୟ ଜନପ୍ରତିନିଧି ଓ ଆଦିବାସୀ ଜନସାଧାରଣ ଉପସ୍ଥିତ ଥିଲେ । ସମସ୍ତେ ନିଜ ନିଜ ବକ୍ତବ୍ୟରେ ବିଜେପିର ଦୁର୍ନୀତି, ଭ୍ରଷ୍ଟାଚାର ମୁକ୍ତ ସୁଶାସନ ଓ ବିକାଶକୁ ଆଧାର କରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ ।



# ଜୟ ଓ ତାଙ୍କ ମାଆ ଆଣିଥିବା ଅଭିଯୋଗକୁ ଖଣ୍ଡନ କଲେ ଲେନିନ୍

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ାରେ ନିର୍ବାଚନ ପ୍ରଚାର ସଭାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ବେଇମାନି ମନ୍ତବ୍ୟ ଉପରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ମାଆ କଳ୍ପନା ଢୋଲକିଆଙ୍କ ମନ୍ତବ୍ୟ ଉପରେ କଡ଼ା ପ୍ରତିକ୍ରିୟା ରଖିଛି ବିଜେଡି । ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରାଜୁ ଢୋଲକିଆଙ୍କ ଚିକିତ୍ସା ସମୟରେ ବିଜେଡି ତାଙ୍କୁ ଅଣଦେଖା କରିଥିଲା ବୋଲି ଉଭୟ ଜୟ ଓ ତାଙ୍କ ମା ଆଜି ଅଭିଯୋଗ କରିଥିଲେ ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଜୟ ଓ ତାଙ୍କ ମାଆ ଆଣିଥିବା ଅଭିଯୋଗକୁ ଦୃଢ଼ ଖଣ୍ଡନ କରିଥିଲେ । ଡ଼. ମହାନ୍ତି କହିଥିଲେ, ଗତକାଲି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନ ସଭାରେ ବିଶାଳ ଜନସମାଗମ ଦେଖି ଜୟ ଢୋଲକିଆ ଓ ବିଜେପି ଆତଙ୍କିତ ହୋଇଛନ୍ତି । ତେଣୁ ଆଜି ଜୟ ତାଙ୍କ ବାପାଙ୍କୁ ଶେଷ ସମୟରେ ବିଜେଡି ଅଣଦେଖା କରିଥିଲା ବୋଲି ମିଛ ଅଭିଯୋଗ ଆଣିଛନ୍ତି । ନିଜ ଅସୁସ୍ଥତା ସତ୍ତ୍ୱେ ବିଧାୟକ ରାଜୁ ଢୋଲକିଆଙ୍କ ସ୍ୱାସ୍ଥ୍ୟ ବିଷୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିୟମିତ ଖବର ରଖୁଥିଲେ । ତାଙ୍କ ଦେହାନ୍ତ ହେବା ପରେ ଦଳ ତରଫରୁ ଆବଶ୍ୟକ ସହଯୋଗର ହାତ ବଢ଼ାଇବା ସହିତ ତାଙ୍କର ଶୁଦ୍ଧିକ୍ରିୟାରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ନିଜେ ଭର୍ଚୁଆଲରେ ଯୋଗଦେଇ ଶୋକବାର୍ତ୍ତା ପ୍ରଦାନ କରିଥିଲେ । ଅପରପକ୍ଷରେ ଜୟ ଢୋଲକିଆ ବିଜେଡିର ପ୍ରାର୍ଥୀ ହେବା ପାଇଁ ନିଜର ଇଚ୍ଛା ପ୍ରକାଶ କରିବା ସହିତ ତାଙ୍କର ବିଜେପିରେ ଯୋଗଦେବା ଚର୍ଚ୍ଚାକୁ ଖଣ୍ଡନ କରିଥିଲେ । ଏହାପରେ ବିଜେଡି ତରଫରୁ ହୋଇଥିବା ପଦଯାତ୍ରା ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଜୟ ଓ ତାଙ୍କ ମାଆ ଯୋଗ ଦେଇଥିଲେ । କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ସେ ରାତାରାତି ମତ ପରିବର୍ତ୍ତନ କରି ବିଜେପିରେ ଯୋଗଦେଲେ, ତାହା ଆଜି ବି ପ୍ରଶ୍ନବାଚୀ ହୋଇ ରହିଛି । ଏହାକୁ ବେଇମାନି କୁହାଯିବନି ତ ଆଉ କ'ଣ କୁହାଯିବ ? ବେଇମାନି କାମ କରିଲ, ବେଇମାନ କହିଲେ ବାଧୁଛି କାହିଁକି ? ନିଜ କୁକର୍ମ ଧରାପଡ଼ି ଯିବାରୁ ଲୋକଙ୍କ ଆଗରେ ମିଛ କଥା କହୁଛ ବୋଲି ଡ଼ ମହାନ୍ତି କହିଥିଲେ । ସୁଲତା ଦେଓ କହିଥିଲେ, କଳ୍ପନା ଢୋଲକିଆଙ୍କ ସହିତ ବିଜେଡିର ପାରିବାରିକ ସମ୍ପର୍କ ଥିଲା । ମୁଁ ତାଙ୍କୁ ଭାଉଜ ବୋଲି ସମ୍ବୋଧନ କରେ । ସମ୍ପର୍କ ଆଜି ମଧ୍ୟ ରହିଛି । ବିଜୁ ଜନତା ଦଳ ଢୋଲକିଆ ପରିବାର ସହିତ ସମ୍ପର୍କ କାଟିନାହିଁ । କେଉଁ କାରଣରୁ, କେଉଁ ପରିସ୍ଥିତିରେ ଜୟ ଢୋଲକିଆ ବିଜେପିରେ ଯୋଗଦେଲେ, ସେ ନିଜେ ଭଲ ଭାବରେ ଜାଣିଥିବେ । ଏହାଛଡା, ବିଜେପିଠାରୁ ମୋଟା ଅଙ୍କର ଅର୍ଥ ନେଇ ବିଜେପିରେ ଜୟ ଯୋଗ ଦେଇଛନ୍ତି ବୋଲି ହେଉଥିବା ଅଭିଯୋଗକୁ ଶ୍ରୀମତୀ ଢୋଲକିଆ ଖଣ୍ଡନ କରିଥିଲା ବେଳେ ଏହା ବିଜେଡିର ଅଭିଯୋଗ ନୁହେଁ ବୋଲି ଶ୍ରୀମତୀ ଦେଓ କହିଥିଲେ । ସେ ଆହୁରି କହିଥିଲେ, ୧୬ ମାସର ଡବଲ ଇଞ୍ଜିନ ସରକାରଙ୍କ ବିଫଳତାକୁ ନୂଆପଡ଼ାବାସୀଙ୍କ ଆଗରେ ଆମ ନେତା ନବୀନ ପଟ୍ଟନାୟକ ରଖିଥିଲେ । ମିଛ ପ୍ରତିଶ୍ରୁତି ଦେଇ ବିଜେପି କିପରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛି, ତାହା ପ୍ରକାଶ କରିଥିଲେ । ଭୋଟ ଚୋରି ପରେ ବିଜେପି ପ୍ରାର୍ଥୀ ଚୋରି କରିଛି ।



# କଂଗ୍ରେସର ଅଭିଯୋଗ: ଅମର ବିଜେପିରେ ମିଶିବା ଦୁଇ ଦଳର ଡିଲ୍

**ଭୁବନେଶ୍ୱର,ନୂଆପଡ଼ା,୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ା ଖୁଣ୍ଟିଆ ଭବନଠାରେ ପିସିସି ମିଡିଆ ସେଲ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଡ଼ଃ. ଦେବାଶିଷ ପଟ୍ଟନାୟକ ବିଜେପି ବିଜେଡିଙ୍କ ଭାତୃପ୍ରେମ ଏବଂ କେତେ ନିବିଡ଼ ତାହା ପ୍ରକାଶ କରିଛନ୍ତି । ଡଃ. ପଟ୍ଟନାୟକ କହିଥିଲେ, ଅମର ପଟ୍ଟନାୟକଙ୍କୁ ପାଞ୍ଚଜଣ ଲୋକ ଚିହ୍ନିବେ କି ନାହିଁ ସନ୍ଦେହ । ସେ ବିଜେପିରେ ମିଶିବାର ମାତ୍ର ଘଣ୍ଟାକ ପୂର୍ବରୁ ବିଜେଡି ସାମାଜିକ ଗଣମାଧ୍ୟମରେ ଉଦ୍‌ବୋଧନ ଦେଉଥିଲେ । କିନ୍ତୁ ଏକ ଫୋନ୍ ଆସିଲା ପରେ ବାବୁ ବିଜେପି ଅଫିସ୍ ହାଜର ହୋଇ ଗେରୁଆ ପିନ୍ଧିଲେ । ପ୍ରଧାନମନ୍ତ୍ରୀଙ୍କ ଭାଷଣ ମତେ ଆକୃଷ୍ଟ କରିଥିଲା ବୋଲି ଗୀତ ଗାଇଲେ ।

ବିଜେପିକୁ ସେ ଯେତେ ଗାଳିଗୁଲଜ କରିଛନ୍ତି ତା' ସତ୍ତ୍ୱେ ମଧ୍ୟ ବିଜେପି ତାଙ୍କୁ ନିଜ ଦଳକୁ ନେବା ଆଶ୍ଚର୍ଯ୍ୟ ବିଷୟ । ହୁଏତ ଗାଳିଗୁଲଜ କଲେ ବିଜେପି ତାହା ପ୍ରଶଂସା ବୋଲି ବିଚାର କରୁଥାଇପାରେ । ସେ ରାଜ୍ୟସଭା ସାଂସଦ ହୋଇ ମୁଖପାତ୍ର ମଧ୍ୟ ଥିଲେ ଏବଂ ସେ ସମୟରେ ବିଜେପିର ପ୍ରତ୍ୟେକ କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରୁଥିଲେ । ଏପରିକି ବିଜେପି ତାହା ଖଣ୍ଡନ କରିବା ପାଇଁ ଅନେକ ସମୟରେ ବିବୃତ୍ତି ମଧ୍ୟ ରଖୁଥିଲା । ନୂଆପଡ଼ାରେ ପ୍ରାର୍ଥୀ ଅଦଳବଦଳ ଏବଂ ପ୍ରଚାର ପ୍ରସାର ଦେଖିଲେ ସାଧାରଣ ବ୍ୟକ୍ତିଟିଏ ମଧ୍ୟ କହିଦେବ ବିଜେପି ବିଜେଡି ଭାଇଭାଇ ବୋଲି । ନୂଆଦିଲ୍ଲୀରେ କେତେବେଳେ ଡିଲ୍ ହେଉଛି ତ କେତେବେଳେ ଭୁବନେଶ୍ୱରରେ ଡିଲ୍ ହେଉଛି । ନବୀନ ବାବୁ ସବୁ ଜାଣନ୍ତି ନ ଜାଣିଲା ଭଳି ବ୍ୟବହାର କରନ୍ତି । ଅମର ପଟ୍ଟନାୟକ ବିଜେପି ଯିବା ଏଇ ଡିଲ ଅନ୍ତର୍ଗତ । ବିଜେଡି ବିଜେପି ସହିତ ନାହିଁ ବୋଲି ଲୋକଙ୍କ ଧାରଣା ନଆସୁ ସେଥିପାଇଁ ନୂଆପଡ଼ା ଗସ୍ତ କରିଥିଲେ । ନୂଆପଡ଼ା ଗସ୍ତକଲେ କ'ଣ ନୂଆପଡ଼ା ବିଜେଡି କର୍ମକର୍ତ୍ତାଙ୍କ ସାଥିରେ କରାଯାଇଥିବା ବିଶ୍ୱାସଘାତକତା ଲିଭିଯିବ । ବିଜେପି କେବଳ ଚୋରି ଡକାୟତି ଓ ଭୟ ବଳରେ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି । ଭୋଟ୍ ଚୋରି ପୁଣି ପ୍ରାର୍ଥୀଚୋରି ତ କେତେବେଳେ କଂଗ୍ରେସ ଅଫିସ୍ ଉପରେ ପୁଲିସ ଚଢ଼ଉତ କେତେବେଳେ ବିଜେପି ବିଧାୟକଙ୍କ ପିଏସ ଓ ଲୋକଙ୍କୁ ଭୟଭୀତ କରିବା ପାଇଁ ଫାଙ୍କା ଗୁଳିଚାଳନା କରୁଛି । କଂଗ୍ରେସ ପ୍ରାର୍ଥୀ ଆଦିବାସୀ ନେତା ନୂଆପଡ଼ା ମାଟିର ସନ୍ତାନ । ତାଙ୍କ ଲୋକପ୍ରିୟତା ଏବଂ ପିସିସି ସଭାପତିଙ୍କ ସାଧାରଣ ଜନତାଙ୍କ ସହିତ ସୁସମ୍ପର୍କ ତଥା ତାଙ୍କ ଅକ୍ଳାନ୍ତ ପରିଶ୍ରମ ଦେଖି ବିଜେପି ଛାନିଆ ହୋଇଯାଉଛି । କିନ୍ତୁ ନୂଆପଡ଼ାବାସୀ ଜାଣନ୍ତି ନୂଆପଡ଼ାର ବିକାଶ ଓ ଆଦିବାସୀଙ୍କ ଉନ୍ନତି କେବଳ କଂଗ୍ରେସ ଓ ଘାସିରାମ ମାଝୀ କରିପାରିବେ । ଘାସିରାମଙ୍କ ବିଜୟ ହେବ ବୋଲି ଡଃ. ପଟ୍ଟନାୟକ କହିଛନ୍ତି । ନୂଆପଡ଼ା କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ରଙ୍କ ସଂଯୋଜନାରେ ଆଜିର ସାମ୍ବାଦିକ ସମ୍ମିଳନୀରେ ଯୁବନେତା ମୂରଲୀଧର ନାୟକ, ପୂର୍ବତନ ବିଧାୟକ ବିନୋଦ ପାତ୍ର ଓ ପିସିସି ୱାରରୁମ ସଦସ୍ୟ ଶାନ୍ତନୁ ସାହୁ ଉପସ୍ଥିତ ଥିଲେ ।




# ଗାଁକୁ କାମ, ମା'ଙ୍କୁ ସମ୍ମାନ ପାଇଁ ଘରକୁ ଘର ବୁଲି ଭୋଟ୍ ମାଗିଲେ ସ୍ନେହାଙ୍ଗିନୀ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ମା'ଙ୍କୁ ସମ୍ମାନ, ଗାଁକୁ କାମ ମିଳିବ । ଅଟକି ଯାଇଥିବା ମହିଳା ସଶକ୍ତୀକରଣ ପୁଣି ଆଗକୁ ବଢ଼ିବ । ନୂଆପଡ଼ାବାସୀଙ୍କୁ ସେମାନଙ୍କ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ । ଚାଷୀଙ୍କ ପାଇଁ ଆମେ ସ୍ୱର ଉଠାଇବୁ । ମଙ୍ଗଳବାର ବିଜୁ ଜନତା ଦଳର ପ୍ରାର୍ଥିନୀ ନୂଆପଡ଼ା ବ୍ଲକରେ ଜିଲ୍ଲାପରିଷଦ ଜୋନ୍-୮ର ୫ଟି ଗ୍ରାମପଞ୍ଚାୟତରେ ବିଜେଡି ସପକ୍ଷରେ ଭୋଟ୍ ମାଗିବା ଅବସରରେ ଏହି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ।

ସ୍ନେହାଙ୍ଗିନୀ ଛୁରିଆ ଆଜି କୁଲିଆବନ୍ଧା, ଭାନପୁର, ବିରମୋଲ, ଜାମପାଣି ଓ ଗୋଦଫୁଲ୍ଲା ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିବା ଅବସରରେ ଲୋକଙ୍କ ଦ୍ୱାରା ବେଶ୍ ଆଦର ଓ ଆଶୀର୍ବାଦ ଲାଭ କରିଥିଲେ । ଏହି ଅବସରରେ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ଶୁଣିଥିଲେ । ଅଞ୍ଚଳର ବିକାଶ ପାଇଁ କ'ଣ ଆବଶ୍ୟକ ପଚାରି ବୁଝିଥିଲେ । ନବୀନ ବାବୁଙ୍କ ସମୟରେ ହୋଇଥିବା ବିକାଶମୂଳକ କାମ ପାଇଁ ସେମାନେ ଏଥର ମଧ୍ୟ ବିଜେଡିକୁ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଜେଡିର ବରିଷ୍ଠ ନେତା ଡ଼ ଅରୁଣ ସାହୁଙ୍କ ସହ ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି, ପ୍ରଶାନ୍ତ ବେହେରା ଓ ସାରଦା ଜେନା ବିଜେଡିକୁ ଭୋଟ୍ ଦେଇ ନବୀନ ବାବୁଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବାକୁ ଆହ୍ୱାନ ଜଣାଇଥିଲେ । ଶ୍ରୀମତୀ ଛୁରିଆଙ୍କୁ ସ୍ଥାନୀୟ ଲୋକେ କୃଷି ଉତ୍ପାଦନ ବୃଦ୍ଧି ଓ ବିପଣନ ବୃଦ୍ଧି ସମ୍ପର୍କରେ ଜଣାଇବା ସହିତ ସହଯୋଗ କାମନା କରିଥିଲେ । ଏହି ପ୍ରଚାର ଅଭିଯାନରେ ଛୁରିଆ କୁଲିଆବନ୍ଧା, ଭାନପୁର, ବିରମୋଲ, ଜାମପାଣି ଓ ଗୋଦଫୁଲ୍ଲା ପଞ୍ଚାୟତର ଅନେକ ସ୍ଥାନୀୟ ଗ୍ରାମକୁ ଯାତ୍ରା କରି ବିଜେଡି ସରକାରଙ୍କ ସଫଳ ଗାଥା ଦୋହରାଇଥିଲେ । କୁଲିଆବନ୍ଧାରେ ସେ ବୋଥା, ଘେରେଣ୍ଡିହୀ, ସେନଭଟା, ଧନୋରା, କୁଲିଆବନ୍ଧା ଓ ଧୁମାଧତା ଗ୍ରାମଗୁଡ଼ିକୁ ଯାଇ ପ୍ରଚାର କରିଥିଲେ । ଭାନପୁରରେ ସେ ମାସାଙ୍କୁଣ୍ଡା, ଚୁହୁରା, ଟିଂଚୁଆନ, ରାଣିଦର୍ହା ଓ ଭାନପୁର, ବିରମୋଲରେ ବିରୋମାଲ ଓ ଦରଲିନୂଆପଡ଼ାରେ ସେ ପ୍ରଚାର କରିଥିଲେ । ସେହିପରି ଜାମପାଣିରେ ଚିଚିରିପାଣି, ତୋଙ୍ଗୋପାଣି, ଚିନ୍ଧିପାଣି ଓ ଜାମପାଣି ଗ୍ରାମରେ ପ୍ରଚାର କରିଥିଲେ । ଗୋଦଫୁଲ୍ଲାରେ ସେ ପାଗରପାଣି, ଜୁନାନୀ, ଗୋଦଫୁଲ୍ଲା ଓ ଭେରା ଗ୍ରାମକୁ ଯାଇ ଲୋକଙ୍କୁ ଭେଟିଥିଲେ ।





# ସେନା ଗୁଳିରେ ୪ କୁକି ଆତଙ୍କୀ ନିହତ



**ଇମ୍ଫାଲ, ୪।୧୧/ଏଜେନ୍ସି:** ମଣିପୁରରେ ପୁଣିଥରେ ସେନା ଯବାନ୍ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ଏବଂ ଏଥିରେ ୪ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଏଠାରେ ଥିବା ଏକ ଗାଁରେ କିଛି ଆତଙ୍କବାଦୀ ଲୁଚି ରହିଥିବା ନେଇ ସେନାକୁ ଗୁପ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି ସେନାଯବାନ୍‌ଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍ କରାଯାଇଥିଲା। ଏହି ସମୟରେ ଲୁଚି ରହିଥିବା ଆତଙ୍କବାଦୀମାନେ ଯବାନ୍‌ଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଅନ୍ୟପକ୍ଷେ ସେନା ଯବାନ୍ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ହିଁ ୪ ଆତଙ୍କବାଦୀ ଟଳିପଡ଼ିଥିଲେ। ସବୁଠୁ ବଡ଼କଥା ହେଉଛି ମୃତ ୪ ଆତଙ୍କବାଦୀ ୟୁନାଇଟେଡ୍ କୁକି ନ୍ୟାସନାଲ୍ ଆର୍ମି (ୟୁକେଏନ୍‌ଏ)ର ସଦସ୍ୟ ଥିବା ସୂଚନା ମିଳିଛି। ୟୁକେଏନ୍‌ଏର ଆତଙ୍କବାଦୀ କିଛିଦିନ ପୂର୍ବରୁ ଜଣେ ଗ୍ରାମମୁଖ୍ୟଙ୍କୁ ହତ୍ୟା କରିବା ପୂର୍ବକ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା ଭଳି ଘଟଣା ଘଟାଇଥିଲେ। ୟୁକେଏନ୍‌ଏର ଏପ୍ରକାର ନାରକୀୟ ଘଟଣା ପରେ ଆସାମ ରାଇଫଲ୍ସ ଓ ଉତ୍ତର-ପୂର୍ବ ସେଣ୍ଟିନେଲ୍ସ ଏହି ଅଭିଯାନ ଆରମ୍ଭ କରିଥିଲେ। ମଣିପୁରର ଚୁରାଚାନ୍ଦପୁର ଜିଲାରୁ ୮୦କିମି ଦୂରରେ ଥିବା ଖାନପି ଗାଁର ଏକ ଘରେ ୧୭ ଜଣ ୟୁକେଏନ୍‌ଏ ଆତଙ୍କବାଦୀ ଆଶ୍ରୟ ନେଇଥିବାର ଖବର ପାଇ ସେନାମାନେ ସେଠାରେ ପହଞ୍ଚିଥିଲେ। ୧୭ଜଣଙ୍କ ମଧ୍ୟରୁ ଜଣେ ଜୀବନ୍ତ ଯବାନ୍‌ଙ୍କ ହାତରେ ଧରାପଡିଥିବା ବେଳେ ୪ଜଣ ପ୍ରାଣ ହରାଇଛନ୍ତି। ଅନ୍ୟମାନେ ଖସିଯିବାରେ ସଫଳ ହୋଇଛନ୍ତି। ପ୍ରକାଶ, ମଣିପୁରରେ କୁକି ସମ୍ପ୍ରଦାୟ ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘସମୟ ଧରି ଯୁଦ୍ଧମୂଳକ ପରିସ୍ଥିତି ରହିଆସିଛି। ତେବେ ନିକଟରେ ଏକ ବୁଝାମଣା ଆଧାରରେ ଉଭୟ ଗୋଷ୍ଠୀ ଶାନ୍ତ ରହିଛନ୍ତି।

# ଅନୀଲ ଅମ୍ବାନୀଙ୍କ ୩୦୦୦ କୋଟିର ସମ୍ପତ୍ତି ଜବତ




**ମୁମ୍ବଇ, ୪।୧୧/ଏଜେନ୍ସି:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଗ୍ରୁପ୍‌ର ମାଲିକ ଅନିଲ ଅମ୍ବାନୀଙ୍କ ବାସଭବନ ଏବଂ ବିଭିନ୍ନ କାର୍ଯ୍ୟାଳୟ ଉପରେ ଚଢଉ କରାଯାଇ ପ୍ରାୟ ୩୦୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ମୁମ୍ବାଇର ପାଲିହିଲସ୍ଥିତ ଅନିଲଙ୍କ ବାସଭବନ ସମେତ ଦିଲ୍ଲୀ, ନୋଏଡା, ଗାଜିଆବାଦ, ପୁଣେ, ଥାଣେ, ହାଇଦରାବାଦ, ଚେନ୍ନଇ ଏବଂ ଆନ୍ଧ୍ରର ଇଷ୍ଟ ଗୋଦାବରୀ ଜିଲ୍ଲାରେ ଥିବା କାର୍ଯ୍ୟାଳୟ ଉପରେ ଇଡି ଚଢ଼ଉ କରିବାର କିଛି ସମୟ ମଧ୍ୟରେ ଏସବୁକୁ ଜବତ କରିନିଆଯାଇଛି।

ରିଲାଏନ୍ସ ହୋମ ଫାଇନାନ୍ସ ଲିମିଟେଡ ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସ ଲିମିଟେଡ ଭଳି କମ୍ପାନୀ ତରଫରୁ ବିଭିନ୍ନ ସୂତ୍ରରୁ ଆଦାୟ କରାଯାଇଥିବା ଅର୍ଥକୁ ହେରଫେର କରାଯାଇଛି ବୋଲି ଇଡି ପକ୍ଷରୁ ଅଭିଯୋଗ କରିଛି। ଏହି ଆଧାରରେ କରାଯାଇଥିବା ତଦନ୍ତରୁ ମଧ୍ୟ ଅନେକ ପ୍ରମାଣ ମିଳିଛି ଯାହାକି ଇଡିର ଅଭିଯୋଗକୁ ସତ ସାବ୍ୟସ୍ତ କରିଛି। ୨୦୧୭ରୁ ୨୦୧୯ ମଧ୍ୟରେ ୟେସ୍ ବ୍ୟାଙ୍କ ପକ୍ଷରୁ ରିଲାଏନ୍ସ ହୋମ ଫାଇନାନ୍ସରେ ୨୯୬୫ କୋଟି ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସରେ ୨୦୪୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇଥିଲା। ତେବେ ଏହି ଅର୍ଥକୁ ଉପଯୁକ୍ତ ଭାବେ ବିନିଯୋଗ କରାଯାଇନଥିବା ତଦନ୍ତରୁ ଜଣାପଡିଥିଲା। ଏହି ଘଟଣାରେ ଇଡି ପକ୍ଷରୁ ଅନିଲ ଅମ୍ବାନୀଙ୍କ ବିରୋଧରେ ଅର୍ଥ ହେରଫେର ମାମଲା ଦାଏର କରାଯାଇ ତଦନ୍ତ ଜାରି ରହିଛି।

## ଟିକେଟ ବୁକିଂ କ୍ଷେତ୍ରରେ ନୂଆ ନିୟମ ଆଣିବ ଡିଜିସିଏ

# ୪୮ଘଣ୍ଟା ପରେ ବି ବାତିଲ୍ ହୋଇପାରିବ




**ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ବିମାନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଖୁସି ଖବର। ଟିକେଟ୍ ବୁକିଂ କରିବାର ୪୮ଘଣ୍ଟା ପରେ ବି ଏଣିକି କ୍ୟାନ୍‌ସେଲ୍ ବା ଏହାକୁ ବାତିଲ କରାଯାଇପାରିବ। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏପରି କିଛି ନିୟମ ଆଣିବାକୁ ଯାଉଛି। ରିପୋର୍ଟ ଅନୁସାରେ ଡିଜିସିଏ ବିମାନ ଟିକଟ ବୁକିଂ କରିବା କ୍ଷେତ୍ରରେ ଏଭଳି କିଛି ନୂଆ ନିୟମ ଆଣିବା ଉପରେ ବିଚାର କରୁଛି। ଏଥିପାଇଁ ଡିଜିସିଏ ଏକ ଡ୍ରାଫ୍ଟ ଜାରି କରି ଚଳିତ ମାସ ଶେଷ ସୁଦ୍ଧା ଲୋକଙ୍କ ମତାମତ ଲୋଡିଛି। ଲୋକଙ୍କ ମତାମତ ଆଧାରରେ ହିଁ ପରବର୍ତ୍ତୀ ପ୍ରକ୍ରିୟା ଗ୍ରହଣ କରିବ ଡିଜିସିଏ। ମିଳିଥିବା ସୂଚନାନୁସାରେ ୪୮ ଘଣ୍ଟା ପରେ ବୁକିଂ ହୋଇସାରିଥିବା ଟିକଟକୁ କ୍ୟାନ୍‌ସେଲ୍ କରିବା ପାଇଁ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡିବ ନାହିଁ। ଓଲଟା ଟିକଟ ବାତିଲ କରାଯିବା ଦିନ ଠାରୁ ୨୧ଦିନ କାର୍ଯ୍ୟ ଦିବସ ଭିତରେ ଗ୍ରାହକଙ୍କୁ ସେମାନଙ୍କ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ସେହିପରି ବୁକିଂ ଟିକଟ ଉପରେ ସମୟ, ନାମ ଏବଂ ସ୍ଥାନ ପରିବର୍ତ୍ତନ କରିବାର ମଧ୍ୟ ସୁବିଧା ମିଳିବ। ତେବେ ଏହି ନୂଆ ନିୟମ କେବେ ଲାଗୁହେବ ବା କାର୍ଯ୍ୟକାରୀ କରାଯିବ ସେନେଇ ଧାର୍ଯ୍ୟ ତାରିଖ କିଛି ଘୋଷଣା ହୋଇନାହିଁ।

# ହିନ୍ଦୁଜା ଗ୍ରୁପ୍ ଅଧ୍ୟକ୍ଷ ଗୋପିଚାନ୍ଦଙ୍କ ଦେହାନ୍ତ



**ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ହିନ୍ଦୁଜା ଗ୍ରୁପ୍ ଅଧ୍ୟକ୍ଷ ଗୋପିଚାନ୍ଦ ପି. ହିନ୍ଦୁଜାଙ୍କର ଶନିବାର ପରଲୋକ ଘଟିଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ଲଣ୍ଡନର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୋପିଚାନ୍ଦଙ୍କ ମୃତ୍ୟୁ ଘଟିଥିବା ପରିବାରର ନିକଟତମ ସୂତ୍ରରୁ ସୂଚନା ମିଳିଛି। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ।

ଗୋପିଚାନ୍ଦ ୧୯୫୦ରେ ମାତ୍ର ୧୦ବର୍ଷ ବୟସରୁ ପାରିବାରିକ ବ୍ୟବସାୟରେ ଯୋଗଦାନ କରିଥିଲେ। ୧୯୫୯ରେ ସେ ମୁମ୍ବାଇର ହିନ୍ଦ କଲେଜରୁ ସ୍ନାତକ ଶିକ୍ଷା ସମାପ୍ତ କରିଥିଲେ। ପାଠପଢ଼ା ସଙ୍ଗେ ସଙ୍ଗେ ସେ ବ୍ୟବସାୟରେ ମନୋନିବେଶ କରିଥିଲେ ଏବଂ ତାହାକୁ ଆଗେଇ ନେଇଥିଲେ। ସେ ୨୦୨୩ ମେ ମାସରେ ହିନ୍ଦୁଜା ଗ୍ରୁପ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ବଡ଼ ଭାଇ ଶ୍ରୀଚାନ୍ଦଙ୍କ ମୃତ୍ୟୁ ପରେ ସେ ଏହି ପଦବୀ ଗ୍ରହଣ କରିଥିଲେ। ଗୋପିଚାନ୍ଦଙ୍କ ସ୍ତ୍ରୀ ସୁନିତା, ପୁଅ ସଞ୍ଜୟ ଏବଂ ଧୀରଜ ଏବଂ ଝିଅ ରିତା ଅଛନ୍ତି।

# ପାକ୍ ସୁପ୍ରିମ୍‌କୋର୍ଟ କ୍ୟାଣ୍ଟିନ୍‌ରେ ବିସ୍ଫୋରଣ



**ଇସଲାମାବାଦ, ୪।୧୧/ଏଜେନ୍ସି:** ପାକିସ୍ତାନ ସୁପ୍ରିମକୋର୍ଟ କ୍ୟାଣ୍ଟିନ୍‌ରେ ମଙ୍ଗଳବାର ସକାଳେ ଏକ ଭୟଙ୍କର ବିସ୍ଫୋରଣ ଘଟି ୧୨ଜଣ ଗୁରୁତର ଆହତ ହେବା ଭଳି ଖବର ହସ୍ତଗତ ହୋଇଛି। ତେବେ ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ କିଛି ଲୋକଙ୍କ ମୃତ୍ୟୁ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ରିପୋର୍ଟ ଅନୁସାରେ କ୍ୟାଣ୍ଟିନରେ ଥିବା ଏକ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ ଲିକ ହେଉଥିଲା। ତେବେ ଦୁର୍ଭାଗ୍ୟବଶତଃ ଠିକ୍ ଏହି ସମୟରେ ସେଠାରେ ଲାଗିଥିବା ଏକ ଏସିର ମରାମତି କାମ କରାଯାଉଥିଲା। ତେବେ ଗ୍ୟାସରେ ସ୍ୱତଃ ଅଗ୍ନିସଂଯୋଗ ଘଟିବାରୁ ସିଲିଣ୍ଡରଟିରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ପ୍ରଚଣ୍ଡ ଥିଲା ଯେ ତାହା ସୁପ୍ରିମକୋର୍ଟ କୋଠାକୁ ମଧ୍ୟ ଦୋହଲାଇ ଦେଇଥିଲା। କାରଣ କ୍ୟାଣ୍ଟିନଟି ସୁପ୍ରିମକୋର୍ଟ ବେସ୍‌ମେଣ୍ଟରେ ହିଁ ଚାଲୁଥିଲା। ବିସ୍ଫୋରଣ ଯୋଗୁ ଏସି ମରାମତି କରୁଥିବା ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଶରୀର ପ୍ରାୟ ୮୦% ପୋଡ଼ିଯାଇଛି। ଏସି ମେକାନିକ୍‌ଙ୍କ ସମେତ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସିଲିଣ୍ଡର ବିସ୍ଫୋରଣ ହେବା ପରେ ସମସ୍ତେ ଏହାକୁ ବୋମା ବିସ୍ଫୋରଣ ବୋଲି ଭାବି ଭୟଭୀତ ହୋଇପଡ଼ିଥିଲେ। ମାତ୍ର ପରେ ତାହା ସିଲିଣ୍ଡର ବିସ୍ଫୋରଣ ବୋଲି ଜଣାପଡ଼ିଥିଲା।

## ଛାତ୍ର ଭିସା ନୀତିକୁ କଠୋର କଲା କାନାଡା

# ୭୪% ଭାରତୀୟଙ୍କ ଆବେଦନ ଅଗ୍ରାହ୍ୟ




**ଓଟାୱା, ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ଆମେରିକା ଭଳି କାନାଡା ମଧ୍ୟ ଏବେ ନିଜ ଭିସା ନୀତିକୁ ଅଧିକ କଠୋର କରିଛି। ରିପୋର୍ଟ ଅନୁସାରେ କାନାଡା ସରକାର ସମ୍ପ୍ରତି ନିଜ ଅନ୍ତର୍ଜାତୀୟ ଛାତ୍ର ଭିସା ଉପରେ ଅନେକ କଟକଣା ଲାଗୁ କରିଛନ୍ତି। କେବଳ ସେତିକି ନୁହେଁ, କାନାଡାର ଏହି ନୂଆ ଭିସା ନୀତି ଅନ୍ତର୍ଗତ ପ୍ରାୟ ୭୪% ଭାରତୀୟ ଛାତ୍ରଛାତ୍ରୀଙ୍କ ଭିସା ଆବେଦନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଛି। ଅର୍ଥାତ୍ ପ୍ରତି ୪ ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣଙ୍କ ଆବେଦନକୁ ଅଗ୍ରାହ୍ୟ କରାଯାଇଛି। କାନାଡା ସରକାର ଦର୍ଶାଇଛନ୍ତି ଯେ ଅନ୍ୟଦେଶଗୁଡ଼ିକ ତୁଳନାରେ ଭାରତୀୟ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ଛାତ୍ର ଭିସା ପାଇଁ ଆବେଦନ କରୁଛନ୍ତି। ତେବେ ସରକାର ଏବେ ନିଜ ଛାତ୍ର ଭିସା ନୀତିରେ କେତେକ ପରିବର୍ତ୍ତନ ଆଣିଛନ୍ତି ଏବଂ ଏହା ଅନ୍ତର୍ଗତ ହିଁ ଭିସା ଜାରି କରାଯିବ। ତେବେ ବର୍ତ୍ତମାନ ସୁଦ୍ଧା ଏହି ନୂଆ ନିୟମ ଅନୁଯାୟୀ ପ୍ରାୟ ୭୪% ଭାରତୀୟ ଛାତ୍ରଛାତ୍ରୀଙ୍କ ଆବେଦନକୁ ଅଗ୍ରାହ୍ୟ କରାଯାଇଛି। ସେହିପରି କେବଳ ଚୀନ୍‌କୁ ବାଦ୍ ଦେଲେ ବାକି ଅନ୍ୟ ଦେଶର ପ୍ରାୟ ୪୦% ଛାତ୍ରଛାତ୍ରୀମାନଙ୍କ ଭିସା ଆବେଦନ ଖାରଜ କରାଯାଇଛି। କିନ୍ତୁ ଚୀନ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ କରାଯାଇଥିବା ମୋଟ୍ ଆବେଦନ ମଧ୍ୟରୁ ମାତ୍ର ୨୪% ଆବେଦନଗୁଡ଼ିକ ଖାରଜ ହୋଇଛି। ଏଥିରୁ କାନାଡା ସରକାରଙ୍କ ଭାରତ ଏବଂ ଭାରତୀୟ ଛାତ୍ରଛାତ୍ରୀଙ୍କ ପ୍ରତି କଠୋର ମନୋଭାବକୁ ସ୍ପଷ୍ଟ କରୁଛି।

୨୦୨୫ ଅଗଷ୍ଟରେ ୪୫୧୫ ଭାରତୀୟ ଛାତ୍ର ଭିସା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ କେବଳ ୧୧୯୬ ଆବେଦନକୁ ମଞ୍ଜୁର କରିଥିଲା କାନାଡ଼ା। ଯେତେବେଳେ କି ୨୦୨୩ ଅଗଷ୍ଟରେ ଅନ୍ୟଦେଶ ତୁଳନାରେ ଏକ ଚତୁର୍ଥାଂଶରୁ ଅଧିକ ଭାରତୀୟ ଛାତ୍ରମାନେ ଭିସା ପାଇଁ ଆବେଦନ କରିଥିଲେ। ଅଗଷ୍ଟ ୨୦୨୩ରେ ୨୦,୯୦୦ ଭାରତୀୟ ଛାତ୍ର କାନାଡ଼ା ଭିସା ପାଇଁ ଆବେଦନ କରିଥିଲେ। ଯାହା ଅଗଷ୍ଟ ୨୦୨୫ରେ ଦାଖଲ ହୋଇଥିବା ତୁଳନାରେ ଏକ ବିରାଟ ପାର୍ଥକ୍ୟ ଅଟେ। ଭାରତୀୟ ଛାତ୍ରମାନେ ସମସ୍ତ ଆନ୍ତର୍ଜାତୀୟ ଆବେଦନକାରୀଙ୍କ ମଧ୍ୟରୁ ଏକ ଚତୁର୍ଥାଂଶରୁ ଅଧିକ ଥିଲେ। ଏହାର ଅର୍ଥ ପୂର୍ବାପେକ୍ଷା କାନାଡା ଯିବା ପାଇଁ ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ପୂର୍ବାପେକ୍ଷା ଧୀରେଧୀରେ ହ୍ରାସ ପାଉଛି। କାନାଡା ସରକାରଙ୍କ ଭାରତ ପ୍ରତି ମନୋଭାବରେ ପରିବର୍ତ୍ତନ ଏହାର ମୁଖ୍ୟ କାରଣ। ସୂଚନାଯୋଗ୍ୟ, କାନାଡା ସରକାରଙ୍କ ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୦୨୫ରେ ଭାରତରୁ କରାଯାଇଥିବା ୭୪% ଷ୍ଟଡି ପରମିଟ୍ ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଯାହା ଗତ ବର୍ଷ ସମାନ ମାସରେ ୩୨% ଥିଲା। ଏହା ଚଳିତ ବର୍ଷ ଭିସା ପ୍ରତ୍ୟାଖାନ ଠାରୁ ଦୁଇଗୁଣା ଅଧିକ। ତେବେ ଏପ୍ରକାର ଛାତ୍ର ଭିସା ନୀତିକୁ ଅଧିକ କଡାକଡି କରିବା ପଛରେ ଦେଶରେ ଅପରାଧିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା, ଠକେଇ ଏବଂ ଅସ୍ଥାୟୀ ପ୍ରବାସଜନିତ ଘଟଣାକୁ ନିୟନ୍ତ୍ରଣ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କାନାଡା ସରକାର ଦର୍ଶାଇଛନ୍ତି।

## ବିହାର ବିଧାନସଭା ନିର୍ବାଚନ: ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରଚାର ଶେଷ

# ପ୍ରତି ମହିଳାଙ୍କୁ ମିଳିବ ୩୦,୦୦୦: ତେଜସ୍ୱୀ



**ପାଟନା, ୪।୧୧/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନ ୨୦୨୫ ସମୟ ଯେତେଯେତେ ପାଖେଇ ଆସୁଛି, ରାଜନୈତିକ ଦଳଙ୍କ ପ୍ରଚାର ପର୍ବ ମଧ୍ୟ ସେତେସେତେ ଜୋରଦାର ହେଉଥିବାର ଦେଖିବାକୁ ମିଳୁଛି। ନିକଟରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ନିର୍ବାଚନୀ ଇସ୍ତାହାର ଜାରି କରାଯାଇ ଅନେକ ପ୍ରତିଶ୍ରୁତି ଦିଆଯାଇସାରିଛି। ତଥାପି ମଙ୍ଗଳବାର ଆର୍‌ଜେଡି ପ୍ରାର୍ଥୀ ତଥା ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ବିଧାନସଭା ନିର୍ବାଚନକୁ ଓହ୍ଲାଇଥିବା ତେଜସ୍ୱୀ ଯାଦବ ରାଜ୍ୟର ମହିଳା ଭୋଟରଙ୍କ ଉଦ୍ଦେଶ୍ୟରେ ଏକ ବଡ଼ ଘୋଷଣା କରିଛନ୍ତି। ରିପୋର୍ଟ ଅନୁସାରେ ଆଜି ଦିନରେ ତେଜସ୍ୱୀ ଘୋଷଣା କରିଛନ୍ତି ଯେ, ଇଣ୍ଡିଆ ମେଣ୍ଟ ସରକାର ଗଠନ କଲେ ଜାନୁଆରୀ ୧୪ ସୁଦ୍ଧା ରାଜ୍ୟର ପ୍ରତି ମହିଳାଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଏକକାଳୀନ ୩୦,୦୦୦ ଟଙ୍କା ଜମା କରିବେ ଏବଂ ଜୀବିକା ଦିଦିମାନଙ୍କୁ ସ୍ଥାୟୀ କରିବା ସହ ମାସିକ ୨ହଜାରରୁ ୨.୫ହଜାର ଲେଖାଏ ଦରମା ଦିଆଯିବ। ଏଥିପାଇଁ ତାଙ୍କ ସରକାର 'ମାଇ ବେହନ୍ ମାନ୍' ନାମରେ ଏକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି। ପାଟନା ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ ଯାଦବ ଏହି ଘୋଷଣା କରିଛନ୍ତି। ତେବେ ଏହି ପଦକ୍ଷେପ ମହିଳାମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ ବୋଲି ତେଜସ୍ୱୀ କହିଛନ୍ତି। ବିହାର ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ୍ ନଭେମ୍ବର ୬ତାରିଖରେ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୮ ଜିଲ୍ଲାର ୧୨୧ଟି ଆସନରେ ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ଆଜି ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହା ପୂର୍ବରୁ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଏପ୍ରକାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି।

# ଦୀପାବଳିକୁ ୧୩ ଦିନ ବିତିଲା, ସ୍ଥିତିରେ ସୁଧାର ନୋହିଲା

**ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ଦୀପାବଳିର ୧୩ ଦିନ ପରେ ମଧ୍ୟ ଦିଲ୍ଲୀରେ ପ୍ରଦୂଷଣଜନିତ ସ୍ତର ୨୨୯ ଏକ୍ୟୁଆଇ ରହିଛି। ମଙ୍ଗଳବାର ସକାଳ ୯.୩୦ ମିନିଟ୍ ସମୟରେ ପ୍ରଦୂଷଣ ସ୍ତର ୨୨୯ ଏକ୍ୟୁଆଇ ରହିଥିବା ରେକର୍ଡ କରାଯାଇଛି। ଅନ୍ୟପକ୍ଷେ ବାୟୁ ପ୍ରଦୂଷଣ ସହ କୁହୁଡି ଦିଲ୍ଲୀବାସୀଙ୍କ ଜୀବନକୁ ଆହୁରି ବିପର୍ଯ୍ୟସ୍ତ କରିଦେଇଛି। ତେବେ ଏସବୁ ମଧ୍ୟରେ ଆଉ ଏକ ଅଧ୍ୟୟନ ରିପୋର୍ଟ ସାମ୍ନାକୁ ଆସିଛି ଯାହାକି ଦିଲ୍ଲୀବାସୀଙ୍କୁ ଅଧିକ ଭୟଭୀତ କରିଦେଇଛି। ରିପୋର୍ଟ ଅନୁସାରେ ୨୦୨୩ରେ ଦିଲ୍ଲୀରେ ପ୍ରତି ୭ଜଣଙ୍କ ମଧ୍ୟରୁ ଜଣେ ବାୟୁ ପ୍ରଦୂଷଣଜନିତ ଜଡିତ ମାମଲାରେ ମୃତ୍ୟୁବରଣ କରିଛନ୍ତି। ୨୦୨୩ରେ ଦିଲ୍ଲୀରେ ହୋଇଥିବା ସମସ୍ତ ମୃତ୍ୟୁର ପ୍ରାୟ ୧୫% ପାଇଁ ବାୟୁ ପ୍ରଦୂଷଣ ଦାୟୀ ଥିଲା। ସର୍ବଶେଷ ଗ୍ଲୋବାଲ୍ ବର୍ଡେନ ଅଫ୍ ଡିଜିଜ୍ (ଜିବିଡି) ତଥ୍ୟର ବିଶ୍ଳେଷଣରୁ ଜଣାପଡିଛି।

# ଏସ୍‌ଆଇଆର୍‌କୁ ବିରୋଧ: ରାସ୍ତାକୁ ଓହ୍ଲାଇଲେ ମମତା



**କୋଲକାତା, ୪।୧୧/ଏଜେନ୍ସି:** ଏସ୍‌ଆଇଆର୍ (ସ୍ୱତନ୍ତ୍ର ସଘନ ସଂଶୋଧନ ବା ଭୋଟର ତାଲିକା ଯାଞ୍ଚ)କୁ ବିରୋଧ କରିବା ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗରେ ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ଏହି ପ୍ରତିବାଦ ଶୋଭାଯାତ୍ରା ଆୟୋଜନ କରାଯାଇଛି। ୩.୮ କିଲୋମିଟର ଲମ୍ବା ପଦଯାତ୍ରାରେ ମମତାଙ୍କ ସହ ଦଳର ମହାସଚିବ ଅଭିଷେକ ବାନାର୍ଜୀ ଏବଂ ବହୁସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ମମତା କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି, 'ଯେପରି ପ୍ରତ୍ୟେକ ଉର୍ଦ୍ଦୁ ଭାଷାଭାଷୀ ପାକିସ୍ତାନୀ ନୁହଁନ୍ତି, ସେହିପରି ପ୍ରତ୍ୟେକ ବଙ୍ଗାଳୀ କହୁଥିବା ବ୍ୟକ୍ତି ବାଂଲାଦେଶୀ ନୁହଁନ୍ତି'। ମମତାଙ୍କ କହିବାନୁସାରେ ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଚୁପ୍‌ଚାପ୍ ଭୋଟର ତାଲିକାକୁ ହେରଫେର କରିବା ଅର୍ଥାତ୍ ଭୋଟ୍ ଚୋରି କରିବା ପାଇଁ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଏବେ ଏକ ରାଜନୈତିକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି। କିନ୍ତୁ ଏପରି ହେବାକୁ ଦିଆଯିବନାହିଁ। ବିଧାନସଭା ନିର୍ବାଚନ ପୂର୍ବରୁ ଏଠାରେ ଏସ୍‌ଆଇଆର୍ ଲାଗୁ କରାଯିବା ଉଚିତ୍ ନୁହେଁ। କିନ୍ତୁ ନିର୍ବାଚନ ଆୟୋଗ ଏବେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିବାରୁ ଏପରି କରିବାକୁ ଯୋଜନା କରୁଛନ୍ତି।

ଅନ୍ୟପକ୍ଷେ ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମମତାଙ୍କ ପଦଯାତ୍ରାକୁ ଜମାତ ରାଲି ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, 'ଏହା ଭାରତୀୟ ସମ୍ବିଧାନର ନୈତିକତା ବିରୁଦ୍ଧରେ। ଏହି ସମୟରେ, ପଶ୍ଚିମବଙ୍ଗ ବିଜେପି ସଭାପତି ସୌମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଯଦି ମମତା ବାନାର୍ଜୀଙ୍କର କିଛି କହିବାର ଅଛି, ତେବେ ତାଙ୍କୁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ଉଚିତ୍। ପ୍ରକାଶ, ଆଜିଠାରୁ ପଶ୍ଚିମବଙ୍ଗ ସମେତ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି ନିର୍ବାଚନ ଆୟୋଗ। ଏହି ୧୨ ରାଜ୍ୟ ମଧ୍ୟରେ କିଛି ରାଜ୍ୟ ଏପରି ଅଛନ୍ତି ଯେଉଁଠି ୨୦୨୬ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ତାମିଲନାଡୁ ମଧ୍ୟ ସାମିଲ ଅଛି। ତେବେ ଦୁଇ ଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଡିଏମ୍‌କେ ସମେତ ପ୍ରାୟ ୪୮ ରାଜନୈତିକ ଦଳ ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ଏସ୍‌ଆଇଆର୍ ପ୍ରକ୍ରିୟା ଲାଗୁ କରାଇଦିଆଯିବନାହିଁ ବୋଲି ଏକ ସଂକଳ୍ପନାମା ଜାରି କରିଛନ୍ତି।

## ଭାରତର ଅଗ୍ରଗତିକୁ ସ୍ୱୀକାର କରୁଛି ବିଶ୍ୱ

# 'ଭାରତ ହିଁ ଭବିଷ୍ୟତ, ଆମେ ଅଂଶୀଦାର ମାତ୍ର': ଇସ୍ରାଏଲ୍



**ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ଇସ୍ରାଏଲ ବିଦେଶ ମନ୍ତ୍ରୀ ଗିଦିଓନ ସାଆ'ର୍ ଭାରତକୁ ଆଗାମୀ ଶତାବ୍ଦୀର ଭବିଷ୍ୟତ ବୋଲି ଅଭିହିତ କରିଛନ୍ତି। ଭାରତର ଅଭ୍ୟୁଦୟକୁ ସେ ସମର୍ଥନ କରି କହିଛନ୍ତି ଯେ, ଭାରତ ଏବେ ବିଶ୍ୱସ୍ତରରେ ଏକ ନୂଆ ମହାଶକ୍ତି ଭାବେ ଉଭା ହେଉଛି। ଇସ୍ରାଏଲ୍ ଭାରତ ସହ ଏବେ ରଣନୈତିକ ଏବଂ ସୁରକ୍ଷା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରୁଛି। ଭାରତ-ଇସ୍ରାଏଲ୍ ମଧ୍ୟରେ ସମ୍ପର୍କ ବହୁପୂର୍ବରୁ ହିଁ ରହିଆସିଛି। ଭାରତ ଏବଂ ଇସ୍ରାଏଲ୍ ପରସ୍ପର ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ରହିଆସିଛନ୍ତି। ତେବେ ଏହି ସମ୍ପର୍କକୁ ଆହୁରି ବ୍ୟାପକ କରାଯିବା ଦିଗରେ ପ୍ରୟାସ ଜାରି ରହିଛି। ଭାରତର ବନ୍ଧୁତା ପାଇଁ ଇସ୍ରାଏଲ୍ କୃତଜ୍ଞ ବୋଲି ମଧ୍ୟ ଗିଦିଓନ୍ କହିଛନ୍ତି। ଏକ ଜାତୀୟ ଗଣମାଧ୍ୟମ ଚ୍ୟାନେଲ୍‌କୁ ସାକ୍ଷାତକାର ଦେବା ଅବସରରେ ଗିଦିଓନ୍ ସାଆ'ର ଏପରି କହିଛନ୍ତି। ତାଙ୍କ କହିବାନୁସାରେ ଆମେ ନିରନ୍ତର ଉନ୍ନତି କରୁଛୁ। ଦୁଇ ରାଷ୍ଟ୍ର ପ୍ରତିରକ୍ଷା ସହଯୋଗ ଏବଂ ନବସୃଜନ ସହ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଆଦି ପ୍ରସଙ୍ଗରେ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ପ୍ରସ୍ତୁତ ହେଉଥିବା ଉପରେ ମଧ୍ୟ ସେ ସୂଚନା ଦେଇଛନ୍ତି।

ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଇସ୍ରାଏଲ୍ ବିଦେଶ ମନ୍ତ୍ରୀ ଗିଦିଓନ୍ ସାଆ'ର, କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ଯାହା ଏକ ଅସ୍ଥିର ମଧ୍ୟପ୍ରାଚ୍ୟ ମଧ୍ୟରେ ଭାରତ-ଇସ୍ରାଏଲ ସହଭାଗୀତାର ବୃଦ୍ଧିର ଗୁରୁତ୍ୱକୁ ଉଲ୍ଲେଖ କରିଛି। ସାକ୍ଷାତକାର ପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସାଆ'ର କହିଛନ୍ତି ଯେ, ଉଭୟ ଦେଶ ପ୍ରତିରକ୍ଷା, କୃଷି ଏବଂ ଅର୍ଥନୀତି ଉପରେ ଆଗକୁ ବଢୁଛୁ, କିନ୍ତୁ ଏହାକୁ ଆହୁରି ମଜବୁତ କରିବା ପାଇଁ ଆମର ସର୍ବଦା ଆଗ୍ରହ ଅଛି। ଏହି ପରିପ୍ରେକ୍ଷୀରେ ସେ ୭ ଅକ୍ଟୋବର, ୨୦୨୩ରେ ହମାସ୍ ଗୋଷ୍ଠୀ ପକ୍ଷରୁ ଇସ୍ରାଏଲ୍ ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରିବା ପ୍ରସଙ୍ଗରେ ମଧ୍ୟ କହିଛନ୍ତି। ସାଆ'ରଙ୍କ କହିବାନୁସାରେ ଭାରତର ସମର୍ଥନ ପାଇଁ ଇସ୍ରାଏଲ୍ ସଦାସର୍ବଦା କୃତଜ୍ଞ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି ଏକ ସଂକଟ ସମୟରେ ନିଜ ବନ୍ଧୁ ତଥା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଫୋନ୍ କରିଥିବା ପ୍ରଥମ ବିଶ୍ୱ ନେତା ଥିଲେ ଏବଂ ସମର୍ଥନ ଜଣାଇଥିଲେ। ଏହାକୁ ଇସ୍ରାଏଲ୍ କଦାପି ଭୁଲିପାରିବ ନାହିଁ। ଭାରତ ସବୁ ପରିସ୍ଥିତିରେ ଇସ୍ରାଏଲ୍ ଏବଂ ଇସ୍ରାଏଲବାସୀଙ୍କ ସହ ଛିଡା ହୋଇଆସିଛି।

'ଭାରତ ହେଉଛି ଭବିଷ୍ୟତ, ଇସ୍ରାଏଲ ହେଉଛି ଏକ ଅଂଶୀଦାର'। ସେ ପ୍ରକାଶ କରିଛନ୍ତି ଯେ ପ୍ରତିରକ୍ଷା ଏବଂ ଗୁପ୍ତଚର ଅଂଶୀଦାର ପାଇଁ ନୂତନ ଢାଞ୍ଚା ଉନ୍ନତ କରାଯାଉଛି, ଯାହା ଏହିଦେଶଗୁଡ଼ିକ ମଧ୍ୟରେ 'ଏକ ପ୍ରକୃତ ରଣନୈତିକ ସହଭାଗୀତା'।

ସାଆ'ର କହିଛନ୍ତି, ଇସ୍ରାଏଲ ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀରେ ଏକ ବରିଷ୍ଠ ସ୍ତରରେ ଅଂଶଗ୍ରହଣ କରିବ, ଯାହା ଦୁଇ ଗଣତନ୍ତ୍ର ମଧ୍ୟରେ ସହଯୋଗର ପରବର୍ତ୍ତୀ ସୀମାକୁ ସଙ୍କେତ ଦେବ। ସେହିପରି ସେ ଇସ୍ରାଏଲର ବିକାଶ କ୍ଷେତ୍ରରେ ଯୋଗଦାନ ଦେଉଥିବା ଭାରତୀୟ ଶ୍ରମିକଙ୍କ ପର୍ଯ୍ୟଟନ, ବାଣିଜ୍ୟ ଏବଂ ଗତିଶୀଳତାକୁ ବୃଦ୍ଧି କରିବା ପାଇଁ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ନବୀକରଣ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ହାଇଫା ବନ୍ଦରରେ ଆଦାନୀ ଗ୍ରୁପର ସଂଖ୍ୟାଗରିଷ୍ଠ ଅଂଶଧନ ଉପରେ, ସାର ଏହାକୁ 'ବିଶ୍ୱାସର ପ୍ରତୀକ' ବୋଲି କହିଛନ୍ତି। ଅନ୍ୟପକ୍ଷେ ବାଣିଜ୍ୟ, ସଂଯୋଗୀକରଣ, ଏବଂ ଆର୍ଥିକ ଏବଂ ସଂଯୋଗୀକରଣ ପ୍ରକଳ୍ପ ବିଷୟରେ ଆଲୋଚନା କରି, ସାଆ'ର ଉଲ୍ଲେଖ କରିଛନ୍ତି ଯେ ଇସ୍ରାଏଲ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ କରିଡର (ଆଇଏମ୍‌ଇସି) ଭଳି ପଦକ୍ଷେପଗୁଡ଼ିକୁ ପୁନର୍ଜୀବିତ କରିବାକୁ ପ୍ରସ୍ତୁତ, ଯାହା ପ୍ରଥମେ ନୂଆଦିଲ୍ଲୀରେ ୨୦୨୩ ଜି ୨୦ ଶିଖର ସମ୍ମିଳନୀ ସମୟରେ ଘୋଷଣା କରାଯାଇଥିଲା। ତେବେ ଯୁଦ୍ଧ ଯୋଗୁଁ, ଏଥିରେ ସାମୟିକ ଭାବେ ଏକ ବିରାମ ଲାଗିଥିଲା, କିନ୍ତୁ ଏବେ ଆମେ ପୁଣି ଆଗକୁ ବଢ଼ିବାକୁ ପ୍ରସ୍ତୁତ। ସେହିପରି ସେ ଗାଜା ଶାନ୍ତି ପ୍ରକ୍ରିୟା ଉପରେ ମଧ୍ୟ ମତ ରଖିଥିଲେ।

ନିତିଦିନ NITIDIN

## ୧୧ ମେଣ୍ଢା ଚୋରି ଅଭିଯୋଗ

**ଡେଲାଙ୍ଗ,୪।୧୧/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅନ୍ତର୍ଗତ ବେନୁପଡା ଗ୍ରାମରୁ ସୋମବାର ବିଳମ୍ବିତ ରାତିରେ ମହେଶ୍ୱର ଗୁରୁଙ୍କ ଗୁହାଳ ଘରୁ ୧୧ଟି ମେଣ୍ଢା ଚୋରି ହୋଇଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ମହେଶ୍ୱର ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ଅଟନ୍ତି। ସେ ଏହି ମେଣ୍ଢାକୁ ସୁଭଦ୍ରା ଯୋଜନା ଟଙ୍କାରେ କିଣିଥିଲେ। ମେଣ୍ଢା ପାଳନ କରି ନିଜର ପାରିବାର ପ୍ରତିପୋଷଣ କରୁଥିବା ବେଳେ ଚୋରି ହୋଇଯିବାରୁ ପୁରା ପରିବାର ଭାଙ୍ଗି ପଡିଛନ୍ତି। ଏନେଇ ମହେଶ୍ୱର ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଡେଲାଙ୍ଗ ପୁଲିସ୍ ତଦନ୍ତ ଆରମ୍ଭ କରିଥିବା ନେଇ ହାଟଡେଲାଙ୍ଗ ଫାଣ୍ଡି ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି।



### ୫ବର୍ଷ ହେଲା ଚାଷୀଙ୍କୁ ଭୂଆଁ ବୁଲାଉଛି ନିୟନ୍ତିତ ବଜାର କମିଟି

# କେବେ କାର୍ଯ୍ୟକାରୀ ହେବ ଓଡ଼ଗାଁ ହାଟ

**ଓଡ଼ଗାଁ,୪।୧୧/ଏନ୍‌ଏନ୍‌ଏସ୍:** ଚାଷ କ୍ଷେତ୍ରରେ ଆଗୁଆ ନୟାଗଡ ଜିଲ୍ଲାର ଓଡ଼ଗାଁ। ପନିପରିବା କିମ୍ବା ଧାନଫସଲ କରି ଚାଷୀ ବେଶ ଲାଭବାନ୍ ହୁଅନ୍ତି। ଏବେ ଶୀତଦିନିଆ ପନିପରିବା ବିକ୍ରି କରିବାକୁ ଚାଷୀ ହଟହଟା ହେଉଛନ୍ତି। ପନିପରିବା ବିକ୍ରି କରିବାକୁ କିଏ ନୟାଗଡ଼ ଯାଉଛି ତ ଆଉକିଏ କଟକ, ଭୁବନେଶ୍ୱର ଧାଉଁଛି। ଏହା ଏବେ ଚାଷୀଙ୍କର ନିତିଦିନିଆ ଘଟଣାରେ ପରିଣତ ହୋଇଥିବାବେଳେ ସବୁଜାଣି ହାତବାନ୍ଧି ବସିଛି ବାହାଡ଼ାଝୋଲା ନିୟନ୍ତିତ ବଜାର କମିଟି। ହାଟ କାର୍ଯ୍ୟକାରୀ କରିବାକୁ ବିଭାଗ କୁନ୍ଥୁ କୁନ୍ଥୁ ହେଉଥିବା ଜଣାପଡ଼ୁଛି।



### ପାଣିରେ ପଡ଼ିବାକୁ ବସିଛି କୋଟି କୋଟି ଟଙ୍କାର ପ୍ରକଳ୍ପ

ଓଡ଼ଗାଁ ବ୍ଲକରେ ଦୁଇଦୁଇଟି ବୃହତ ହାଟ ନିର୍ମାଣ ହୋଇ ବର୍ଷବର୍ଷ ଧରି ପଡିରହିଛି। ଓଡ଼ଗାଁ ପଲିଟେକନିକ୍ କଲେଜ ନିକଟରେ ହାଟନିର୍ମାଣ ହୋଇଥିବା ବେଳେ ଶରଣକୁଳଠାରେ ଆଉ ଏକ ହାଟନିର୍ମାଣ ହୋଇଛି। କିଏ ହାଟକୁ କବଜା କରିରଖିଛି ତ ଆଉକିଏ ହାଟ ଭିତରେ ଜବରଦସ୍ତ ପଶି ବ୍ୟବସାୟ କରୁଛି। ଏପଟେ କୋଟିକୋଟି ଟଙ୍କା ବ୍ୟୟରେ ଦୋକାନ ଘର, ଗୋଦାମ ଘର ନିର୍ମାଣ ହୋଇଥିଲେ ମଧ୍ୟ ତାହାସବୁ ଖତଖାଇବାକୁ ବସିଲାଣି। ଏଭଳି ସ୍ଥିତିରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଚାଷୀ ପନିପରିବା ବିକ୍ରିକରିବାକୁ ସୁବିଧା ନପାଇ ବାହାରକୁ ଯାଉଛି। ଆଉ କେତେକ ଚାଷୀ ଦୂରଦୂରାନ୍ତ ଯିବାକୁ ଅନିଚ୍ଛା ପ୍ରକାଶ କରି ରାସ୍ତାକଡ଼ରେ ବସି ବ୍ୟବସାୟ କରୁଛନ୍ତି। ଏତେସବୁ ବ୍ୟବସ୍ଥା ଥିଲେମଧ୍ୟ ବାହାଡ଼ାଝୋଲା ନିୟନ୍ତୀତ ବଜାର କମିଟି ହାଟ କାର୍ଯ୍ୟକାରୀ କରିବାକୁ କାହିଁକି ପଛଘୁଞ୍ଚା ଦେଉଛି ତାହା ପରିତାପର ବିଷୟ ପାଲଟିଛି। ଯଦି ହାଟ କାର୍ଯ୍ୟକାରୀ କରାଯାନ୍ତା ତେବେ ଏହି ଅଞ୍ଚଳର ବିକାଶ ହେବାସହିତ ଚାଷୀ ହାତପାହାନ୍ତାରେ ବ୍ୟବସାୟ କରି ଲାଭବାନ ହୋଇପାରନ୍ତେ। କିନ୍ତୁ ବିଭାଗ ଏଥିପ୍ରତି ସଂପୂର୍ଣ୍ଣ ଆଖିବୁଜି ଦେବା ଚିନ୍ତାର ବିଷୟ ପାଲଟିଛି। ସେହିପରି ୪ ବର୍ଷତଳେ ଶରଣକୁଳ ହାଟ ମାନ୍ୟତା ଲାଭ କରିବାପରେ ଏକ କୋଟିଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ହାଟ ଏବେ ଖତଖାଉଛି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୋଦାମ ଘର, ଦୋକାନ ଘର ତିଆରି କରାଯାଇଛି କିନ୍ତୁ ତାହା କାମରେ ଲାଗୁନି। ହାଟ ନୁହଁ ବରଂ ଧାନସଂଗ୍ରହ କେନ୍ଦ୍ରରେ ତାହା ପରିଣତ ହେବବୋଲି ନିୟନ୍ତିତ ବଜାର କମିଟି ସେକ୍ରେଟାରୀ ଅନିଲ କୁମାର ରାଉତ କିଛିଦିନତଳେ ସୂଚନା ଦେଇଥିଲେ। ଘଟଣାକୁ ୫ମାସ ବିତି ଯାଇଥିଲେ ମଧ୍ୟ ତାହାକେବେ କାର୍ଯ୍ୟକାରୀ ହୋଇ ଚାଷୀଙ୍କୁ ସୁବିଧା ଦିଆଯାଉଛି ତାହା ଦେଖିବାକୁ ବାକିରହିଛି।

## ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କଲେ ବେଙ୍ଗଲ୍ କ୍ରିକେଟ୍ ଖେଳାଳି

**ପୁରୀ,୪।୧୧/ଏନ୍‌ଏନ୍‌ଏସ୍:** ପବିତ୍ର ପଞ୍ଚୁକ ଅବସରରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହିତ ଆଶୀର୍ବାଦ ଲାଭ କରିଛନ୍ତି ଭାରତୀୟ କ୍ରିକେଟ ଖେଳାଳି ସୁଦିପ ଚାଟାର୍ଜୀ। ପୂର୍ବାହ୍ନରେ ବେଙ୍ଗଲ ଟିମ୍‌ର କ୍ରିକେଟ ଖେଳାଳି ସୁଦିପ ଚାଟାର୍ଜୀ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ଭାବ ବିଭୋର ହୋଇ ପଡିଛନ୍ତି। ଏଥିସହ ମା' ଲକ୍ଷ୍ମୀ, ବିମଳା, ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଛନ୍ତି। ତେବେ ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଭାରତୀୟ ମହିଳା କ୍ରିକେଟ ଟିମ୍ ଆମକୁ ଗର୍ବିତ କରିଛନ୍ତି। ଓମେନ୍ ୱାର୍ଲଡ କପ୍ ରେ ହକଦାର ହୋଇଛି ଭାରତ। ସାରା ଦେଶ ଆଜି ଭାରତୀୟ ମହିଳା କ୍ରିକେଟ ଦଳ ପାଇଁ ଗର୍ବିତ। ମହାପ୍ରଭୁଙ୍କ ଆଶିର୍ବାଦ ସଦାସର୍ବଦା ଭାରତୀୟ କ୍ରିକେଟ ଟିମ୍ ଉପରେ ରହିଥାଉ ସେନେଇ ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା କରିଛି ବୋଲି କହିଥିଲେ ସୁଦୀପ। ଏପଟେ ଭାରତ ଅଷ୍ଟ୍ରେଲିଆ ଟି ୨୦ ମ୍ୟାଚରେ ଭାରତର ଖେଳାଳି ମାନେ ଭଲ ଖେଳ ପ୍ରଦର୍ଶନ କରୁଥିବା ବେଳେ ଭାରତୀୟ ଟିମ୍ ସିରିଜ୍ ହାତେଇବ ବୋଲି ସୁଦୀପ କହିଥିଲେ।

## ବୋଲଗଡ଼ ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ




**ବୋଲଗଡ଼,୪।୧୧/ଏନ୍‌ଏନ୍‌ଏସ୍:** ବୋଲଗଡ଼ ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓ ଏହାର ସଚେତନତା ସମ୍ପର୍କରେ ସ୍ଥାନୀୟ ନନ୍ଦିଘୋଷ ଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାଇବର ସୁରକ୍ଷା ଅଭିଯାନ ଓ ଆମ ପୋଲିସ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗୋପୀନାଥ ଖାଡଙ୍ଗା ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧା ସାଇବର ଥାନାର ଅଧିକାରୀ ସୁନିଲ କୁମାର ମୁର୍ମୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଇବର ଠକେଇର ସମ୍ମୁଖିନ ହେଉଥିବା ପୀଡ଼ିତଙ୍କ ସମ୍ପର୍କରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ପୀଡ଼ିତଙ୍କୁ ପୁଲିସ, ସିବିଆଇ କିମ୍ବା କୋରିଅର ସେବାର ଅଧିକାରୀ କହି ଏକ କଲ ଆସିଥାଏ ଏବଂ କୌଣସି ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ କରାଯାଏ। ଠକମାନେ ପୀଡ଼ିତଙ୍କ ଏକ ଭିଡିଓ କଲରେ ରହିବାକୁ ବାଧ କରାଯାଏ, ଜାମିନ କିମ୍ବା ଯାଞ୍ଚ ପାଇଁ ତାଙ୍କ ମାଗନ୍ତି ଓ ଏହା ନଦେଲେ ଗିରଫ କରିବାର ଧମକ ଦିଆଯାଏ। ସେହିପରି ପୀଡ଼ିତଙ୍କୁ କଲ ମାଧ୍ୟମରେ କୁହାଯାଏ କି ଏକ ପାର୍ସଲ କଷ୍ଟମ୍ସରେ ଅଟକି ରହିଛି କିମ୍ବା ସେଥିମଧ୍ୟରେ ବେଆଇନ ସାମଗ୍ରୀ ରହିଛି, ଠକମାନେ ନିଜକୁ କଷ୍ଟମ୍ସ କିମ୍ବା ପୋଲିସ ଅଧିକାରୀ ଭାବେ ପରିଚୟ ଦେଇ ପାର୍ସଲ ଛଡ଼ାଇବା ପାଇଁ କ୍ଲିୟରାନ୍ସ ଚାର୍ଜ କିମ୍ବା ଜରିମାନା ଦାବି କରିଥାନ୍ତି। ସମ୍ମାନିତ ଅତିଥି ଭାବେ ଥାନା ଏଏସ୍‌ଆଇ ଯଶୋଦା ଦେବୀ, ସମାଜସେବୀ ଲଲାଟେନ୍ଦୁ କେଶରୀ ସିଂହ, ବଣିକ ମହାସଂଘ ସଭାପତି ପାଣ୍ଡବ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ସାଇବର ଠକେଇ ଠାରୁ ସାବଧାନତାର ସହିତ ରହିବା ନିମନ୍ତେ ମାସ୍କଟ୍‌ଙ୍କ ସଚେତନତା ଅତୀବ ସୁଦୂର ପ୍ରସାରି ଥିଲା। ଏଥିରେ ସାମ୍ବାଦିକ ଦେବ୍ରବ୍ରତ ହୋତା, ପ୍ରଫୁଲ୍ଲ କୁମାର ସିଂହ, କାର୍ତ୍ତିକ ସ୍ୱାଇଁ, ଯଦୁନାଥ ସାମନ୍ତରା, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଦିବାକର ପରମଗୁରୁ, ଭିକାରୀ ଚରଣ ସାହୁ, ହରିହର ସାହୁ, ଡ଼ଃ ଅଚ୍ୟୁତ ସାହୁ, ସୁକାନ୍ତ ଦତ୍ତ, ଚଇ ପଟ୍ଟନାୟକ, ପ୍ରାକ୍ତନ ପ୍ରାଧାପକ ରବୀନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସମେତ ଅନେକ ପୋଲିସ ଓ ବ୍ୟକ୍ତି ବିଶେଷ ଯୋଗଦେଇ ସାଇବର ଠକେଇ ସୁରକ୍ଷା ସମ୍ପର୍କରେ ସଚେତନତାର ବାର୍ତ୍ତାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଏସ୍‌ଆଇ ହାଡୁବନ୍ଧୁ ଦାଶ ପରିଚାଳନା କରିଥିଲେ।

## ଗଡ଼ଖୋରଧା ଜଗନ୍ନାଥ ମନ୍ଦିର ଓ କୁଞ୍ଜବିହାରୀ ମନ୍ଦିରରେ ପଞ୍ଚକ ଉତ୍ସବ



**ଖୋର୍ଦ୍ଧା,୪।୧୧/ଏନ୍‌ଏନ୍‌ଏସ୍:** ପବିତ୍ର କାର୍ତ୍ତିକମାସରେ ଖୋରଧା ଗଜପତିଙ୍କ ଦ୍ୱାରା ସ୍ଥାପିତ ଗଡ଼ ଖୋରଧାର ପାଞ୍ଚ ଶହ ବର୍ଷର ଗୌରାବାବହ ପ୍ରଥମ ନବକଳେବର ହୋଇଥିବା ଲୀଳାକ୍ଷେତ୍ର ଜଗନ୍ନାଥ ମନ୍ଦିର ଓ ସନ୍ନିକଟ ଭବ୍ୟ କୁଞ୍ଜବିହାରୀ ମନ୍ଦିରରେ ପଞ୍ଚୁକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପାଞ୍ଚଟି ଦିବ୍ୟ ବେଶ-ପ୍ରଥମ ଦିବସରେ ଲକ୍ଷ୍ମୀନାରାୟଣ ବେଶ, ଦ୍ୱିତୀୟ ଦିବସରେ ବାଙ୍କଚୂଡ଼ା ବେଶ, ତୃତୀୟ ଦିବସରେ ଆଡ଼କିଆ ବେଶ, ଚତୁର୍ଥ ଦିବସରେ ତ୍ରିବିକ୍ରମ ବେଶ ଦର୍ଶନ କରିବାକୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ପୂର୍ଣ୍ଣମୀ ଦିନ ସ୍ୱର୍ଣ୍ଣ ରୌପ୍ୟ ବିମଣ୍ଡିତ ପ୍ରଭୁଙ୍କ ରାଜ ରାଜେଶ୍ୱର ବେଶ ସର୍ବାଧିକ ଚିତ୍ତାକର୍ଷକ। ପ୍ରତିଦିନ ଆକାଶ ଦୀପ, ଏକାଦଶୀରେ ମନ୍ଦିର ଉପରେ ପ୍ରିତ ମହାଦୀପ ଦେଖିବାକୁ ବହୁ ହବିଷିଆଳି ଓ କୀର୍ତ୍ତନିଆ ସମବେତ ହୋଇଥିଲେ। ରାଧାବଲ୍ଲଭ ମନ୍ଦିର ଭାଗବତ ପ୍ରଚାର ସମିତି ଓ ବାଇପାସ୍ ପାର୍ଶ୍ୱସ୍ଥ ଚୈତନ୍ୟ ମନ୍ଦିରର ସାଧୁ ସନ୍ଥ ଓ ଭକ୍ତମାନେ ଏହି ଯମଜ ମନ୍ଦିରକୁ ପରିକ୍ରମାରେ ଆସି ଭଜନ କୀର୍ତ୍ତନ କରିଥିଲେ। ମୁଖ୍ୟ ପରିଚାଳକ ରମାକାନ୍ତ ପଟ୍ଟଯୋଷୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଶାନ୍ତି ଶୃଙ୍ଖଳା ସହ ଏହି କାର୍ଯ୍ୟ ସମାପନ ହୋଇଥିଲା।

## ମାଳବନ୍ଧ ପଥର ପ୍ୟାକିଂ ପାଲଟିଛି ଶୌଚାଳୟ ଓ ବର୍ଜ୍ୟବସ୍ତୁର ସ୍ଥାନ


**କଣ୍ଟିଲୋ,୪।୧୧/ଏନ୍‌ଏନ୍‌ଏସ୍:** ଜଗତରନାଥ ଜଗନ୍ନାଥ ମହାପ୍ରଭୁଙ୍କ ଆଦି ପୀଠ ତଥା ପ୍ରମୁଖ ପର୍ଯ୍ୟଟନସ୍ଥଳ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋଙ୍କ ପଶ୍ଚିମପାର୍ଶ୍ୱ ମାଳବନ୍ଧର ସମ୍ପ୍ରସାରଣ ଓ ନବୀକରଣ ଓ ନଦୀ କୂଳେ ପଥର ପ୍ୟାକିଙ୍ଗ ଶେଷ ପରେ ବର୍ତ୍ତମାନ ଏହା ଏକ ପ୍ରକାର ଶୌଚାଳୟ ଓ ବର୍ଜ୍ୟବସ୍ତୁର ସ୍ଥାନ ପାଲଟିଥିବା ଅଭିଯୋଗ ହେଉଛି। ସୂଚନାରୁ ପ୍ରକାଶ ଯେ, ଗତ ୨୦୨୨ ମସିହାରେ କଣ୍ଟିଲୋ ନୀଳମାଧବ ଜିଉଙ୍କ ପୀଠର ବିକାଶ ଓ ଉନ୍ନତି ପାଇଁ ତତ୍କାଳୀନ ସରକାର ୧୦୦କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ପର୍ଯ୍ୟାୟ କ୍ରମେ ଏହା ୩୦କୋଟି ଟଙ୍କାରେ ସୀମିତ ରହି ଥିବାର ଅଭିଯୋଗ ହେଉଛି। ଏହି ବିକାଶ କାର୍ଯ୍ୟରେ ଶ୍ରୀଜିଉଙ୍କ ପଶ୍ଚିମ ଦ୍ୱାର ପାହାଚ ଠାରୁ କଣ୍ଟିଲୋ ମାଛ ବଜାର ପର୍ଯ୍ୟନ୍ତ ରାସ୍ତାର ନବୀକରଣ ଓ ସମ୍ପ୍ରସାରଣ, ଦୁଇପାର୍ଶ୍ୱ ପାଦଚଲା ରାସ୍ତା ରେ ମାର୍ବଲ ଟାଇଲି,ଓ ମହାନଦୀର ଦକ୍ଷିଣ



ପାର୍ଶ୍ୱ କୂଳେ କୂଳେ କଣ୍ଟିଲୋ କଲେଜ୍ ପର୍ଯ୍ୟନ୍ତ ପଥର ପ୍ୟାଚିଂ କାର୍ଯ୍ୟ ସମ୍ପନ୍ନ ହୋଇ ବର୍ତ୍ତମାନ ଏହି ରାସ୍ତା ମନ୍ଦିରର ମୁଖ୍ୟ ରାସ୍ତା ଭାବେ ପରିଚିତ। ପ୍ରତିଦିନ ହଜାର ହଜାର ଭକ୍ତ ଶ୍ରୀ ଜିଉଙ୍କୁ ଦର୍ଶନ କରି ଫେରିବା ସମୟେ କଦଳୀ ଚୋପା, ନଡ଼ିଆ କତା, ପଲିଥିନ, ବର୍ଜ୍ୟବସ୍ତୁ ଓ ଛୁଆମାନଙ୍କର ମଳମୂତ୍ର କପଡ଼ା ଇତ୍ୟାଦି ନଦୀ ପାର୍ଶ୍ୱ ପଥର ପ୍ୟାକିଂ ମାଳବନ୍ଧରେ ଫୋପାଡୁ ଥିବା ସହିତ ମୁକ୍ତାକାଶ ଶୌଚାଳୟ ଭାବେ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଦ୍ୱିତୀୟତଃ ନଦୀ କୂଳେ ସମ୍ପର୍ଣ୍ଣ ହୋଇ ଥିବା ପଥର ପ୍ୟାକିଙ୍ଗ ଉପରେ ନିଜର ଶୌଚାଳୟ ନିର୍ମାଣ କରିଥିବା ଅଭିଯୋଗ ହେଉଛି।ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତା ଏହି ରାସ୍ତା ଦେଇ ମନ୍ଦିର ଗଲାବେଳେ ପରିବେଶ ଦୁର୍ଗନ୍ଧ ମୟ ଯୋଗୁ ପାଟିରେ ନାକରେ ରୁମାଲ ଭିଡ଼ି ଯାଉଥିବା ଦେଖିବାକୁ ମିଳୁଛି। ସଚେତନତା ଅଭାବ ଓ ପ୍ରଶାସନିକ ଦୁର୍ବଳତା ଯୋଗୁ ଏପରି ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ବର୍ଜ୍ୟବସ୍ତୁ ପକାଇବା ପାଇଁ ମାଳବନ୍ଧର ବିଭିନ୍ନ ସ୍ଥାନରେ ଆବର୍ଜନା କୁଣ୍ଡ ନିର୍ମାଣ କରିବାକୁ ନୟାଗଡ଼ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଏ ଅଞ୍ଚଳର ବୁଦ୍ଧିଜୀବୀ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଉତ୍କଳୀୟ ନୌବାଣିଜ୍ୟ ଇତିହାସର ମହାନୀୟ ବାର୍ତ୍ତା ପ୍ରଚାରରେ ଶିଶୁ ପ୍ରତିଭା

**ଫୁଲନଖରା,୪।୧୧/ଏନ୍‌ଏନ୍‌ଏସ୍:** ଉତ୍କଳୀୟ ନୌବାଣିଜ୍ୟ ଇତିହାସର ଅନ୍ୟତମ ପ୍ରାଚୀନ ତଥା ଗୌରବପୂର୍ଣ୍ଣ ଇତିହାସ ଆମ ବୋଇତ ବନ୍ଦାଣ ଉତ୍ସବ ଏବଂ ମହା କାର୍ତ୍ତିକ ପୂର୍ଣ୍ଣିମା। କାର୍ତ୍ତିକ ମାସର ମାହାତ୍ମ୍ୟ ଏବଂ କାର୍ତ୍ତିକ ବ୍ରତ ଉପାସନାର ମହନୀୟ କିମ୍ବଦନ୍ତୀ, କଥା, ଗାଥା, ତତ୍ତ୍ୱ, ତଥ୍ୟ ଓ ପ୍ରଥା ନେଇ ଓଡ଼ିଆଙ୍କ ଅନବଦ୍ୟ ସୃଷ୍ଟି ଓ ସମ୍ଭାବନାର ଭକ୍ତି ନୈବେଦ୍ୟ ତଥା ସାଧବ ପୁଅର ଅକ୍ଷୟ କୀର୍ତ୍ତି ଆଦିର ଅନୁପମ ସ୍ୱର ଓ ସ୍ୱାକ୍ଷର କୁହେ 'ଆକାମା ବୈ ପାନ ଗୁଆ ଥୋଇ ପାନ ଗୁଆ ତୋର ମାସକ ଧରମ ମୋର'। ଏହି ସ୍ମୃତି ଓ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା କୃତୀ ଓ କୀର୍ତ୍ତିକୁ ଉଜ୍ଜୀବିତ ସହ ମହା ଆଡମ୍ବରରେ ପାଳନ କରିବା ପୂର୍ବକ ସବୁଠି ଏହି ମହାନୀୟ ବାର୍ତ୍ତା ପ୍ରଚାରରେ ଶିଶୁ ପ୍ରତିଭା ଭାଗବତ ବେଉରା ଅତ୍ୟନ୍ତ ଆଗ୍ରହର ସହ ବୋଇତ ଚିତ୍ରାଙ୍କନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସୂଚନାଯୋଗ୍ୟ ଭାଗବତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ନୂଆବଜାର ମଣ୍ଟେଶ୍ୱରି ୱାନରେ ଶିକ୍ଷା ଗ୍ରହଣ କରୁଥିବା ଶିଶୁ ପ୍ରତିଭା ସରସ୍ୱତୀ କଳା ପରିଷଦ କନ୍ଦରପୁର, ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ, ଓଡ଼ିଶା (ବିସିଟି) ସହ




ସମ୍ପାଦକ ସମାଜସେବୀ ତଥା ସ୍ତମ୍ଭକାର ଇଂ. ସେବକ ଶ୍ରୀକାନ୍ତ ଓ ରକ୍ତଦାତା ଝୁନାରାଣୀ ବେଉରାଙ୍କ ପୁତ୍ର ଅଟନ୍ତି। ଶିଶୁ ପ୍ରତିଭାଙ୍କ ଏହି ସୁନ୍ଦର ଚିତ୍ରକଳା ନେଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଙ୍କା ସ୍ୱାଇଁ, ଅଧକ୍ଷ ଶିକ୍ଷାବିତ୍ ଡକ୍ଟର ପ୍ରଦୀପ କୁମାର ତ୍ରିପାଠୀ, ଗୁରୁମା ସସ୍ମିତା ପ୍ରଧାନ, ଜେଜେ ଶିକ୍ଷାବିତ୍ ପ୍ରାବନ୍ଧିକ ବିଜୟରାମ ବେଉରା, ସାଂସ୍କୃତିକ ସଙ୍ଗଠନ ଆରାଧା ଚାରିଟେବୁଲ୍ ଟ୍ରଷ୍ଟ ଫୁଲନଖରା, ସଂଯୁକ୍ତା ମେମୋରିଆଲ ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ଉତ୍ତରୋତ୍ତର କାମନା କରାଯାଇଛି।

## ଦ୍ୱାତ୍ରିଂଶତମ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଖୋର୍ଦ୍ଧା,୪।୧୧/ଏନ୍‌ଏନ୍‌ଏସ୍:** ବିଡିଏ କଲୋନୀ ଗାୟତ୍ରୀ ଶକ୍ତିପୀଠ ପରିସରରେ ଦ୍ୱାତ୍ରିଂଶତମ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶକ୍ତିପୀଠର ମୁଖ୍ୟ ସଂଯୋଜକ ଇଂ ପ୍ରମୋଦ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଧ୍ୟାତ୍ମିକ ଉତ୍ସବରେ ଗାୟତ୍ରୀ ପ୍ରବଚକ ନବଘନ ଶତପଥୀ, ଡ. ଆରାଧନା, ଉପାସନା ପ୍ରମୁଖ ଯୋଗଦେଇ ମଣିଷକୁ ସଂସ୍କାରିତ କରିବା ପାଇଁ ଯୁଗନିର୍ମାଣ ଯୋଜନା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଗାୟତ୍ରୀ ଯଜ୍ଞ କେବଳ କୁଣ୍ଡଯଜ୍ଞ ନୁହେଁ, ଏହା ହେଉଛି ମୁଣ୍ଡ ଯଜ୍ଞ, ଅର୍ଥାତ୍ ବିବେକ ଓ ମେଧାର ଯଜ୍ଞ। ସରସ୍ୱତୀ, ଲକ୍ଷ୍ମୀ ଓ କାଳିଙ୍କ ସମ୍ମିଶ୍ରିତ ରୂପ ହେଲେ ଗାୟତ୍ରୀ। ବିଚାର କ୍ରାନ୍ତିର ଏହି ମହାଯଜ୍ଞରେ ଜୀବନର ସାର୍ଥକତା ପାଇଁ ସାଧନା, ଉପାସନା ଓ ଆରାଧନା ଲୋଡ଼ା। ଏହି ପରିପ୍ରେକ୍ଷୀରେ ଗାୟତ୍ରୀ ପରିବାରର ପ୍ରତିଷ୍ଠାତା ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ଭଗବତୀ ଦେବୀ ଶର୍ମାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶାନ୍ତିକୁଂଜ, ହରିଦ୍ୱାର ପକ୍ଷରୁ ବୃତ୍ତଚିତ୍ର ଆସନ୍ତୁ ଗଡିବା ସଂସ୍କାରବାନ ପିଢି ପ୍ରଦର୍ଶିତ ହୋଇଥିଲା।

ଯଜ୍ଞ ସମାପନ ପରେ ପ୍ରସାଦସେବନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞର ବିଭିନ୍ନ କାର୍ଯ୍ୟ ସମ୍ପାଦନରେ ଶକ୍ତିପୀଠର ସଦସ୍ୟ ରବୀନ୍ଦ୍ର ପଟ୍ଟନାୟକ, ସତ୍ୟବାଦୀ ବଳିଆରସିଂହ, ଉଲ୍ଲାସ ପୃଷ୍ଟି, ବୈକୁଣ୍ଠ ସାହୁ, ବିଦ୍ୟାଧର ରାଉତ, ପ୍ରମୋଦ ସାହୁ, ଗୌରାଙ୍ଗ ମଣ୍ଡଳ, ଯୁଗଳ କିଶୋର ସାହୁ, ଭାସ୍କର ବଳିଆରସିଂହ, ଶୈଳବାଳା ବଳିଆରସିଂହ, ମନୋରଂଜନ ପାତ୍ର, ସେବତୀ ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ସୁରଭିକୁ ଶିଶୁ କଣ୍ଠଶିଳ୍ପୀ ମନୋନୀତ



**ଫୁଲନଖରା,୪।୧୧/ଏନ୍‌ଏନ୍‌ଏସ୍:** ଶିଶୁ ମହୋତ୍ସବ 'ସୁରଭି'ରେ କୁନି କଣ୍ଠଶିଳ୍ପୀ ମାନସୀ ପାଣି କଟକ ଜିଲା ଟପର ହେବା ସହିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସାଧୁସୁନ୍ଦର ବିଦ୍ୟାପୀଠର ୭ମ ଶ୍ରେଣୀ ଛାତ୍ରୀ ମାନସୀ କଟକ ରେଭେନ୍ସା କଲିଜିଏଟ ସ୍କୁଲରେ ନିଜର ଦକ୍ଷତା ପ୍ରଦର୍ଶନ ବେଳେ ବିଚାରକ ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସମସ୍ତଙ୍କୁ ପଛରେ ପକାଇ ସେ ପ୍ରଥମ ସ୍ଥାନ ଅର୍ଜନ କରିଥିଲେ। ସ୍ଥାନୀୟ ନଖରା ଗ୍ରାମର ଆଇନଜୀବୀ ସତ୍ୟରଂଜନ ପାଣି ଓ ମାଳବିକା ପାଣିଙ୍କ କନ୍ୟା ମାନସୀ ପିଲାଟି ବେଳରୁ ନିଜର ଯାଦୁକରୀ ସଂଗୀତ ମାଧ୍ୟମରେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହେଉଥିଲେ। ଖବର ପାଇ ସମଗ୍ର ଟାଙ୍ଗି-ଚୌଦ୍ୱାର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ନିଜ ସଂଗୀତ ଗୁରୁ, ଶିକ୍ଷକ, ଶିକ୍ଷିକା ଓ ପିତାମାତାଙ୍କ ନିକଟକୁ 'ଆରାଧ୍ୟା କଲଚରାଲ ଏକାଡ଼େମୀ' ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଆସିବାରେ ଲାଗିଛି।

## ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

**କଣ୍ଟାପଡ଼ା,୪।୧୧/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ତଥା ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଣେଶ୍ୱର ମହାପାତ୍ରଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାପାତ୍ର ଗୋବିନ୍ଦପୁର ହାଇସ୍କୁଲର ଇଂରାଜୀ ଶିକ୍ଷକ ଭାବେ ଦୀର୍ଘ ବର୍ଷ ଶିକ୍ଷାଦାନ କରି ଅବସର ଗ୍ରହଣ କରିବା ପରେ ପ୍ରତ୍ୟକ୍ଷ ରାଜନୀତିକୁ ଆସି ଅଞ୍ଚଳରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲେ। ମୋ ପଞ୍ଚାୟତରେ ଦୁର୍ନୀତି ଆଦୌ ହେବନାହିଁ ବୋଲି ସ୍ଲୋଗାନ୍ ଦେଇ ବହୁ କଷ୍ଟରେ ୨୦୦୨ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ସଫଳତାର ସହ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ଏପରି ଜଣେ ବ୍ୟକ୍ତିଙ୍କ ପରଲୋକରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଆଜି ତାଙ୍କ ମରଶରୀର ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ଯାତ୍ରା କରିବା ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ଓ ହାଇସ୍କୁଲରେ ପୁଷ୍ପାଞ୍ଜଳି ଦିଆଯାଇ ସମ୍ମାନ ପ୍ରଦାନ କରାଯାଇଥିଲା।

## ଦାରୁବ୍ରହ୍ମ ପୀଠରେ ଶ୍ରୀଜଗନ୍ନାଥ ଓ ପାର୍ଶ୍ୱ ଦେବଦେବୀଙ୍କ ବିଗ୍ରହ ପ୍ରତିଷ୍ଠା



**ଚାରିଛକ,୪।୧୧/ଏନ୍‌ଏନ୍‌ଏସ୍:** ନିମାପଡା ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତ ବାହାରଣା ଦାରୁବ୍ରହ୍ମ ପୀଠରେ ଶ୍ରୀ ଜଗନ୍ନାଥଙ୍କ ଦାରୁବ୍ରହ୍ମ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଆଦିକନ୍ଦ ମିଶ୍ରଙ୍କ ଦ୍ୱାରା ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ସମାଜସେବୀ ସର୍ବେଶ୍ୱର ରଥ, ସଦାଶିବ ମିଶ୍ର, ପ୍ରମୋଦ କୁମାର ମିଶ୍ର, ଅମୂଲ୍ୟ ମିଶ୍ର ପ୍ରମୁଖଙ୍କ ତତ୍ତ୍ୱାବଧାରେ ଦାରୁବ୍ରହ୍ମ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ ବାହାରଣା ଠାରୁ ଗତ ୧୯୬୯ ମସିହାରେ ଶ୍ରୀ ସୁଦର୍ଶନଙ୍କ ଦାରୁ ପୁରୀ ଶ୍ରୀ କ୍ଷେତ୍ରକୁ ଯାଇଥିଲା। ସେହିଦିନ ଠାରୁ ଉକ୍ତ ଦାରୁପୀଠରେ ଶ୍ରୀ ଜଗନ୍ନାଥଙ୍କ ଦାରୁବ୍ରହ୍ମ ପୂଜା ପାଇଆସୁଥିଲେ। କମିଟି ସଦସ୍ୟମାନେ ପୁର୍ନବାର ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ଓ ସୁଦର୍ଶନଙ୍କ ବିଗ୍ରହ ସହିତ ପାର୍ଶ୍ୱ ଠାକୁର ଗରୁଡ, ନୃସିଂହ, ବାମନ ଓ ନବଗ୍ରହଙ୍କ ବିଗ୍ରହ ସ୍ଥାପନ ପାଇଁ ପୁରୀ ଶ୍ରୀ ମନ୍ଦିରରୁ ଆଜ୍ଞାମାଳ ଆଣି ଏକ ସୁସଜିତ ଗାଡିରେ ଆଣିଥିଲେ। ବାହାରଣା ନିକଟସ୍ଥ ଦୁର୍ଗେଶ୍ୱର ଗଡ଼ମଠଠାରୁ ଶ୍ରୀ ଜଗନ୍ନାଥ ପ୍ରେମୀମାନେ ଯୋଡି ମହୁରୀ ସହିତ ଘଣ୍ଟ ପଖୋଜ, ନାମ ସଂକୀର୍ତନ ସହ ପ୍ରୋସେଶନରେ ବାହାରଣା ଦାରୁବ୍ରହ୍ମ ପୀଠରେ ପହଞ୍ଚିଥିଲା।

## ପଞ୍ଚକରେ ବିଭିନ୍ନ ଗ୍ରାମରେ ରାସ ଉତ୍ସବ

**ଚାରିଛକ,୪।୧୧/ଏନ୍‌ଏନ୍‌ଏସ୍:** କାର୍ତ୍ତିକ ମାସ ଶେଷ ପାଞ୍ଚଦିନକୁ ପଞ୍ଚକ କୁହାଯାଉଥିବା ବେଳେ ଏହି ପାଞ୍ଚଦିନ ସନ୍ଧ୍ୟାରେ ବିଭିନ୍ନ ମଠ, ବାସୁଦେବ ମନ୍ଦିର ଓ ଗ୍ରାମରେ ଥିବା ରାଧାକୃଷ୍ଣଙ୍କ ମନ୍ଦିରରେ ରାସ ଉତ୍ସବ ଆନନ୍ଦ ଉଲ୍ଲାସ ସହକାରେ ପାଳନ ହୋଇଥାଏ। ଯାହାକୁ ପଞ୍ଚରାସ ଉତ୍ସବ କୁହାଯାଇଥାଏ। କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ରାସ ଉତ୍ସବ ଅନୁଷ୍ଠିତ ହୋଇଥାଏ।

ବିଭିନ୍ନ ମଠ ମନ୍ଦିରେ ପୂଜା ପାଉଥିବା ଶ୍ରୀ ରାଧାରାଣୀ ଓ ଶ୍ରୀ କୃଷ୍ଣଙ୍କ ପ୍ରତିମାଙ୍କୁ ଆଣି ରାସ ବୋଲା ସ୍ଥାନରେ ଥିବା ସୁସଜିତ କୁଞ୍ଜରେ ବିଜେ କରାଯାଇଥାଏ। କୁଞ୍ଜ ସମ୍ମୁଖରେ ଶରତ ରାସ ପୁସ୍ତକରୁ ପ୍ରତ୍ୟେକ ଦିନ ଲୋକମାନେ ଗୋଟିଏ ଅଧ୍ୟାୟ ପାଠ କରାଯାଇଥାଏ ଶରତ ରାସ ପୁସ୍ତକ ପଠନ ପରେ ଶ୍ରୀ ରାଧା କୃଷ୍ଣଙ୍କୁ ବାଲଭୋଗ ଲାଗି ଓ ବନ୍ଦାପନା କରାଯାଇଥାଏ। ଶ୍ରୀ ରାଧାକୃଷ୍ଣଙ୍କୁ ସ୍ୱ ମନ୍ଦିରକୁ ନିଆଯାଇ ସ୍ୱ ସ୍ଥାନରେ ଅବସ୍ଥାନ କରାଯାଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାସ ଉତ୍ସବ ସମାପ୍ତ ହୋଇଥାଏ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ,୪।୧୧/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୧୦୮ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୮୮ ଗୋଟି ବ୍ୟକ୍ତିଗତ, ୧୫ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୫ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ ୮ ଗୋଟିର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀ ରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ, ଡିଏସପି ମହେଶ୍ୱର ସେଠୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## କଣାସରେ ବଡ଼ଓଷା ପର୍ବ ପାଳିତ

**କଣାସ,୪।୧୧/ଏନ୍‌ଏନ୍‌ଏସ୍:** ଆଜି ରାଜ୍ୟରେ ବଡ଼ଓଷା ପର୍ବ ମହାସମାରୋହରେ ପାଳିତ ହେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ପୁରପଲ୍ଲୀରେ ଥିବା ମହାଦେବ ମନ୍ଦିରମାନଙ୍କରେ ବଡଓଷା ଯୋଗୁଁ ଭକ୍ତମାନଙ୍କର ଭିଡ଼ ଦିନତମାମ ଲାଗିରହିଥିବା ଦେଖିବାକୁ ମିଳିଛି । କଣାସ ବ୍ଲକର ମୁଖ୍ୟତଃ ବଡାସ ପଞ୍ଚାୟତର ବଡାସ ଗ୍ରାମର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥଙ୍କ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ମହିଳା ଓ ପୁରୁଷ ମାନେ ରାତ୍ର ୨ଟାରୁ ଧାଡିରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ବାରିମଣ୍ଡଳ ଗତିଶ୍ୱରମହାଦେବ, ମୋଟରିର ଗତିଶ୍ୱର ମହାଦେବ, ମାଢିପୁର ଗ୍ରାମର ଧବଳେଶ୍ୱର ମହାଦେବ, କରମଳାର ଆଖଣ୍ଡଳମଣି, ଗଡିଶାଗୋଡାର ହଟକେଶ୍ୱର ମହାଦେବ, ଜଙ୍କିଆର କପିଳେଶ୍ୱର, ଗଡିସାହି ଧବଳେଶ୍ୱର ଦେବ, ଶ୍ରୀମକୁନ୍ଦପୁର ଇଶାଣେଶ୍ୱର ଦେବ, କଣାସରେ ଶ୍ରୀଲୋକନାଥ ଦେବ, ତ୍ରିଲୋଚନପୁର ରେ କପିଳେଶ୍ୱର ଦେବ, ସିରେଇରେ ଗତିଶ୍ୱରଦେବ ମନ୍ଦିରରେ ଜନଗହଳି ଲଗିରହିବା ସହିତ ବିଭିନ୍ନ ରଂଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି।

## ରଘୁନାଥ ସମବାୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ରାଜ୍ୟସ୍ତରକୁ ଉନ୍ନୀତ


**ଓଡ଼ଗାଁ,୪।୧୧/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବରେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ପ୍ରତିଯୋଗୀମାନେ ଅଭୂତପୂର୍ବ ସଫଳତାଆଣି କଲେଜପାଇଁ ଗୌରବ ସାଉଁଟିଛନ୍ତି। ସମୁଦାୟ ୫ ଗୋଟି ବିଭାଗ ମଧ୍ୟରୁ ୪ ଗୋଟି ବିଭାଗରେ ପ୍ରଥମସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି।ବିତର୍କ ଓ କୁଇଜରେ ଓମିଶାଭ ପ୍ରଧାନ ପ୍ରଥମସ୍ଥାନ ହାସଲ କରିଥିବାବେଳେ ପ୍ରବନ୍ଧ ଲିଖନରେ ସରିତା ବେହେରା ଓ ବକ୍ତୃତାରେ ସୁମିତ୍ରା ଦଳେଇ ପ୍ରଥମସ୍ଥାନ ପାଇ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ମହାବିଦ୍ୟାଳୟ ଅଧକ୍ଷ ରାଜକିଶୋର ସାହୁ କୃତଜ୍ଞତା ଜ୍ଞାପନ କରିବାସହ ଶୁଭେଚ୍ଛା ଜଣାଇଛନ୍ତି।

**ନିତି ଭାରତୀ**

ମୁଁ ସବୁରି ଉର୍ଦ୍ଧ୍ୱରେ ସର୍ବନିୟନ୍ତା ଭଗବାନ ରହିଥିବାରେ ବିଶ୍ୱାସ କରେ। ତେଣୁ ମୁଁ ସବୁବେଳେ କେବଳ ବେଦରେ ଥିବା ତାଙ୍କର ପ୍ରକୃତ ବାଣୀକୁ ପ୍ରଚାର କରିଥାଏ।
- ମହର୍ଷି ଦୟାନନ୍ଦ ସରସ୍ୱତୀ

NITIDIN
ନିତିଦିନ
ବୁଧବାର, ୫ ନଭେମ୍ବର, ୨୦୨୫

# ଏତେ ପ୍ରତିଶ୍ରୁତିକୁ ପାଣ୍ଠି କାହିଁ ?



ସୌଭାଗ୍ୟ ସୁନ୍ଦରରାୟ

ଦେଶର ଚତୁର୍ଥ ସର୍ବାଧିକ ବିଧାନସଭା ଆସନବିଶିଷ୍ଟ ରାଜ୍ୟ ବିହାରରେ ଏବେ ଶୁଭୁଛି ନିର୍ବାଚନୀ ଦୁନ୍ଦୁଭି। ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ପରକୁ ବିହାରରେ ବିଧାନସଭା ଆସନ ସଂଖ୍ୟା ସର୍ବାଧିକ ୨୪୩। ଆଉ କିଛି ଦିନ ପରେ ବିହାର ମତଦାତା ତ ନୂଆ ସରକାର ନିର୍ବାଚିତ କରିବେ, କିନ୍ତୁ ଏଥର ନିର୍ବାଚନ ପୂର୍ବ ନିର୍ବାଚନଗୁଡ଼ିକଠାରୁ ଭିନ୍ନ ହେବ ବୋଲି ମନେ ହେଉଛି। ଦୁଇ ପ୍ରମୁଖ ମେଣ୍ଟର ନିର୍ବାଚନୀ ଇସ୍ତାହାରକୁ ଅନୁଶୀଳନ କଲେ ଜଣା ପଡୁଛି ଅର୍ଥନୈତିକ ଦୃଷ୍ଟିକୋଣରୁ ବିହାର ଆଗାମୀ ପାଞ୍ଚ ବର୍ଷରେ ଦେଶର କେତେକ ବିକଶିତ ରାଜ୍ୟକୁ ଅତିକ୍ରମ କରିଯିବ। ତେବେ ଏଥିପାଇଁ ପାଣ୍ଠି କାହିଁ ? ଅବଶ୍ୟ ବିକଶିତ ଏକ ନୂଆ ଶବ୍ଦ, ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍‌ବୋଧନରେ ପ୍ରତିଫଳିତ ହୋଇଥାଏ। ଚଳିତ ନିର୍ବାଚନରେ ଜେଡି (ୟୁ), ଭାଜପା ମେଣ୍ଟ ପୂର୍ବ ପରି ରହିଥିବା ବେଳେ ଏଥିରେ ଉପେନ୍ଦ୍ର ଖୁସୱାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା, ଚିରାଗ ପାଶୱାନଙ୍କ ଏଲ୍‌ଜେପି, ଜୀତନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ସାମିଲ ରହିଛି, ଯାହାକୁ ଏନ୍‌ଡିଏ କୁହାଯାଉଛି। ତେଣେ ଆର୍‌ଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ମେଣ୍ଟରେ ବିକାଶଶୀଳ ଇନ୍‌ସାନ୍ ପାର୍ଟି, ସିପିଆଇ, ସିପିଆଇ (ଏମ୍), ସିପିଆଇ (ଏମ୍‌ଏଲ୍), ରାମବିଲାସ ପାଶୱାନଙ୍କ ଭାଇ ପଶୁପତି କୁମାର ପାରସଙ୍କ ନେତୃତ୍ୱାଧୀନ ଏଲ୍‌ଜେପି ସାମିଲ ହୋଇଛନ୍ତି, ଯାହା ମହାଗଠବନ୍ଧନ ଭାବେ ପରିଚିତ। ଶେଷ ମୁହୂର୍ତ୍ତରେ ଏଆଇଏମ୍ଆଇଏମ୍ ମଧ୍ୟ ଏହି ମେଣ୍ଟରୁ ଓହରି ଯାଇଛି। ଇତି ମଧ୍ୟରେ ଦୁଇ ପ୍ରମୁଖ ମେଣ୍ଟର ଇସ୍ତାହାର ପ୍ରକାଶ ପାଇଛି। ପ୍ରଥମେ ମହାଗଠବନ୍ଧନ ଓ ପରେ ଏନ୍‌ଡିଏର ଇସ୍ତାହାର ପ୍ରକାଶ ପାଇଛି। ଏନ୍‌ଡିଏ ନିଜ ନିର୍ବାଚନୀ ଇସ୍ତାହାରରେ ରାଜ୍ୟରେ ୧ କୋଟି ନିଯୁକ୍ତି ସୁବିଧା ଯୋଗାଣ ସହ ୧ କୋଟି ଲକ୍ଷପତି ଦିଦି ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦେଇଛି। ୧ କୋଟି ନିଯୁକ୍ତି ସୁବିଧା ମଧ୍ୟରେ ସରକାରୀ ଓ ବେସରକାରୀ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏଥି ସହ ଗରିବ ଶ୍ରେଣୀର ପିଲାଙ୍କ ପାଇଁ ପ୍ରଥମରୁ ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ, ଘର ପିଛା ୧୨୫ ୟୁନିଟ ମାଗଣା ବିଦ୍ୟୁତ୍ ଓ ବିଭିନ୍ନ ବର୍ଗର ଯୁବକଙ୍କ ପାଇଁ ରଣ ସୁବିଧା ବିଷୟ ଘୋଷଣା କରିଛି। ବିହାରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଶିକ୍ଷା ଛାଡୁଥିବା ପିଲାଙ୍କ ସଂଖ୍ୟା ୨୫.୯%। ନବମରୁ ଦ୍ୱାଦଶ ମଧ୍ୟରେ ଶିକ୍ଷା ଛାଡୁଥିବା ପିଲାଙ୍କ ସଂଖ୍ୟା ୨୦.୯%, ଯେତେବେଳେ କି ଜାତୀୟ ହାର ଯଥାକ୍ରମେ ୫.୨% ଓ ୧୦.୯%। ଏହା ବିହାରର ଶିକ୍ଷା କ୍ଷେତ୍ରରେ ଏକ ଉଦ୍‌ବେଗଜନକ ବିଷୟ। ଏଣୁ ଇସ୍ତାହାରରେ ଏ ବିଷୟକୁ ଦୃଷ୍ଟିରେ ରଖାଯାଇଛି। ଏନ୍‌ଡିଏ ୨୫ ଦଫା ଇସ୍ତାହାର ମୁଖ୍ୟତଃ ଶିକ୍ଷା, ଯୁବ ଓ ମହିଳାକୈନ୍ଦ୍ରିକ ବୋଲି ଅନୁଭବ କରାଯାଉଛି।

ତେଣେ ମହାଗଠବନ୍ଧନ ଇସ୍ତାହାରରେ ପ୍ରତି ପରିବାରର ଜଣଙ୍କୁ ସରକାରୀ ନିଯୁକ୍ତି ସହ ପୁରୁଣା ପେନ୍‌ସନ୍ ଯୋଜନା ପ୍ରଚଳନ ଓ ୱାକ୍‌ଫ ବିଲ୍‌ର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ବିହାରରେ ଘର ପିଛା ଜଣଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବାକୁ ହେଲେ ପ୍ରାୟ ୨ କୋଟି ୮ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ପଡ଼ିବ। ଏଥି ସହ ପଞ୍ଚାୟତରାଜ ଓ ମ୍ୟୁନିସିପାଲିଟିରେ ପଛୁଆ ବର୍ଗ ଓ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ବିଷୟ ଘୋଷଣା କରାଯାଇଛି। ଠିକା କର୍ମଚାରୀଙ୍କ ଚାକିରି ନିୟମିତକରଣ, ଜୀବିକା ଦିଦିଙ୍କ ଚାକିରି ସ୍ଥାୟୀ କରିବା ସହ ମହିଳାଙ୍କୁ ୫ ବର୍ଷ ପାଇଁ ମାସିକ ୨୫୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ କୁହାଯାଇଛି। ଏହା ମଧ୍ୟରେ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଶକ୍ତି ଯୋଗାଣ ମଧ୍ୟ ଅନ୍ତର୍ଭୁକ୍ତ। ଏଣୁ ମହାଗଠବନ୍ଧନ ନିର୍ବାଚନ ଇସ୍ତାହାର ପଛୁଆ ବର୍ଗ, ମହିଳା, ମୁସଲିମ ଓ ଯୁବ ଭୋଟରଙ୍କୁ ଲକ୍ଷ୍ୟ ରଖି ପ୍ରସ୍ତୁତ ହୋଇଥିବା ମନେହୁଏ।

ଆର୍ଥିକ ଦୃଷ୍ଟିରୁ ଦେଖିଲେ ବିହାର ଏକ ଦୁର୍ବଳ ରାଜ୍ୟ। କ୍ୟାଗର ୨୦୧୩- ୨୦୨୩ ରିପୋର୍ଟରେ ଏହା ଦର୍ଶାଯାଇଛି। ରାଜ୍ୟର ମୋଟ ବଜେଟ ପରିମାଣର ୩୫ରୁ ୭୦ ଶତାଂଶ କର୍ମଚାରୀଙ୍କ ଦରମା, ପେନ୍‌ସନ୍ ଓ ସୁଧ ପରିଶୋଧରେ ବ୍ୟୟ ହୋଇଥାଏ। କିନ୍ତୁ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ନିର୍ବାଚନୀ ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଛି, ସେଥି ନିମନ୍ତେ ପାଣ୍ଠି କିପରି ଯୋଗାଡ଼ ହୋଇ ପାରିବ, ତାହା ଏକ ପ୍ରଶ୍ନବାଚୀ।

ସଂପ୍ରତି ବିହାରର ମୁଖ୍ୟମନ୍ତ୍ରୀ ଥିବା ନୀତୀଶ କୁମାର ୨୦ ବର୍ଷ ଶାସନ କ୍ଷମତାରେ ରହିଲେଣି। ଦୁଇ ମେଣ୍ଟର ଇସ୍ତାହାର ଉଭୟେ ଉନ୍ନୟନ ଅବସରରେ ବିହାରର ସ୍ଥିତି ଉଲ୍ଲେଖ କରିବାର କଥା। ସରକାରୀ ତଥ୍ୟ ଅନୁଯାୟୀ, ଭାରତର ମୁଣ୍ଡପିଛା ଆୟ ବର୍ତ୍ତମାନ ୧.୮ ଲକ୍ଷ ଟଙ୍କା ଥିବା ବେଳେ ବିହାରର ମୁଣ୍ଡ ପିଛା ଆୟ ମାତ୍ର ୬୦,୦୦୦ ଟଙ୍କା। ବିହାରରେ ସହରୀକରଣ ସବୁଠାରୁ ଅନୁନ୍ନତ ଅବସ୍ଥାରେ ରହିଛି। ୨୦୦୧ ମସିହାରେ ଦେଶର ସହରୀକରଣ ୨୭.୯% ଥିବା ସମୟରେ ବିହାରର ସହରୀକରଣ ୧୦.୫% ଥିଲା। ୨୦୨୫ ମସିହାରେ ଦେଶର ସହରୀକରଣ ୮% ବୃଦ୍ଧି ପାଇ ୩୫.୭%ରେ ପହଞ୍ଚି ଥିବା ବେଳେ ବିହାରର ସହରୀକରଣରେ ମାତ୍ର ୨% ବୃଦ୍ଧି ଘଟି ୧୨.୪% ହୋଇଛି। ବିହାରରେ ବିଗତ ୨୦ ବର୍ଷ ମଧ୍ୟରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇ ପାରିଲା ନାହିଁ। ଫଳରେ ରାଜ୍ୟ ଅର୍ଥନୈତିକ ଉତ୍ପାଦନଶୀଳ ଉଦ୍ୟୋଗର ଅବଦାନ ଦୁଇ ଦଶନ୍ଧି ପୂର୍ବରୁ ଯାହା ଥିଲା, ଏବେ ମଧ୍ୟ ତାହା ରହିଛି। ଏହା ୫ରୁ ୬% ମଧ୍ୟରେ ରହିଛି। ଯୁବ ନିଯୁକ୍ତି ଯୋଗାଣ କ୍ଷେତ୍ରରେ ବିହାର ଦେଶରେ ନବମ ସ୍ଥାନରେ ରହିଛି। ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ଥିବା ମାତ୍ର ୧୭.୭%




ଯୁବକଙ୍କୁ ରାଜ୍ୟରେ କାମଧନ୍ଦା ଯୋଗାଣ ସମ୍ଭବ ହୋଇ ପାରୁଛି। ଏହି କାରଣରୁ ବହୁ ଯୁବକ ପ୍ରବାସୀ ଶ୍ରମିକରେ ପରିଣତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶିଳ୍ପ ପ୍ରତିଷ୍ଠା, ଭିତ୍ତିଭୂମି ଓ ଦକ୍ଷତା ବିକାଶକୁ ଏନ୍‌ଡିଏ ନିଜ ଇସ୍ତାହାରରେ ସ୍ଥାନ ଦେଇଛି। ଏଥିପାଇଁ ୧ ଲକ୍ଷ କୋଟି ଟଙ୍କାର ବିହାର ଶିଳ୍ପ ବିକାଶ ମିଶନ ପାଇଁ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି।

ଗତ ୨୦୨୦ ମସିହା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସର୍ବାଧିକ ୨୩.୧୧% ଭୋଟ ପାଇ ସର୍ବାଧିକ ୭୫ଟି ଆସନ ଦଖଲ କରିଥିଲା। ଏହା ପରକୁ ଭାରତୀୟ ଜନତା ପାର୍ଟି (ଭାଜପା) ୧୯.୪୬% ଭୋଟ ପାଇ ୭୪ଟି ଆସନରେ ବିଜୟୀ ହୋଇଥିଲା। ଜେଡି (ୟୁ) ୧୫.୩୯% ଭୋଟ ପାଇ ୪୩ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଦଳର ଫଳାଫଳ ନୈରାଶ୍ୟଜନକ ଥିଲା। ଦଳ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନରେ ବିଜୟୀ ହୋଇଥିଲା। ଦଳର ଭୋଟ ହାର ୯.୪୮% ରହିଲା। ଜେଡି (ୟୁ) ଆସନ ସଂଖ୍ୟାରେ ତୃତୀୟରେ ଥାଇ ମଧ୍ୟ ଦଳର ନେତା ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କୁ ଭାଜପା ସମର୍ଥନ ଦେଇଥିଲା। ଫଳରେ ରାଜ୍ୟରେ ଗଠନ ହୋଇଥିଲା ଏନ୍‌ଡିଏ ସରକାର। ଚଳିତ ଥର ଏନ୍‌ଡିଏ ପୁନର୍ବାର କ୍ଷମତା ଦଖଲ ପାଇଁ ଚେଷ୍ଟିତ ଥିବାବେଳେ ମହାଗଠବନ୍ଧନ ମଧ୍ୟ କ୍ଷମତା ହାତେଇବାକୁ ଉଦ୍ୟମ କରିଛି। ନିର୍ବାଚନୀ ଇସ୍ତାହାରରେ ମହାଗଠବନ୍ଧନ ପ୍ରତିପକ୍ଷ ଏନ୍‌ଡିଏଠାରୁ ଆଗୁଆ ରହିଥିବା ଦେଖାଯାଉଛି। କିନ୍ତୁ ବିହାରର ଆର୍ଥିକ ଅବସ୍ଥାକୁ ଦେଖିଲେ ନୂଆ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ କଠିନ ପରିସ୍ଥିତିର ସମ୍ମୁଖୀନ ହେବେ। ଭାରତୀୟ ଜନତା ପାର୍ଟି କେନ୍ଦ୍ରରେ ଶାସନ କ୍ଷମତାରେ ରହିଛି। ଏହା ଏନ୍‌ଡିଏର ସହଯୋଗୀ। ଏଣୁ ଯଦି ଏନ୍‌ଡିଏ କ୍ଷମତାକୁ ଆସେ, ତା'ହେଲେ କେନ୍ଦ୍ର ସହାୟତାରେ ଦଳର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କେତେକାଂଶରେ ସହଜ ହୋଇ ପାରିବ। ବିଭିନ୍ନ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ସହାୟତା ଯୋଗାଇ ଦେବେ। ଯଦି ମହାଗଠବନ୍ଧନ ସରକାର ଗଠନ କରେ, ତା'ହେଲେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ନିମନ୍ତେ ଦଳକୁ ରାଜ୍ୟ ରାଜକୋଷ ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ। ମହାଗଠବନ୍ଧନ ଇସ୍ତାହାରରେ ବେଶି କଲ୍ୟାଣକାରୀ ଯୋଜନା ବିଷୟରେ ଉଲ୍ଲେଖ କରାଯାଇଛି, ଯାହାକୁ ତତ୍କାଳ କାର୍ଯ୍ୟକାରୀ କରିବାକୁ ପଡ଼ିବ।

ଚଳିତ ନିର୍ବାଚନରେ ରାଜ୍ୟରେ ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ପ୍ରତିଷ୍ଠିତ ନୂଆ ଜନ ସୁରାଜ ଦଳର ଆବିର୍ଭାବ ଘଟିଛି। ପ୍ରଶାନ୍ତ କିଶୋର ଜଣେ ନିର୍ବାଚନ ରଣନୀତିକାର ଭାବେ ଦେଶରେ ପରିଚିତ। ବିଭିନ୍ନ ରାଜନୈତିକ ଦଳ ପାଇଁ ଅତୀତରେ ସେ ନିର୍ବାଚନୀ ରଣକୌଶଳ ପ୍ରସ୍ତୁତ କରିଛନ୍ତି। ଦଳଗୁଡ଼ିକ ଏଥିରୁ ଫାଇଦା ମଧ୍ୟ ପାଇଛନ୍ତି। ତେବେ ୨୦୨୪ ଲୋକସଭା ନିର୍ବାଚନରେ ତାଙ୍କ ଆକଳନ ଭୁଲ ହୋଇ ଯାଇଥିଲା। ଏହା ପରଠାରୁ କିଶୋର ରାଜନୈତିକ ରଣନୀତିରୁ ଦୂରେଇ ଯାଇ ନିଜର ଏକ ଦଳ ପ୍ରତିଷ୍ଠା କରି ପ୍ରତ୍ୟକ୍ଷ ନିର୍ବାଚନୀ ମଇଦାନକୁ ଅବତୀର୍ଣ୍ଣ ହୋଇଛନ୍ତି। ବିଗତ ବର୍ଷେ ହେଲା ସେ ବିହାରରେ ଜନ ସୁରାଜ ପଦଯାତ୍ରା ଜାରି ରଖିଛନ୍ତି। ଏହି ସମୟରେ ସେ ସାଧାରଣ ଜନତାଙ୍କର ନିକଟତର ହୋଇଛନ୍ତି। ଅତୀତରେ ମଧ୍ୟ ସେ ଜେଡି (ୟୁ)ର ଉପ-ସଭାପତି ପଦବରେ ଥିଲେ। ଏଣୁ ରାଜ୍ୟର ରାଜନୀତି ଅଙ୍କ ସେ ଭଲ ଭାବେ ଜାଣିଥିବା ଜଣାଯାଏ। ନିର୍ବାଚନୀ ପ୍ରତିଶ୍ରୁତିରେ ଜନ ସୁରାଜ ଦଳ ଶିକ୍ଷାର ମାନ ବୃଦ୍ଧି, ଶ୍ରମିକଙ୍କ ପ୍ରବାସ ଯାତ୍ରା ବନ୍ଦ, ବରିଷ୍ଠ ନାଗରିକଙ୍କୁ ସମ୍ମାନଜନକ ପେନସନ, ମହିଳା ଓ ଚାଷୀଙ୍କ ଆର୍ଥିକ ଉତ୍ଥାନ ଉପରେ ଗୁରୁତ୍ୱାରୋପ କରିଛି। କାହା ପ୍ରତିଶ୍ରୁତିକୁ ଜନସାଧାରଣ କିଭଳି ଭାବେ ଗ୍ରହଣ କରୁଛନ୍ତି, ତାହା ଏବେ ଦେଖିବାର କଥା।

ବରିଷ୍ଠ ସାମ୍ବାଦିକ,
ମୋ: ୯୪୩୭୨୨୯୨୩୩

# ପ୍ରଦୂଷଣର ପରିଣତି

ପ୍ରତି ବର୍ଷ ପାର୍ବଣ ଋତୁ ଆରମ୍ଭରୁ ଚର୍ଚ୍ଚା ଆରମ୍ଭ ହୋଇଯାଏ ବାୟୁ ପ୍ରଦୂଷଣ ସମ୍ପର୍କରେ, ଯଦିଓ ବର୍ଷର ଅନ୍ୟ ସମୟରେ ମଧ୍ୟ କେବେ କେମିତି, ବିଶେଷକରି ସିଓପି ଆରମ୍ଭ ହେବାଠାରୁ ଶେଷ ହେବାର କିଛି ଦିନ ପର୍ଯ୍ୟନ୍ତ ଏ ବିଷୟରେ ଆଲୋଚନା କରାଯାଇଥାଏ ବିଭିନ୍ନ ଗଣମାଧ୍ୟମରେ। ଆମ ଦେଶରେ ଏହି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଏ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଦିଲ୍ଲୀ, ଯାହାର ବାୟୁମଣ୍ଡଳରେ ଭରିଯାଏ ଏକ ଧୂଳି ଧୂଆଁର ଏକ ଘନ ଆସ୍ତରଣ ଓ ଏଠାକାର ବାସିନ୍ଦାମାନେ ଅଣନିଃଶ୍ୱାସୀ ହୋଇ ପଡ଼ନ୍ତି ପ୍ରଦୂଷଣ ଯୋଗୁଁ। ଏହାର କାରଣ, ବାୟୁମଣ୍ଡଳରେ ଏହାର ପାଖାପାଖି ରାଜ୍ୟମାନଙ୍କରେ ଫସଲର ଅବଶିଷ୍ଟାଂଶ ପୋଡ଼ି ଯୋଗୁଁ ଏବଂ ପାର୍ବଣ ଋତୁର ବାଣ ଫୁଟା ଫଳରେ ଜମି ଯାଉଥିବା ଧୂଆଁ। ଏହା ମିଶିଯାଏ ସମ୍ପୃକ୍ତ ଅଞ୍ଚଳର ଗାଡ଼ି ମଟର ଧୂଆଁ ସହିତ ଏବଂ ଶୀତ ଋତୁରେ ଏହା ପରିସ୍ଥିତିକୁ କରିଦିଏ ଅଧିକ ସଙ୍ଗୀନ ଯେହେତୁ ବାୟୁର ଗତି ଏହି ସମୟରେ ଶିଥିଳ ହୋଇଯାଏ। ପରିସ୍ଥିତିକୁ ସମ୍ଭାଳିବାକୁ କେବଳ ସରକାର ନୁହନ୍ତି, ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ମଧ୍ୟ ଆଗେଇ ଆସନ୍ତି; କେତେକ କଟକଣା ଜାରି କରନ୍ତି, ଆଉ ତା'ପରେ କେତେକାଂଶରେ ପୂର୍ଣ୍ଣଚ୍ଛେଦ ପଡ଼େ ରାଜନୀତିକ ଦଳମାନଙ୍କ ଦ୍ୱାରା କରାଯାଉଥିବା ପରସ୍ପର ଉପରେ ଦୋଷାରୋପ ଉପରେ। ଚଳିତ ବର୍ଷ ଏଇ ପ୍ରଦୂଷଣ କବଳରୁ ରକ୍ଷା ପାଇବା ପାଇଁ କୃତ୍ରିମ ବର୍ଷା କରାଯିବା ଭଳି ପଦ୍ଧତିର ମଧ୍ୟ ପରୀକ୍ଷା କରାଯାଇଥିଲା ଏଇ କିଛି ଦିନ ପୂର୍ବେ। ଆଉ ଏସବୁ ଭିତରେ ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଡାକ୍ତରୀ ମୁଖପତ୍ର ଲାନ୍‌ସେଟ୍ ସାମ୍ନାକୁ ଆଣିଛି କେତେକ ହତଚକିତ କରିଦେବା ଭଳି ତଥ୍ୟ। ସୂଚନାଯୋଗ୍ୟ ଯେ କେବଳ ଦିଲ୍ଲୀ ନୁହେଁ, ଭାରତର ଅନେକ ସହର ଏଇ ପ୍ରଦୂଷଣର ବଳୟରେ ରହିଛି; ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଚଳିତ ବର୍ଷର ଦୀପାବଳି ପରେ ପୂର୍ବାପେକ୍ଷା ଅଧିକ ପ୍ରଦୂଷିତ ହୋଇଥିବାର ସମ୍ବାଦ ତ ପ୍ରକାଶ ପାଇଥିଲା।

ସ୍ୱାସ୍ଥ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ୨୦୨୫ ପାଇଁ ଲାନ୍‌ସେଟ୍‌ର ଅବଗଣନା ବା କାଉଣ୍ଟଡାଉନ୍ ଏକ ଭୟଙ୍କର ଚିତ୍ର ପ୍ରଦାନ କରେ: ୨୦୨୨ରେ ପିଏମ୍୨.୫, ଏକ ପ୍ରାଣଘାତୀ କଣିକା ପ୍ରଦୂଷଣକାରୀ ପ୍ରତି ଉନ୍ମୁଖତା ଯୋଗୁଁ ୧.୭ ମିଲିଅନ୍‌ରୁ ଅଧିକ ସଂଖ୍ୟକ ଭାରତୀୟ ପ୍ରାଣ ହରାଇ ଥିଲେ। ଏହି ମୃତ୍ୟୁ ସଂଖ୍ୟା ୨୦୧୦ ତୁଳନାରେ ଥିଲା ୩୮ ପ୍ରତିଶତ ଅଧିକ। ଏହିସବୁ ମୃତ୍ୟୁ ମଧ୍ୟରୁ ୪୪ ପ୍ରତିଶତ ପାଇଁ ଦାୟୀ ଥିଲା ଜୀବାଶ୍ମ ଜାଳେଣି, ଯେଉଁଥିରୁ ସଡ଼କ ପରିବହନ ପାଇଁ ପେଟ୍ରୋଲର ବ୍ୟବହାର ୨.୬୯ ଲକ୍ଷ ମୃତ୍ୟୁ ପାଇଁ ଦାୟୀ ହୋଇଥିବା ବେଳେ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କରେ ଜାଳେଣି ଭାବରେ ବ୍ୟବହାର କରାଯାଉଥିବା କୋଇଲା ୩.୯୪ ଲକ୍ଷ ମାନବ ଜୀବନ ହାନିର କାରଣ ହୋଇଥିଲା। ମରଣଶୀଳତା କେବଳ ଏଭଳି ବିଷାକ୍ତ ବାୟୁର ପରିଣତି ନୁହେଁ; ଏହି ଜୀବନ ହାନିର ଅର୍ଥନୀତିକ ମୂଲ୍ୟ ମଧ୍ୟ ଯଥେଷ୍ଟ ବିଚଳିତ କରିଦେବା ଭଳି। ଲାନ୍‌ସେଟ୍ ରିପୋର୍ଟ ଉଲ୍ଲେଖ କରିଛି ଯେ ୨୦୨୨ରେ ଭାରତରେ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁଁ ଘଟିଥିବା ଅକାଳ ମୃତ୍ୟୁର ପରିଣତି ସମଗ୍ର ଦେଶ ପାଇଁ ୩୩୯.୪ ବିଲିଅନ୍ ଡଲାର ପରିମାଣର କ୍ଷତିର କାରଣ ହୋଇଥିଲା, ଯାହା ଥିଲା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୯.୫ ପ୍ରତିଶତ। ଏସବୁ ହେଉଛି ଭାରତ ପରିପ୍ରେକ୍ଷୀରେ ଲାନ୍‌ସେଟ୍‌ର ତଥ୍ୟ। ତେବେ ସମଗ୍ର ବିଶ୍ୱର ଚିତ୍ର ଆହୁରି ଅଧିକ ଭୟଙ୍କର। ପ୍ରଦୂଷଣ ଯୋଗୁଁ ମାନବ ସ୍ୱାସ୍ଥ୍ୟ ପ୍ରତି ରହିଥିବା ବିପଦଗୁଡ଼ିକର ମାପ କରୁଥିବା ୨୦ଟି ସୂଚକ ମଧ୍ୟରୁ ୧୨ଟି ଜଳବାୟୁ ପରିବର୍ତ୍ତନ ସହିତ ସଂଯୁକ୍ତ- ଅତ୍ୟଧିକ ଉତ୍ତାପଠାରୁ ଆରମ୍ଭ କରି ଖାଦ୍ୟ ସୁରକ୍ଷାଠାରୁ ବାୟୁ ପ୍ରଦୂଷଣ ପର୍ଯ୍ୟନ୍ତ- ଯେଉଁଗୁଡ଼ିକ ବର୍ତ୍ତମାନ ସୁଦ୍ଧା ରେକର୍ଡ ପରିମାଣର ଉଚ୍ଚତାରେ ପହଞ୍ଚି ସାରିଲାଣି।

ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଏକ ବହୁମୁଖୀ ବିପର୍ଯ୍ୟୟର କେନ୍ଦ୍ରରେ ରହିଛି ଆନୁଷ୍ଠାନିକ ବିଫଳତା ଏବଂ ଜଟିଳତା ସମୂହ। ପରିବେଶ ଉପରେ ଭୟଙ୍କର ହାନିକାରକ ପ୍ରଭାବମାନ ପକାଉ ଥିଲେ ସୁଦ୍ଧା ବୈଶ୍ୱିକ ଜୀବାଶ୍ମ ଜାଳେଣି ରିହାତିଗୁଡ଼ିକ ଏବେ ବି ବଳବତ୍ତର ରହିଛି। ଭାରତର ଜଳବାୟୁ ଏବଂ ସ୍ୱାସ୍ଥ୍ୟଜନିତ ପାରିବେଶିକ ବ୍ୟବସ୍ଥାଗୁଡ଼ିକ ବିଭିନ୍ନ ସଂସ୍ଥା ମଧ୍ୟରେ ବିଭାଜିତ ହୋଇ ରହିଛି- ଜନସ୍ୱାସ୍ଥ୍ୟ ସଂସ୍ଥା ସମୂହ, ସହରାଞ୍ଚଳ ଯୋଜନାକାରୀ ଏବଂ ଜଳବାୟୁ-ଅନୁକୂଳନ ସଂସ୍ଥାଗୁଡ଼ିକ ନିଜ ନିଜ କ୍ଷେତ୍ରରେ ଧୀର ମନ୍ଥର ଗତିରେ କାମ କରି ଚାଲିଛନ୍ତି। ବାୟୁର ଗୁଣାତ୍ମକ ମାନ ମାନକ ସମୂହର ସମାନ ଧରଣର ପ୍ରବର୍ତ୍ତନ, ବିପଦଗୁଡ଼ିକର ନିରୀକ୍ଷଣ କ୍ଷେତ୍ରରେ ଅସମାନତା ଏବଂ ପ୍ରଦୂଷଣର ଉତ୍ସଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ରାଜନୀତିକ ଇଚ୍ଛାଶକ୍ତିର ଅଭାବ ଏହି ସଂକଟର ବୃଦ୍ଧି ଏବଂ ବହୁମୁଖୀ କରିବା ଦିଗରେ ପଥ କଢ଼ାଇ ନେଇଛି। ଏହାଠୁ ବଳି ଅଧିକ ଗୁରୁତର କଥା ହେଉଛି, ସରକାର ପ୍ରାୟତଃ କେତେକ ଅସ୍ଥାୟୀ ପଦକ୍ଷେପ ନେବାରେ ସୀମିତ ରହୁଛନ୍ତି: ପାରିବେଶିକ ଅବକ୍ଷର ସଂରଚନିକ କାରଣଗୁଡ଼ିକର ନିରାକରଣ କରିବା ପରିବର୍ତ୍ତେ ନୂଆଦିଲ୍ଲୀର କ୍ଲାଉଡ୍ ସିଡିଂ ବା କୃତ୍ରିମ ବର୍ଷା ସୃଷ୍ଟି କରିବା ଏହାର ଏକ ପ୍ରକୃଷ୍ଟ ଉଦାହରଣ। ଦୁର୍ବଳ ଆଇନ ପ୍ରଣୟନ ଏବଂ ଆନୁଷ୍ଠାନିକ ଉଦାସୀନତାଗୁଡ଼ିକ କେବଳ ଆହ୍ୱାନ ନୁହେଁ: ଦୁର୍ବଳ ବାୟୁ ପ୍ରତି ଜନସାଧାରଣଙ୍କର ଉଦାସୀନତା ମଧ୍ୟ ବିସ୍ମିତ କରିଦେବା ଭଳି। ପ୍ରତି ବର୍ଷ ଦୀପାବଳି ସମୟରେ ବାୟୁ ପ୍ରଦୂଷଣର ମାତ୍ରାକୁ ଢେର୍ ଅଧିକ ଗୁଣରେ ବଢ଼ାଇ ଦେଉଥିଲେ ସୁଦ୍ଧା, ଏପରିକି ଜୀବନକୁ ଅଣନିଃଶ୍ୱାସୀ କରି ପକାଉ ଥିଲେ ସୁଦ୍ଧା ବାଣ କିଣି ତାକୁ ଫୁଟାଇବା ପାଇଁ ଲୋକମାନଙ୍କ ଆଗ୍ରହରେ ଭଙ୍ଗା ପଡୁନାହିଁ। ମନେହୁଏ, ସ୍ୱାସ୍ଥ୍ୟ ଏବଂ ପରିବେଶ ବାବଦରେ ସମସ୍ତ ବିଚାର ଆଲୋଚନା ଉପରେ ଧାର୍ମିକ ବହୁଳତାବାଦ ଏକ ବିପଜ୍ଜନକ ପ୍ରାଥମିକତାକୁ ପ୍ରୋତ୍ସାହିତ କରୁଛି। ସମୟ ଉପଗତ ହୋଇଛି, ଭାରତ ଜଳବାୟୁଜନିତ ସ୍ୱାସ୍ଥ୍ୟହାନିକୁ ଏକ ଆନୁଷଙ୍ଗିକ କ୍ଷତି ଭାବରେ ବିବେଚନା କରିବା ଅନୁଚିତ। ସରକାର ଶାସନର ନୀତି ଏବଂ ସ୍ୱାସ୍ଥ୍ୟଜନିତ ଅଧିକାର ସହିତ ଜଳବାୟୁ ନୀତି ଏବଂ ଜଳବାୟୁ ପରିବର୍ତ୍ତନର ଅର୍ଥନୀତିକ ପରିଣତିଗୁଡ଼ିକୁ ଏକତ୍ରିତ କରିବା ଉଚିତ ଏବଂ ବିଭିନ୍ନ ଦିଗରୁ ଏହାର ପ୍ରଭାବକୁ ଲୋପ କରିବା ଭଳି ପଦକ୍ଷେପମାନ ନେବା ସର୍ବାଦୌ କାମ୍ୟ।

# ମହାକାର୍ତ୍ତିକରେ ମହାରାସ



ଅନନ୍ତ ଗୋପାଳ ପଣ୍ଡା

ସୃଷ୍ଟିର ପ୍ରାରମ୍ଭରୁ ସଗୁଣ ସାକାର ବ୍ରହ୍ମଙ୍କର ଦିବ୍ୟ ସ୍ୱରୂପ ସନ୍ଦର୍ଶନ କରିବା ପାଇଁ ବ୍ୟାକୁଳ ହୋଇଥାନ୍ତି ପିତାମହ ବ୍ରହ୍ମାଙ୍କଠାରୁ ଆରମ୍ଭ କରି ସମସ୍ତ ଦେବଗଣଙ୍କ ସହିତ ମୁନି, ଋଷି, ସିଦ୍ଧ, ସାଧକ, ମହାପୁରୁଷ ତଥା ଭକ୍ତଗଣ। କାନ୍ତ କମନୀୟ ସ୍ୱରୂପ, ବିକଚ ଶତଦଳ ସମ ମୁଖମଣ୍ଡଳ, ସ୍ମିତହାସ୍ୟଯୁକ୍ତ ରଙ୍ଗ ଅଧର ଦର୍ଶନ ମାତ୍ରକେ ସେମାନେ ଲାଭ କରନ୍ତି ଦିବ୍ୟାନନ୍ଦ। ସେମାନଙ୍କର ହୃଦୟ କନ୍ଦରରେ ପ୍ରବାହିତ ହୁଏ ଭକ୍ତିର ସ୍ରୋତସ୍ୱିନୀ। ସେହି ନିର୍ଝରିଣୀରେ ଅବଗାହନ କରି ସେମାନେ ହୁଅନ୍ତି କୃତାର୍ଥ। 'ଶୁକ୍ଳାମ୍ବରଧରଂ ବିଷ୍ଣୁ ଶଶୀବର୍ଣ୍ଣଂ ଚତୁର୍ଭୁଜଂ' ନ୍ୟାୟରେ ସତ୍ୟ ଯୁଗରେ ବିଷ୍ଣୁଙ୍କ ରୂପ ଲାବଣ୍ୟ ସନ୍ଦର୍ଶନରେ ବିମୋହିତ ହୋଇଥିଲେ ଦେବତାଗଣ। ତ୍ରେତୟା ଯୁଗରେ 'ନୀଳାମ୍ବୁଜ ଶ୍ୟାମଳ କୋମଳାଙ୍ଗମ୍' ପ୍ରଭୁ ରାଘବଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ କରି ଦଣ୍ଡକାରଣ୍ୟର ମୁନିମାନେ କାନ୍ତା ଭାବେ ନିଜକୁ ସମର୍ପଣ ପୂର୍ବକ ସେମାନଙ୍କ ମନୋବାଞ୍ଛା ପୂର୍ଣ୍ଣ କରିବାକୁ ପ୍ରଭୁ ଶ୍ରୀରାମଙ୍କ ନିକଟରେ କରିଥିଲେ ନିବେଦନ। ଦ୍ୱାପରରେ ସେହିପରି 'ନବନିରଦ ନିନ୍ଦିତ କାନ୍ତି ଧରଂ' ନ୍ୟାୟରେ ରସରାଜ ଶ୍ରୀକୃଷ୍ଣଙ୍କ ରୂପ ଅବଲୋକନରେ ବିମୋହିତା ହୋଇଥିଲେ ଗୋପୀଗଣ। ଏହି କଳି ଯୁଗରେ ମଧ୍ୟ ନୀଳକନ୍ଦରରେ କର୍ଣ୍ଣବିହୀନ, ହସ୍ତପଦଶୂନ୍ୟ 'ସର୍ବାଳଙ୍କାରଯୁକ୍ତ ନବଘନ ରୁଚିରଂ' ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ କୋଟି କୋଟି ଭକ୍ତଙ୍କର ନୟନ ମନକୁ କରୁଛନ୍ତି ଆକର୍ଷଣ। ପଲକ ବିହୀନ ଚକାନୟନର ସମ୍ମୋହନରେ ପାଗଳପ୍ରାୟ ଭକ୍ତଗଣ। ଯୁଗେ ଯୁଗେ ଭଗବାନଙ୍କର ଅପରୂପ ଶୋଭାଯୁକ୍ତ ଚିନ୍ମୟ କଳେବରକୁ ଚର୍ମଚକ୍ଷୁରେ ସନ୍ଦର୍ଶନ କରିବା ପାଇଁ ସମସ୍ତ ନରନାରୀ, ଭକ୍ତ ଓ ଆଶ୍ରିତଗଣ ହୁଅନ୍ତି ବ୍ୟାକୁଳ।

ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦେବା ସହିତ ଧର୍ମର ସଂସ୍ଥାପନ, ଦୁଷ୍କୃତିର ବିନାଶନ, ସନ୍ଥଜନମାନଙ୍କର ପରିତ୍ରାଣ ଏବଂ ଆସୁରିକ ଶକ୍ତିର ବିଲୋପ ସାଧନ ନିମନ୍ତେ ଭଗବାନ ବିଭିନ୍ନ ଅବତାର ଧାରଣ କରି ଧରାରେ ହୁଅନ୍ତି ଅବତୀର୍ଣ୍ଣ। ତ୍ରେତୟା ଯୁଗରେ ଦଣ୍ଡକାରଣ୍ୟରେ ଅବସ୍ଥାନ କରୁଥିବା ଷୋଳ ସହସ୍ର ମୁନି ପ୍ରଭୁ ଶ୍ରୀରାମଙ୍କ କାନ୍ତ କମନୀୟ ସ୍ୱରୂପ ଦର୍ଶନରେ ବିମୋହିତ ହୋଇ ପ୍ରଭୁଙ୍କ ଅଙ୍ଗ ସଙ୍ଗ ଲାଭ କରିବାର ଇଚ୍ଛାକୁ ବ୍ୟକ୍ତ କରିଥିଲେ ରାଘବଙ୍କ ନିକଟରେ। ପ୍ରଭୁ ଶ୍ରୀରାମ ସେମାନଙ୍କର ମନୋସ୍କାମନା ପରିପୂର୍ଣ୍ଣ କରିବା ପାଇଁ ଦ୍ୱାପର ଯୁଗରେ କଂସର ବନ୍ଦୀଘରେ ଶ୍ରୀକୃଷ୍ଣ ରୂପରେ ହୋଇଥିଲେ ପ୍ରକଟ। ତ୍ରେତୟାର ସେହି ମୁନିମାନେ ଦ୍ୱାପରରେ ବ୍ରଜପୁରରେ ଜନ୍ମ ନେଇଥିଲେ ଗୋପୀ ଭାବରେ। ଅପ୍ରାକୃତ ପ୍ରେମ ରସରେ ଭାବିତା ଗୋପାଙ୍ଗନାମାନଙ୍କ ସହ ରସରାଜ ରସିକେନ୍ଦ୍ରମଉଳି ଶ୍ରୀକୃଷ୍ଣଙ୍କର ମହାମିଳନ ହିଁ ମହାରାସ ଭାବେ ହୁଏ ଅଭିହିତ। ଏହି ରାସ ଉତ୍ସବକୁ ଭକ୍ତି ତତ୍ତ୍ୱର ଉଦ୍‌ଘୋଷକ ପଞ୍ଚସଖା ଯୁଗର ଅନ୍ୟତମ ସନ୍ଥ ଜଗନ୍ନାଥ ଦାସ ବ୍ୟାସଦେବଙ୍କ ଶ୍ଳୋକର ଅନୁସୃଜନ ନବାକ୍ଷରୀରେ କରିବା ସହିତ ତହିଁରେ ପୟାର ସଂଯୋଗ କରି ରଚନା କରିଛନ୍ତି 'ଶରଦ୍ ରାସ'। କାର୍ତ୍ତିକ ମାସ ବ୍ୟାପି, ଅର୍ଥାତ୍ କୃଷ୍ଣ ପ୍ରତିପଦାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏକ ମାସ ବ୍ୟାପି ଓଡ଼ିଶାର ପୁରପଲ୍ଲୀ ସର୍ବତ୍ର ଏହି ଶରଦ ରାସ ଅନୁଷ୍ଠିତ ହୋଇଥାଏ। ବିଶେଷକରି ପଞ୍ଚକ ପାଞ୍ଚ ଦିନ ବ୍ୟାପି ଏହି ରାସ ଦେବ ମନ୍ଦିର, ମଠ, ମହାପୁରୁଷଙ୍କ ଗାଦି ବ୍ୟତୀତ ଗ୍ରାମେ ଗ୍ରାମେ ଅନୁଷ୍ଠିତ ହୋଇ ସୃଷ୍ଟି କରିଥାଏ ଭକ୍ତିକ ପରିବେଶ। ଗୋପୀ ଓ ଶ୍ରୀକୃଷ୍ଣଙ୍କ ମହାମିଳନରୁ ସୃଷ୍ଟ ଅପ୍ରାକୃତ ପ୍ରେମ ରସରେ ପରିପୂର୍ଣ୍ଣ ଏହି ରାସୋତ୍ସବ କାର୍ତ୍ତିକ ମାସର ମାହାତ୍ମ୍ୟକୁ ପ୍ରଖ୍ୟାପିତ କରୁଥିବାରୁ କାର୍ତ୍ତିକ ପୂର୍ଣ୍ଣିମା ରାସ ପୂର୍ଣ୍ଣିମା ନାମରେ ନାମିତ।

ଭଗବାନଙ୍କ ସପ୍ତଦଶ ଅବତାର ଭାବେ ସ୍ୱୀକୃତ, ମହର୍ଷି ବ୍ୟାସଦେବଙ୍କ କୃତ ପଦ୍ମପୁରାଣ ଅନ୍ତର୍ଗତ ଉତ୍ତର ଖଣ୍ଡରେ ଏହି ପୁଣ୍ୟ ମାସର ମହିମା ବିସ୍ତାରିତ ଭାବେ ହୋଇଛି ବର୍ଣ୍ଣିତ, ଯାହା କାର୍ତ୍ତିକ ମାହାତ୍ମ୍ୟ ନାମରେ ଖ୍ୟାତ। ସେହି ଶାସ୍ତ୍ରରେ କୁହାଯାଇଛି- 'ନ କାର୍ତ୍ତିକ ସମୋ ମାସୋ, ନ କୃତେନ ସମଂ ଯୁଗଂ, ନ ବେଦ ସଦୃଶଂ ଶାସ୍ତ୍ରଂ, ନ ତୀର୍ଥ ଗଙ୍ଗାୟା ସମମ୍', ଅର୍ଥାତ୍ କାର୍ତ୍ତିକ ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ, ଏବଂ ଗଙ୍ଗା ତୁଲ୍ୟ ତୀର୍ଥ ମଧ୍ୟ ନାହିଁ। କାର୍ତ୍ତିକ ମାସର ପୂର୍ଣ୍ଣିମା କୃତ୍ତିକା ନକ୍ଷତ୍ରଯୁକ୍ତ ହୋଇଥିବାରୁ ଏହି ମାସର ନାମ କାର୍ତ୍ତିକ। ଏହି ମାସର ଅଧିପତି ହେଉଛନ୍ତି ସ୍ୱୟଂ ଦାମୋଦର। ଏଥି ସହିତ ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବତା ଏହି ମାସରେ ବିଷ୍ଣୁ ରୂପରେ କରନ୍ତି ବିହାର। ଏହି ମାସକୁ ସାଧୁ ସନ୍ଥମାନେ ଦାମୋଦର ମାସ ଭାବେ ଅଭିହିତ କରିଥାନ୍ତି। ସେଥିପାଇଁ ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳରାମ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଦଶମୀ ପର୍ଯ୍ୟନ୍ତ ରାଧାଦାମୋଦର ବେଶରେ ହୁଅନ୍ତି ବିଭୂଷିତ।

ଦ୍ୱାପର ଯୁଗରେ ରାସେଶ୍ୱର ନନ୍ଦନନ୍ଦନ ଶ୍ରୀକୃଷ୍ଣ ଓ ତଦଙ୍ଗଭୂତା ହ୍ଲାଦିନୀ ଶକ୍ତି ସ୍ୱରୂପା ମା' ରାଧାରାଣୀ ଷୋଳ ସହସ୍ର ଗୋପୀମାନଙ୍କ ସହିତ ଯମୁନା ତଟରେ କୁଞ୍ଜ ବନରେ ଶରଦ ପୂର୍ଣ୍ଣିମାର ବ୍ରହ୍ମ ନିଶିରେ ଯେଉଁ ମହାରାସ ରଚନା କରିଥିଲେ, ତାହା ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ମହାପୁରାଣ ଗ୍ରନ୍ଥର ଦଶମ ସ୍କନ୍ଧ ଅନ୍ତର୍ଗତ ଊନତ୍ରିଂଶ ଅଧ୍ୟାୟଠାରୁ ତ୍ରୟତ୍ରିଂଶ ଅଧ୍ୟାୟ ପର୍ଯ୍ୟନ୍ତ ହୋଇଛି ବର୍ଣ୍ଣିତ। କିନ୍ତୁ ଜଗନ୍ନାଥ ଦାସଙ୍କ ଦ୍ୱାରା ନବାକ୍ଷରୀରେ ଅନୁସୃଜିତ ଭାଗବତ ଗ୍ରନ୍ଥରେ ଏହି ଦିବ୍ୟ ପ୍ରସଙ୍ଗ ତ୍ରିଂଶ ଅଧ୍ୟାୟଠାରୁ ଚତୁଃତ୍ରିଂଶ ଅଧ୍ୟାୟ ପର୍ଯ୍ୟନ୍ତ ଭାବପୂର୍ଣ୍ଣ ଭାବରେ ବର୍ଣ୍ଣିତ ହୋଇଅଛି। ଏହି ରାସ ପଞ୍ଚାଧ୍ୟାୟୀକୁ ଭାଗବତର ପଞ୍ଚ ପ୍ରାଣ ଯଥା- ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ ଭାବେ ଅଭିହିତ କରାଯାଏ। ଶ୍ରୀକୃଷ୍ଣଙ୍କ ବାଙ୍ମୟ ସ୍ୱରୂପ ଭାବେ ସ୍ୱୀକୃତ ଶ୍ରୀମଦ୍ ଭାଗବତର ଏହି ରାସ ପଞ୍ଚାଧ୍ୟାୟୀକୁ ମଧ୍ୟ ଶାସ୍ତ୍ରକାରମାନେ ଭଗବାନଙ୍କ ଶ୍ରୀମୁଖର ରଙ୍ଗ ଅଧର ସହିତ ତୁଳନା କରିଥାନ୍ତି। ଅପ୍ରାକୃତ ପ୍ରେମ ଓ ଭକ୍ତି ରସରେ ପରିପୂର୍ଣ୍ଣ ହେଉଛି ଏହି ରାସ ପଞ୍ଚାଧ୍ୟାୟୀ। ଏହି ପ୍ରେମଲୀଳାମୃତକୁ ପାନ କରିବା ପାଇଁ ଦେବ ଦେବ ମହାଦେବ ଆଜି ମଧ୍ୟ ବୃନ୍ଦାବନରେ ଗୋପେଶ୍ୱର ଭାବରେ ଅପେକ୍ଷାରତ। ଐଶ୍ୱର୍ଯ୍ୟ ପ୍ରଦାୟିନୀ ମା' ମହାଲକ୍ଷ୍ମୀ ଏହି ଲୀଳାରେ ପ୍ରବେଶ କରିବା ପାଇଁ ଅଦ୍ୟାବଧି ବିଲ୍ୱ ବନରେ ତପସ୍ୟାରତା। ନିଧିବନ ଓ ସେବା କୁଞ୍ଜରେ ଏହି ରାସର ଅମୀୟ ରସକୁ ଆସ୍ୱାଦନ କରିବା ପାଇଁ ମୁନି, ଋଷି, ସାଧୁ, ସନ୍ଥ, ସିଦ୍ଧ ସାଧକ ଓ ମହାପୁରୁଷମାନେ ଲତା ଓ ପାଦପ ଭାବରେ ବିରାଜିତ। ଏହି ଦିବ୍ୟ ରାସଲୀଳାମୃତକୁ ଶୁକଦେବ ଗୋସ୍ୱାମୀ ପାଣ୍ଡବ କୁଳଚୂଡ଼ାମଣି ପରୀକ୍ଷିତଙ୍କ ସମ୍ମୁଖରେ ଭାବରାଜ୍ୟରେ ନିମଜ୍ଜିତ ହୋଇ ବର୍ଣ୍ଣନା କରିବା ସମୟରେ ତାଙ୍କ କଣ୍ଠ ହୋଇଛି ବାଷ୍ପରୁଦ୍ଧ, ଶରୀର ହୋଇଛି ରୋମାଞ୍ଚିତ, ମନ ହୋଇଛି ପୁଲକିତ, ନେତ୍ର ଯୁଗଳ ହୋଇଛି ଅଶ୍ରୁସିକ୍ତ ଏବଂ କିଛି ମୁହୂର୍ତ୍ତ ପାଇଁ ଚେତନା ମଧ୍ୟ ହୋଇଛି ଅନ୍ତର୍ହିତ।

ମହାରାସୋତ୍ସବର ଅବ୍ୟବହିତ ପୂର୍ବରୁ ରସରାଜ ରାସେଶ୍ୱର ବ୍ରଜାଙ୍ଗନାମାନଙ୍କର ଦେହ ଜ୍ଞାନକୁ ବସ୍ତ୍ରହରଣ ମାଧ୍ୟମରେ କରିଥିଲେ ଦୂରୀଭୂତ। ଏକ ମାସ ବ୍ୟାପି ଯମୁନା ପୁଳିନରେ ହେମନ୍ତ ଋତୁରେ ଗୋପୀମାନେ ପ୍ରାତଃ ସମୟରେ ନନ୍ଦନନ୍ଦନଙ୍କୁ ପତି ରୂପେ ପ୍ରାପ୍ତ ହେବା ପାଇଁ ମା' କାତ୍ୟାୟନୀଙ୍କ ଉପାସନା କରି ବରପ୍ରାପ୍ତ ହୋଇଥିଲେ। ଫଳ ସ୍ୱରୂପ, ପରବର୍ତ୍ତୀ ସମୟରେ ଶରଦ ଋତୁର ପୂର୍ଣ୍ଣିମା ତିଥିରେ ଷୋଳ ସହସ୍ର ଗୋପାଙ୍ଗନାମାନେ ମା' ରାଧାରାଣୀ ଓ ବ୍ରଜେଶ୍ୱର ଶ୍ରୀକୃଷ୍ଣଙ୍କ ସହିତ ମହାରାସରେ ମିଳିତ




ହୋଇଥିଲେ। ଶ୍ରୀକୃଷ୍ଣଙ୍କ ବଂଶୀର କ୍ଲୀଂ ବୀଜ ଉଚ୍ଚାରିତ ସ୍ୱନରେ ଗୋପୀମାନେ ହୋଇଥିଲେ ବିମୋହିତା। ପିତାମହ ବ୍ରହ୍ମାଙ୍କ ଦ୍ୱାରା ଯଜ୍ଞାନଳରୁ ସମ୍ଭୂତ ବତିଶ ପବଯୁକ୍ତ ବାଉଁଶ ଖଣ୍ଡରୁ ପ୍ରଥମ ଏଗାର ପବରେ ପିନାକ ଧନୁ, ନବମ ପବରେ ସାରଙ୍ଗ, ସାତ ପବରେ କୋଦଣ୍ଡ ଧନୁ ସୃଷ୍ଟି ପରେ ଶେଷ ଏକ ପବରେ ନିର୍ମିତ ମୋହନ ମୁରଲୀକୁ ଚତୁରାନନ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରଦାନ କରିଥିଲେ। ଏହି ବଂଶୀରେ ରତି ଓ କାମଦେବଙ୍କ ସହ ପଞ୍ଚଦେବୀ ଯଥା- ସରସ୍ୱତୀ, ଉମା, ଲକ୍ଷ୍ମୀ, ଜଗଦ୍ଧାତ୍ରୀ ଓ ସାବିତ୍ରୀ ଅବସ୍ଥାନପୂର୍ବକ ତାହାକୁ ମୋହନ ବଂଶୀରେ କରିଥିଲେ ପରିଣତ, ଯାହା ଗୋପାଳତାପିନୀ ଉପନିଷଦରେ ହୋଇଛି ବର୍ଣ୍ଣିତ। ସେହି ମୋହନ ମୁରଲୀ ସ୍ୱନ ଶ୍ରବଣରେ ପାଗଳିନୀ ହୋଇ ଗୋପୀମାନେ ଧାଇଁ ଆସିଥିଲେ କୁଞ୍ଜବନକୁ ଓ ମହାରାସରେ ହୋଇଥିଲେ ସମ୍ମିଳିତ।

'ରାସ' ଶବ୍ଦର ମୂଳ ଆଧାର ହେଉଛି 'ରସ'। ଭଗବାନ ଶ୍ରୀକୃଷ୍ଣ ହିଁ ରସର ଅନ୍ତହୀନ ସାଗର। ସେଥିପାଇଁ କୁହାଯାଏ, 'ରସୋ ବୈ ସଃ'। ଏହି ଦିବ୍ୟ କ୍ରୀଡ଼ାରେ ଭଗବାନ ଗୋପୀମାନଙ୍କୁ ରାସ ରସ ଆସ୍ୱାଦନ କରାଇବା ନିମନ୍ତେ ପ୍ରତି ଗୋପୀ ନିକଟରେ ସ୍ୱ ସ୍ୱରୂପରେ ପ୍ରକଟିତ ହୋଇ ଗୋପୀମାନଙ୍କ ମନୋସ୍କାମନା ପୂର୍ଣ୍ଣ କରିଥିଲେ। ଏହି ଲୀଳାରେ ପ୍ରେମର ଘନୀଭୂତ ସ୍ୱରୂପରେ ସମସ୍ତ ଗୋପୀ ହୋଇଥିଲେ ଭାବିତା। ଏହି ଲୀଳାରେ କାମ ଅପେକ୍ଷା ପ୍ରେମର ପ୍ରାଧାନ୍ୟ ହୁଏ ଦୃଷ୍ଟିଗୋଚର। କାମରେ ଦୈହିକ ସୁଖର ଲାଳସା ଥିବା ବେଳେ ପ୍ରେମରେ ଆତ୍ମିକ ସୁଖର ଭାବନା ମନକୁ ଆଚ୍ଛନ୍ନ କରିଥାଏ। କାମ ଭୋଗସର୍ବସ୍ୱ ହୋଇଥିବା ବେଳେ ପ୍ରେମ ତ୍ୟାଗ ମନୋଭାବର ପରିପ୍ରକାଶ। ପ୍ରେମର ଦଶବିଧ ସ୍ୱରୂପର ଆଧାରରେ ଶ୍ରଦ୍ଧା ରହିଥିବା ବେଳେ ଶିଖରରେ ଅବସ୍ଥାନ କରେ ମହାଭାବ। ସେହି ସ୍ତରଗୁଡ଼ିକ ହେଉଛି ଶ୍ରଦ୍ଧା, ବିଶ୍ୱାସ, ସ୍ନେହ, ପ୍ରେମ, ମାନ, ପ୍ରଣୟ, ରାଗ, ଅନୁରାଗ, ଭାବ ଓ ମହାଭାବ। ଗୋପୀମାନେ ବୈଧୀ ଭକ୍ତି ଅପେକ୍ଷା ରାଗାନୁଗା ଭକ୍ତିକୁ ଦେଉଥିଲେ ପ୍ରାଧାନ୍ୟ। ରାଗ ଅର୍ଥ ପ୍ରୀତି ବା ପ୍ରେମ ଏବଂ ଅନୁଗା ଅର୍ଥ ଅନୁଧାବନ। ବୈଧି ଭକ୍ତିର ପରିସମାପ୍ତି ହୋଇଥାଏ ରାଗାନୁଗା ଭକ୍ତିରେ। ରାଗାନୁଗା ଭକ୍ତି ରୂପାନ୍ତରିତ ହୁଏ ପୂର୍ଣ୍ଣ ସମର୍ପଣରେ। ଗୋପୀମାନଙ୍କର ପୂର୍ଣ୍ଣ ସମର୍ପଣର ପ୍ରତିଫଳନ ହିଁ ମହାରାସ। ଜୀବ ଓ ପରମର ମିଳନ ହିଁ ମହାରାସ। ଗୋପୀ ରୂପୀ ଆତ୍ମାର ଶ୍ରୀକୃଷ୍ଣ ରୂପୀ ପରମାତ୍ମାଙ୍କ ସହିତ ମହାମିଳନର ପର୍ବ ହିଁ ମହାରାସ।

ଗୋପୀମାନଙ୍କ ସହିତ ନଟନାଗର ଶ୍ରୀକୃଷ୍ଣଙ୍କର କୁଞ୍ଜବନରେ ଯେଉଁ ରାସଲୀଳା ଶରଦ ପୂର୍ଣ୍ଣିମା ରାତ୍ରରେ ଅନୁଷ୍ଠିତ ହୋଇଥିଲା, ତାହା ହେଉଛି ଭଗବତ ରାଜ୍ୟର ଲୀଳା, ଯାହାକୁ ଜଗନ୍ନାଥ ଦାସ ସୁନ୍ଦର ଭାବେ ନବାକ୍ଷରୀରେ କରିଛନ୍ତି ଅନୁସୃଜନ; ଯଥା- 'ରାସ ଉତ୍ସବେ ବ୍ରଜନାରୀ/ ଏକର କର ଆରେ ଧରି/ ଅନନ୍ତ ମାୟା ଯୋଗ କରି/ ଷୋଳ ସହସ୍ର ରୂପ ଧରି/ ଗୋପୀକେ ଗୋବିନ୍ଦ ଗୋଟିଏ/ ସ୍ୱର୍ଗେ ଦେଖନ୍ତି ଦେବତାଏ/ କୃଷ୍ଣର ଦେଖି କ୍ରୀଡ଼ା ରସ/ ତ୍ରିଦଶେ ହୋଇଲେ ହରଷ।'

ସମସ୍ତ ଦୃଶ୍ୟମାନ ଜଗତକୁ ସର୍ଜନା କରିବା ସହିତ ସୃଷ୍ଟିକୁ ବିସ୍ତାରିତ ତଥା ଗତିଶୀଳ କରାଇବା ସଙ୍ଗେ ସଙ୍ଗେ କ୍ଷଣକ ମଧ୍ୟରେ ମହାପ୍ରଳୟ ବା ପ୍ରାକୃତିକ ପ୍ରଳୟ ଘଟାଇ ଉନ୍ନାଭି ପରି ଚରାଚର ବିଶ୍ୱକୁ ନିଜ ହିରଣ୍ୟଗର୍ଭରେ ସ୍ଥାନିତ କରି ପାରୁଥିବା ପୂର୍ଣ୍ଣବ୍ରହ୍ମ ଭଗବାନ ଶ୍ରୀକୃଷ୍ଣଙ୍କର ଦିବ୍ୟାତିଦିବ୍ୟ ଲୀଳା 'ମହାରାସ'ର କଥା ଓ ଗାଥାକୁ ପୁଣ୍ୟ କାର୍ତ୍ତିକରେ ଭକ୍ତଜନମାନେ ପଠନ, କୀର୍ତ୍ତନ ଓ ଶ୍ରବଣ କରି ହୁଅନ୍ତି ଆନନ୍ଦିତ, ଆହ୍ଲାଦିତ ଓ ବିମୋହିତ।

ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

# ରାଗ, ବୈରାଗ୍ୟ ଓ ବିତରାଗ

ମଣିଷର କୌଣସି ନା କୌଣସି ବସ୍ତୁ ବା ବ୍ୟକ୍ତି ପ୍ରତି ଅଧିକ ଆସକ୍ତି ଥାଏ। ମଣିଷର ଏହି ଆସକ୍ତିକୁ କୁହାଯାଏ 'ରାଗ'। ଠିକ୍ ସେମିତି କୌଣସି ବସ୍ତୁ ପ୍ରତି ଥିବା ଅନାଗ୍ରହକୁ ବିରାଗ ବା 'ବୈରାଗ୍ୟ' କୁହାଯାଏ। କିନ୍ତୁ 'ବିତରାଗ' ଚିତ୍ତର ଅନ୍ୟ ଏକ ସ୍ଥିତି। ରାଗ ଓ ବୈରାଗ୍ୟ ଏ ଉଭୟ କ୍ଷେତ୍ରରେ ଧନର ମୂଲ୍ୟକୁ କଳନା କରାଯାଏ। ବିତରାଗ ଚିତ୍ତର ଏମିତି ଏକ ସ୍ଥିତି, ଯେଉଁଠି ଆସକ୍ତି ବା ଅନାସକ୍ତି ନଥାଏ। ବିତରାଗ ସ୍ଥିତିର ଏକ ଉଦାହରଣ।

କେହି କେହି କବୀର ଦାସଙ୍କୁ ଶ୍ରଦ୍ଧା ଓ ଭକ୍ତିରେ କିଛି ଭେଟି ଦେଉଥିଲେ। କବୀର ଦାସ ବୈରାଗୀ ଥିଲେ। ତେଣୁ ସେ ଭେଟି ଗ୍ରହଣ କରୁ ନଥିଲେ। କିନ୍ତୁ ତାଙ୍କ ପୁଅ କମାଲ୍ ସେହି ଭେଟିକୁ ରଖୁଥିଲେ। ଏହା କବୀରଙ୍କୁ ଭଲ ଲାଗୁ ନଥିଲା। ସେ କମାଲ୍‌ଙ୍କୁ ଅନ୍ୟତ୍ର ରହିବା ପାଇଁ ଆଦେଶ ଦେଲେ। କମାଲ୍ ମଧ୍ୟ କିଛି ଦୂରରେ କୁଡ଼ିଆଟିଏ ନିର୍ମାଣ କରି ରହିଲେ। ଦିନେ କାଶୀର ରାଜା କବୀରଙ୍କୁ ଭେଟିବା ପାଇଁ ଗଲେ। କମାଲ୍‌ଙ୍କ କଥା ବି ପଚାରିଲେ।

ପଦାରବିନ୍ଦ

**କବୀର କହିଲେ-** 'ତା'ର ଧନ ଉପରେ ଲୋଭ ବଢ଼ି ଯାଇଛି। ତେଣୁ ଅନ୍ୟ ସ୍ଥାନରେ ରହିବାକୁ କହିଛି।' କାଶୀରାଜା ଦିନେ କମାଲ୍‌ଙ୍କ ଆଶ୍ରମକୁ ଗଲେ। ସାଥିରେ ନେଇଥିଲେ ହୀରା ପଥରଟିଏ। ତାହା କମାଲ୍‌ଙ୍କ ପାଦ ତଳେ ରଖି ପ୍ରଣାମ କଲେ। କମାଲ୍ କହିଲେ- 'ତୁମେ ଯଦି ଏହାକୁ ସାଧାରଣ ପଥର ଭାବୁଛ, ତା'ହେଲେ ରଖିଦେଇ ଯାଅ। ନହେଲେ ଅଯଥାରେ ପଥର କାହିଁକି ବୋହି ବୋହି ନେବ!' ରାଜା ଭାବିଲେ, ଏ ତ ବଡ଼ ଚାଲାକ୍ କଥା କହୁଛନ୍ତି! ହୀରାକୁ କେହି କ'ଣ ପଥର ଭାବେ ?

**କମାଲ୍ କହିଲେ-** 'ଯଦି ତୁମେ ଏହାକୁ ପଥର ଭାବି ଥାଆନ୍ତ, ତା'ହେଲେ କେଉଁଠି ବି ରଖି ଥାଆନ୍ତ। ତୁମେ ଏଯାଏଁ ସାଧାରଣ ପଥର ଭାବିପାରି ନାହଁ। ଏବେ ବି ତୁମ ଇଚ୍ଛା ତାକୁ ଯେଉଁଠି ରଖିବା କଥା ରଖିଦିଅ।'

କାଶୀରାଜା କମାଲ୍‌ଙ୍କୁ ଜଣାଇ କୁଡ଼ିଆର ଚାଳରେ ସେହି ହୀରା ପଥରକୁ ଖୋସିଦେଇ ଫେରିଗଲେ। ଅନେକ ଦିନ ବିତିଗଲା। ରାଜା ପୁଣି ଥରେ କମାଲ୍‌ଙ୍କୁ ଭେଟିଲେ। କହିଲେ- 'ଆପଣଙ୍କୁ ମୁଁ ଥରେ ଭେଟିଥିଲି। ତା' ସହିତ ଏକ ମୂଲ୍ୟବାନ ହୀରା ସେହି କୁଡ଼ିଆ ଚାଳରେ ଖୋସିଦେଇ ଆସିଥିଲି।'

**କମାଲ୍ କହିଲେ-** 'ସେ ବିଷୟ ମୁଁ ଜାଣେନାହିଁ। ତଥାପି ଦେଖିଆସ।'

ରାଜା ଯଥା ସ୍ଥାନରେ ଦେଖନ୍ତି ତ ସେମିତି ହୀରା ପଥରଟି ଚାଳରେ ଥିଲା। କମାଲ୍ ସେ ଆଡ଼କୁ ଦୃଷ୍ଟି ଦେଇ ନଥିଲେ।

ଏହାର ନାମ ହେଲା 'ବିତରାଗ'। 'ରାଗ' ହେଉଛି ଦ୍ରବ୍ୟ ପ୍ରତି ଆସକ୍ତି। 'ବୈରାଗ୍ୟ' ହେଉଛି, ଦ୍ରବ୍ୟକୁ ଚିହ୍ନି ତାକୁ ତ୍ୟାଗ କରିବା ଆଉ 'ବିତରାଗ' ହେଉଛି କମାଲ୍‌ଙ୍କ ଦୃଷ୍ଟିଭଙ୍ଗୀ ଭଳି। ପାଖରେ ଥାଇ ମଧ୍ୟ ନଥିଲା ପରି ରହିବା।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ଚୋରି ମୋବାଇଲ୍ ହସ୍ତାନ୍ତର




**ଝାରସୁଗୁଡ଼ା,୪।୧୧/ଏନ୍ଏନ୍ଏସ୍:** ଜିଲ୍ଲା ପୁଲିସ୍ ପ୍ରଶାସନ ପକ୍ଷରୁ ଚୋରି ମୋବାଇଲ୍ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର ଯୋଗଦେଇ ଉଦ୍ଧାର ମୋବାଇଲ୍ ହସ୍ତାନ୍ତର କରିବା ସହ ଜିଲ୍ଲା ପୁଲିସ୍ ପ୍ରଶାସନର ପଦକ୍ଷେପକୁ ପ୍ରଶଂସା କରିଥିଲେ। ବିଗତ ଦିନରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ୍ ଚୋରି ମାମଲାର ଲିଷ୍ଟ ପ୍ରସ୍ତୁତ କରିବା ସହ ସମସ୍ତ ମୋବାଇଲ୍‌କୁ ଉଦ୍ଧାର କରିବା ପାଇଁ ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରୁ ୧୦୧ଟି ମୋବାଇଲ୍ ଉଦ୍ଧାର ହୋଇଥିଲା। ଉଦ୍ଧାର ମୋବାଇଲ୍ ଗୁଡ଼ିକୁ ମଙ୍ଗଳବାର ମୋବାଇଲ୍ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଆଗାମୀ ଦିନରେ କାହାରି ମୋବାଇଲ୍ ଚୋରି କିମ୍ବା ହଜିଗଲେ ସାଇବର୍ କ୍ରାଇମ୍ ପୋର୍ଟାଲ୍ ଅବା ଜିଲ୍ଲା ସାଇବର୍ ସେଲ୍‌କୁ ଯୋଗାଯୋଗ କରିବାକୁ ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ପରାମର୍ଶ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦ, ମଧୁସ୍ମିତା ମିଶ୍ର, ଏସ୍‌ଡିପିଓ ଉମାଶଙ୍କର ସିଂ ଓ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ସହ ବିଭିନ୍ନ ଥାନାର ଅଧିକାରୀ ଥିଲେ।

# ରାଉରକେଲା ଇସ୍ପାତ୍ କାରଖାନା କର୍ମଚାରୀ ସଂଘର ଗଣବିକ୍ଷୋଭ

**ରାଉରକେଲା,୪।୧୧/ଏନ୍ଏନ୍ଏସ୍:** ଟାଉନ୍ ଇଞ୍ଜିନିୟରିଂର ଘରୋଇକରଣ, ଆଇଜିଏଚ୍‌ରେ ଚିକିତ୍ସା ସେବାରେ ଅବହେଳା ଓ ଆର୍‌ଏସ୍‌ପି ଭିତରେ ମନଇଚ୍ଛା ଶ୍ରମିକଙ୍କ ବଦଳି ବିରୋଧରେ ବିଏମ୍‌ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ୍ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ପକ୍ଷରୁ ବିଶ୍ରା ଛକରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୪ ବର୍ଷ ଧରି ଆର୍‌ଏସ୍‌ଏସ୍ ଶ୍ରମିକ ୟୁନିୟନ୍ ମାନ୍ୟତା ଲାଭ କରିଛି। ସେବେଠାରୁ ଟାଉନ୍ ଇଞ୍ଜିନିୟରିଂ ବିଭାଗରେ କ୍ୱାର୍ଟର୍ ରକ୍ଷଣାବେକ୍ଷଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନସ୍ତରକୁ ଚାଲିଯାଇଛି। ନୂଆ କ୍ୱାର୍ଟର୍ ପୂର୍ବରୁ ୩ ମାସ ମଧ୍ୟରେ ମରାମତି କରାଯାଉଥିଲା ସେଗୁଡ଼ିକ ଏବେ ବର୍ଷ ବର୍ଷ ଧରି ପଡ଼ି ରହୁଛି। ଫଳରେ ଏଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ମାଟିରେ ମିଶିବାକୁ ବସିଲାଣି। ଏ ସମ୍ପର୍କରେ ପଚାରିଲେ ବିଭିନ୍ନ ଆଳ ଦେଖାଇ ଏଡ଼ାଇ ଦିଆଯାଉଛି। ଯେତେବେଳେ କି ଏହା ଶ୍ରମିକଙ୍କ ସ୍ୱାର୍ଥରହିତ ପ୍ରସଙ୍ଗ। କେବଳ ଏତିକି ନୁହେଁ, ପାଇଖାନା ଜାମ୍ ହୋଇଥିଲେ ତାହା ମଧ୍ୟ ମାସ ମାସ ଧରି ଜାମ୍‌ମୁକ୍ତ କରାଯାଉ ନାହିଁ। ବର୍ତ୍ତମାନ




ଆର୍‌ଏସ୍‌ଏସ୍ ଓ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ମିଶି ଏହାକୁ ସୁଧାରିବା ପାଇଁ ସମ୍ପୂର୍ଣ୍ଣ ଟାଉନ୍ ଇଞ୍ଜିନିୟରିଂ ବିଭାଗକୁ ଘରୋଇ ପକ୍ଷ ହାତରେ ଟେକିଦେବା ପାଇଁ ମସୁଧା କରୁଛନ୍ତି। ଏହାପୂର୍ବରୁ ସବ୍‌ସିଡି ପ୍ରତ୍ୟାହାର ନାଁରେ ଆର୍‌ଏସ୍‌ପି ଦ୍ୱାରା ପରିଚାଳିତ ସ୍କୁଲ୍ ଗୁଡ଼ିକର ଘରୋଇକରଣ କାର୍ଯ୍ୟ ହୋଇସାରିଛି। ସ୍କୁଲ୍ ଗୁଡ଼ିକର ଘରୋଇକରଣ ହେବାର ଦେଢ଼ମାସ ପରେ ସ୍ୱୀକୃତିପ୍ରାପ୍ତ ୟୁନିୟନ୍ ଏହାର ପ୍ରତିବାଦରେ ଗଣଧାରଣା କଲା ଯାହାକି ସମ୍ପୂର୍ଣ୍ଣ ହାସ୍ୟାସ୍ପଦ। ଏହା କେବଳ ଲୋକଦେଖାଣିଆ କରାଯାଇଛି ବୋଲି ବିଏମ୍‌ଏସ୍ ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ରାଉରକେଲା ଇସ୍ପାତ୍ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍)ରେ ସ୍ୱାସ୍ଥ୍ୟସେବାରେ ଘୋର ଅବହେଳା ପ୍ରଦର୍ଶନ କରାଯାଉଛି। ପୂର୍ବରୁ ଚିକିତ୍ସା ସହ ଔଷଧ ତୁରନ୍ତ ମିଳିପାରୁଥିଲା। କିନ୍ତୁ ବର୍ତ୍ତମାନ ଚିକିତ୍ସା ଓ ଔଷଧ ପାଇଁ ବାରମ୍ବାର ଆଇଜିଏଚ୍‌କୁ ଦୌଡ଼ିବାକୁ ପଡୁଛି। ଘରୋଇକରଣ ନାମରେ ଶ୍ରମିକଙ୍କୁ ହଇରାଣ କରାଯାଉଛି କିନ୍ତୁ ସ୍ୱୀକୃତିପ୍ରାପ୍ତ ୟୁନିୟନ୍ ସବୁଜାଣି ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ଗତ ଏକ ମାସ ତଳେ ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ଯେମିତିକି କୋକ୍ ଓଭନ୍, ନିୟୁ ପ୍ଲେଟ୍ ମିଲ୍, ହଟ୍‌ଷ୍ଟ୍ରିପ୍ ମିଲ୍, ପ୍ଲେଟ୍ ମିଲ୍ ଓ ବ୍ଲାଷ୍ଟ ଫର୍ଣ୍ଣେସ୍ ଆଦି ବିଭାଗ ଗୁଡ଼ିକ କେବେ ବନ୍ଦ ହେବାର ନାହିଁ। ପ୍ରତ୍ୟେକ ବିଭାଗରୁ ୨ ଜଣଙ୍କୁ କାଢ଼ି ଏସ୍‌ଏମ୍‌ଏସ୍-୨ ବିଭାଗକୁ ବଦଳି କରାଯାଇଛି। ଏନେଇ ପଚାରିଲେ ୨୦୨୩ରେ ରାଉରକେଲା ଶ୍ରମିକ ସଂଘ ଓ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା ହୋଇଥିବା ଉତ୍ତର ମିଳୁଛି। ଏହାଦ୍ୱାରା କର୍ତ୍ତୃପକ୍ଷ ଯେତେବେଳେ ଚାହିଁବେ ସେତେବେଳେ କୌଣସି ଶ୍ରମିକଙ୍କୁ କୌଣସି ବିଭାଗକୁ ବଦଳି କରିପାରିବେ। କର୍ତ୍ତୃପକ୍ଷଙ୍କ ଏଭଳି ମନଇଚ୍ଛା କାର୍ଯ୍ୟ ପ୍ରତିବାଦରେ ଏହି ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଶହ ଶହ ଶ୍ରମିକ ସ୍ୱତଃପ୍ରବୃତ୍ତ ଭାବେ ସାମିଲ୍ ହୋଇ ନିଜ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଏସବୁ ସମସ୍ୟାର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ୟୁନିୟନ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ହିମାଂଶୁ ବଳ, ପ୍ରଦୋଷ ପଣ୍ଡା, ବିଏମ୍‌ଏସ୍‌ର ଅଖିଳ ଭାରତୀୟ ସଂଗଠନ ସମ୍ପାଦକ ଗଣେଶ ମିଶ୍ର, ରାଜେନ୍ଦ୍ର ମହାନ୍ତ, ସତ୍ୟାନନ୍ଦ ଦାସ, ମାନସ ଦାସ, ଅମର ଭୂୟାଁ, ସମିତା ମିଶ୍ର, ରୀତାରାଣି ସ୍ୱାଇଁ, ସରୋଜ ପଣ୍ଡା, ଉମା ସାମଲ, ସଞ୍ଜୀବ ପତି, ଜନକର ସେଠୀ, ପ୍ରଦୀପ ସାହୁ, ରାଜେଶ ଦାସ, ତ୍ରିଲୋଚନ ବେହେରା, ସମର ମହାନ୍ତି, ଶ୍ରୀଧର ବେରୋ, ଏସ୍ ସିଂହ, ସନ୍ତୋଷ ତନ୍ତୀ ପ୍ରମୁଖଙ୍କ ସମେତ ବହୁ ଶ୍ରମିକ ଓ କର୍ମଚାରୀ ସାମିଲ୍ ହୋଇଥିଲେ।

### ରେଳଯାତ୍ରୀ ସଂଘର ବୈଠକ

## ଟ୍ରେନ୍ ରହଣି ବଢ଼ାଇବା ଉପରେ ଗୁରୁତ୍ୱ



**ଭବାନୀପାଟଣା,୪।୧୧/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ରେଳଯାତ୍ରୀ ସଂଘର ମାସିକ ବୈଠକ ସଭାପତି ସୁଭାଷ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେଡ୍‌ଆର୍‌ୟୁସିସି ସଦସ୍ୟ ଡ. ହେମସାଗର ସାହା ଯୋଗଦେଇ କେସିଙ୍ଗା ରେଳ ଷ୍ଟେସନ୍‌ର ବିଭିନ୍ନ ସମସ୍ୟାକୁ ନେଇ ଜେଡ୍‌ଆର୍‌ୟୁସିସି ବୈଠକରେ ଉଠାଇଥିବା ବିଷୟ ଉପରେ ଆଲୋକପାତ କରିଥିଲେ। କେସିଙ୍ଗା ରେଳ ଷ୍ଟେସନ୍‌ରେ ସମସ୍ତ ଦ୍ରୁତଗାମୀ ଟ୍ରେନ୍ ମାତ୍ର ୨ ମିନିଟ୍ ରହଣି ପରିବର୍ତ୍ତେ ୫ ମିନିଟ୍ ରହଣୀ ପାଇଁ ଦାବି ଉଠିଥିଲା। ବିଶେଷକରି ବୃଦ୍ଧ, ବିକଳାଙ୍ଗ ଓ ମହିଳାମାନେ ୨ ମିନିଟ୍ ରହଣି ଯୋଗୁ ଟ୍ରେନ୍‌ରେ ଚଢ଼ିବା ଓ ଓହ୍ଲାଇବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ବାରମ୍ବାର ଅନେକ ଦୁର୍ଘଟଣା ଘଟି ଲୋକେ ଜୀବନ ହରାଉଛନ୍ତି। ତେଣୁ ରହଣି ୫ ମିନିଟ୍ ବୃଦ୍ଧି କରିବା ପାଇଁ ରେଳ ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନେକ ଦିନରୁ ଡାଉନ୍ ଟ୍ରେନ୍ ଗୁଡ଼ିକ ୪ ନମ୍ବର ପ୍ଲାଟଫର୍ମରେ ରହଣି ପାଇଁ ଦାବି ହୋଇଆସୁଛି ହେଲେ ଅନେକ ସମୟରେ ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମରେ ଟ୍ରେନ୍ ଆସୁଥିବାରୁ ରୋଗୀ, ବିକଳାଙ୍ଗ ଓ ବୟସ୍କ ଲୋକମାନେ ହଇରାଣ ହେଉଛନ୍ତି। ତେଣୁ ୪ ନମ୍ବର ପ୍ଲାଟ୍‌ଫର୍ମରେ ଟ୍ରେନ୍ ରହଣି ପାଇଁ ଦାବି ହୋଇଥିଲା। ଉକ୍ତ ବୈଠକରେ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ଉପସଭାପତି ପ୍ରଶାନ୍ତ ବାନାର୍ଜୀ, କୋଷାଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ, ରମେଶ ପଟ୍ଟନାୟକ, ଅନିଲ ଜୈନ, ବିନୁ ଅଗ୍ରୱାଲ, ବେଣୁଧର ମହଲା, ଜୟ ଭଗବାନ ଜୈନ ଓ ଡମ୍ବରୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିପିୟୁଟି ହାକାଥନ୍ ଓ ଟେକ୍ କାର୍ଣ୍ଣିଭାଲ୍ ଉଦ୍‌ଯାପିତ

**ରାଉରକେଲା,୪।୧୧/ଏନ୍ଏନ୍ଏସ୍:** ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ଚଳିତ ମାସ ୧ରୁ ଆରମ୍ଭ ହୋଇଥିବା ବିଶ୍ୱବିଦ୍ୟାଳୟର ୨ଟି ପ୍ରମୁଖ କାର୍ଯ୍ୟକ୍ରମ ବିପିୟୁଟି ହାକାଥନ୍-୨୦୨୫ର ଦ୍ୱିତୀୟ ସଂସ୍କରଣ ଓ ଟେକ୍ କାର୍ଣ୍ଣିଭାଲ୍-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଛେଣ୍ଡସ୍ଥିତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉଭୟ କାର୍ଯ୍ୟକ୍ରମ ବେଶ୍ ସଫଳତା ପୂର୍ବକ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶାର ପ୍ରାୟ ୨,୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ୫୦୫ ପଞ୍ଜିକୃତ ଦଳ ମଧ୍ୟରୁ ଶ୍ରେଷ୍ଠ ୫୦ ଦଳର ମୋଟ୍ ୨୪୮ ଛାତ୍ରଛାତ୍ରୀ ଗ୍ରାଣ୍ଡ ଫାଇନାଲ୍‌ରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ। ରିମ୍ସ ରାଉରକେଲା, ଏସ୍‌ଏମ୍‌ଟି ଭୁବନେଶ୍ୱର, ଗୀତମ୍ ଭୁବନେଶ୍ୱର, ଗିଫ୍ଟ ଭୁବନେଶ୍ୱର, ଜିଆଇଇଟି ଗଙ୍ଗପାଟଣା, ଜିଆଇଇଟି ବଣେଇ ଟାଙ୍ଗି, ଭିଆଇଟି ଭୁବନେଶ୍ୱର, ଗୀତା ଭୁବନେଶ୍ୱର, ଜିଇସି ଭୁବନେଶ୍ୱର, ୟୁଏସ୍‌ବିଏମ୍ ଭୁବନେଶ୍ୱର, ଟିଏଟି ଭୁବନେଶ୍ୱର ଓ ବିପିୟୁଟି ରାଉରକେଲା କ୍ୟାମ୍ପସ୍‌ରେ ମଧ୍ୟବର୍ତ୍ତୀ ମୂଲ୍ୟାଙ୍କନ ଦ୍ୱାରା ଏହି ଦଳ ଗୁଡ଼ିକର ଚୟନ କରାଯାଇଥିଲା। ସେମାନେ ଏସ୍‌ଟିପିଆଇ ଭୁବନେଶ୍ୱର, ରୁମାନ୍ ଟେକ୍‌ନୋଲୋଜିସ୍ ବାଙ୍ଗାଲୋର, ଓକେସିଏଲ୍ ଭୁବନେଶ୍ୱର, ଓକାକ୍ ଭୁବନେଶ୍ୱର,




ଏମ୍‌ଇଆଇଏଲ୍ ହାଇଦ୍ରାବାଦ ଓ ଡିଏଡିବି ଜର୍ମାନୀ ଭଳି ପ୍ରତିଷ୍ଠିତ ଶିଳ୍ପ ସହଯୋଗୀଙ୍କ ଦ୍ୱାରା ଚିହ୍ନଟ ୧୦ଟି ବାସ୍ତବ ଜିବନୀ ସମସ୍ୟାର ସମାଧାନ ଉପରେ ଉପସ୍ଥାପନ କରିଥିଲେ। ନବସୃଜନ, ସମ୍ଭାବ୍ୟତା ଓ ସାମାଜିକ ପ୍ରଭାବ ଉପରେ ଧ୍ୟାନଦେଇ ମୂଲ୍ୟାଙ୍କନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଳ୍ପ ସହଯୋଗୀ, ବିଶିଷ୍ଟ ଶିକ୍ଷାବିତ୍, ଜୁରି ସଦସ୍ୟ, ବିପିୟୁଟିର ସଂଲଗ୍ନ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟର ଅଧିକାରୀ, ରାଉରକେଲା ଓ ଆଖପାଖର ବିଭିନ୍ନ ସ୍କୁଲ୍ ଓ କଲେଜର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଜେତା ଦଳ ଗୁଡ଼ିକୁ ମୋଟ୍ ୬ ଲକ୍ଷ ଟଙ୍କାର ପୁରସ୍କାର ଏବଂ ମହିଳା ସଶକ୍ତିକରଣ ଓ ଅନ୍ତର୍ଭୁକ୍ତିମୂଳକ ନବସୃଜନ ପ୍ରତି ବିପିୟୁଟିର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରି ଶ୍ରେଷ୍ଠ ମହିଳା ନେତୃତ୍ୱାଧୀନ ଦଳକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିପିୟୁଟି କୁଳପତି ପ୍ରଫେସର୍ ଅମୀୟ କୁମାର ରଥ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି, ଉଦ୍ୟୋଗୀ ଉତ୍ସାହକୁ ପ୍ରୋତ୍ସାହିତ କରି ଯୁବ ଉଦ୍ଭାବକଙ୍କୁ ପ୍ରତିଷ୍ଠା ଦେଇଥାଏ ବୋଲି କହିଥିଲେ। ବିପିୟୁଟିର କୁଳସଚିବ ନିଶି ପୁନମ୍ ମିଞ୍ଜ ସମଗ୍ର ରାଜ୍ୟରେ ନବସୃଜନକୁ ପ୍ରୋତ୍ସାହିତ କରିବାରେ ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଉଲ୍ଲେଖ କରିଥିଲେ। ଉପକୁଳସଚିବ ଡକ୍ଟର ଏସ୍ କେ ରଥ ଧନ୍ୟବାଦ ଦେଇଥିଲେ।

## ସାଇବର୍ ଠକ ଲୁଟିନେଲେ ୧୯ ହଜାର

**ଟିଟିଲାଗଡ଼,୪।୧୧/ଏନ୍ଏନ୍ଏସ୍:** ସାଇବର୍ ସଚେତନତା ସପ୍ତାହେ ନପୁରୁଣୁ ଜଣେ ଆଦିବାସୀ ମହିଳା ସାଇବର୍ ଠକେଇର ଶିକାର ହୋଇଛନ୍ତି। ଟିଟିଲାଗଡ଼ ବାନ୍ଧୁପଲାରେ ରହୁଥିବା ମ୍ୟୁନିସିପାଲିଟିର ସଫେଇ କର୍ମଚାରୀ ପ୍ରମିଳା ଶବରଙ୍କୁ ଲକ୍ଷାଧିକ ଟଙ୍କାର ପ୍ରଲୋଭନ ଦେଖାଇ ଆକାଉଣ୍ଟ ଜରିଆରେ ୧୯ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ପ୍ରଥମେ ସାଇବର୍ ଠକ ମୋବାଇଲ୍ ନମ୍ବର +୪୪୭୭୭୭୬୪୮୯୮୬ରୁ କଲ୍ କରି ଆପଣଙ୍କ ନାମରେ କପଡ଼ା ପଠାଯାଇଛି ଏବଂ କପଡ଼ା ପାଇସାରିବା ପରେ ପେମେଣ୍ଟ କରିବେ ବୋଲି କହିଥିଲେ। ପୁଣି କଲ୍ କରି କପଡ଼ାର ପଇସା ପଠାଇବା ପାଇଁ କହିବାରୁ ପ୍ରମିଳା ପ୍ରଥମେ ୧୫ ହଜାର ଟଙ୍କା ଏବଂ ପରେ ପୁଣି ୪ ହଜାର ଟଙ୍କା ଫୋନ୍ ପେ ଜରିଆରେ ପଠାଇଥିଲେ। କିଛି ସମୟ ପରେ ପୁଣି ସାଇବର୍ ଠକ ଆପଣଙ୍କ ନାମରେ କିଛି ଆମେରିକା ଟଙ୍କା (ଡଲାର୍) ପଠାଯାଉଛି ଯାହାର ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ଓ ସେଥିପାଇଁ ୪୫ ହଜାର ଟଙ୍କା ବ୍ୟାଙ୍କରେ ଜମା କରିବାକୁ ପଡ଼ିବ ବୋଲି କହି ତାଙ୍କ ପାଖକୁ ଟଙ୍କା ଜମା ହେବାର ଭିଡିଓ ଓ ଫଟୋ



ପଠାଇଥିଲା। ବାରମ୍ବାର ୪୫ ହଜାର ଟଙ୍କା ପଠାଇବା ପାଇଁ କଲ୍ କରିବାରୁ ପ୍ରମିଳା ସନ୍ଦେହ କରି ଟଙ୍କା ପଠାଇବା ପାଇଁ ମନା କରିବାରୁ ଉକ୍ତ ଠକ ପ୍ରମିଳାଙ୍କୁ ବ୍ଲାକ୍‌ମେଲ୍ କରିବା ଆରମ୍ଭ କରିଥିଲା। ଟଙ୍କା ନଦେଲେ ତୁମକୁ ପୁଲିସ ବାନ୍ଧି ନେବ ବୋଲି ଧମକ ଦେବା ସହ ଜଣେ ପୁଲିସ୍ ଅଫିସର୍‌ଙ୍କ ଫଟୋ ଓ ଜଣେ ମହିଳାଙ୍କୁ ପୁଲିସ ବାନ୍ଧି ନେବାର ଭିଡିଓ ପ୍ରମିଳାଙ୍କୁ ପଠାଇଥିଲା। ପ୍ରମିଳା ଭୟଭୀତ ହୋଇ ଟିଟିଲାଗଡ଼ ଥାନାରେ ଏତଲା ଦେବା ପରେ ପୁଲିସ ମାମଲାକୁ ବଲାଙ୍ଗୀର ସାଇବର୍ ଥାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି।

## ଜନଜାତୀୟ ଗୌରବ ଦିବସ ଓ ସହିଦ ବିର୍ସା ମୁଣ୍ଡା ଜୟନ୍ତୀ ପ୍ରସ୍ତୁତି



**ଦେବଗଡ଼,୪।୧୧/ଏନ୍ଏନ୍ଏସ୍:** ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ଆହ୍ୱାନକ୍ରମେ ଜନଜାତୀୟ ଗୌରବ ଦିବସ ଏବଂ ସହିଦ ବିର୍ସା ମୁଣ୍ଡା ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି ନଭେମ୍ବର ୧୫ ତାରିଖ ଦେବଗଡ଼ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଏହି କାର୍ଯ୍ୟକ୍ରମକୁ ପାଳନ କରିବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଷ୍ଟମରୁ ଦଶମ ଏବଂ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହିତ ଆଦିବାସୀ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପ୍ରକଳ୍ପ ପ୍ରକାଶିକା ତିଲେଇବଣି ଟିଏଆଇଟିଡିଏ ସନ୍ଧ୍ୟା ମାଝୀ, ଡିପିଏମ୍ ଓଏଲେମ୍ ଶିଶିର କୁମାର ଷଡ଼ଙ୍ଗୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ପ୍ରିୟଦର୍ଶିନୀ ମିର୍ଦ୍ଧା, ସହକାରୀ ଜିଲ୍ଲାପାଳ ତଥା ସାଂସ୍କୃତିକ ଅଧିକାରୀ ଈଶ୍ୱର ଗୁରୁ , ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ପ୍ରଭାତ କୁମାର ଓଝା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଇଂ ପ୍ରଶାସକ ବିକାଶ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲରମ୍ବା ସୁକତେଲ୍ ନଦୀରୁ ହାଇୱା ଜବତ



**ପାଟଣାଗଡ଼,୪।୧୧/ଏନ୍ଏନ୍ଏସ୍:** ଲରମ୍ବା ବାଲିଘାଟରୁ ବାଲି ଚୋରାଚାଲାଣ ସମୟରେ ଏକ ହାଇୱାକୁ ପାଟଣାଗଡ଼ ତହସିଲ୍‌ଦାର୍ ରୁଦ୍ରମୋହନ ନାୟକ ଜବତ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଘୁମେର ଛକରେ ଲରମ୍ବା ପୁଲିସ ସହାୟତାରେ ହାଇୱାକୁ ଅଟକାଇଥିଲେ। ବାଲି ଆଣିବାର ସଠିକ୍ କାଗଜ ନଥିବାରୁ ହାଇୱା ଜବତ କରିବା ସହ ଥାନାକୁ ନେଇ ଯାଇଥିବା ଜଣାପଡ଼ିଛି।

## ‘ମହିଳାମାନେ ସଚେତନ ହେଲେ ହିଁ ସୁରକ୍ଷିତ ରହିପାରିବେ’

**ଦେବଗଡ଼,୪।୧୧/ଏନ୍ଏନ୍ଏସ୍:** ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି ) ଓ ଶକ୍ତିଶ୍ରୀ ସେଲ୍ ପକ୍ଷରୁ କଲେଜ୍ କ୍ୟାମ୍ପସ୍‌ରେ ଛାତ୍ରୀଙ୍କ ସୁରକ୍ଷା ସମ୍ପର୍କିତ ଏକ ସେମିନାର୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ରେବିକା ବିଲୁଙ୍ଗ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀ ଓ ଅଧ୍ୟାପିକାଙ୍କୁ ନାରୀ ସୁରକ୍ଷା ସମ୍ପର୍କିତ ସରକାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଯୋଜନା ଓ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ମହିଳାମାନେ ସଚେତନ ହେଲେ ହିଁ ସେମାନେ ସୁରକ୍ଷିତ ରହିପାରିବେ ବୋଲି ସେ ବୁଝାଇଥିଲେ। ଛାତ୍ରୀମାନେ ବର୍ତ୍ତମାନ ସମୟରେ ଉଗ୍ର ଆଧୁନିକା ହୋଇ କିଭଳି




ମୋବାଇଲ୍ ଦ୍ୱାରା ଠକାମି ତଥା ନିର୍ଯାତନାର ଶିକାର ହେଉଛନ୍ତି। ସେ ଏହା ବୁଝାଇବା ସହିତ କିଭଳି ଏପରି ସମାଜରେ ହେଉଥିବା ନିର୍ଯାତନାକୁ ମୁକାବିଲା କରି ନିଜକୁ ସୁରକ୍ଷିତ ରଖିପାରିବେ ଏହା ସୂଚାଇ ଦେଇଥିଲେ। ବଜାଲେଜ୍‌ର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭାପତି ଅଧ୍ୟାପିକା ଶତରୂପା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ଼ଃ ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସଞ୍ଜିତା ଜେନାଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ ବହୁ ସଂଖ୍ୟାରେ ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ।

# ନିର୍ଦ୍ଧାରିତ ଦୈନିକ ବଜାରରେ ବ୍ୟବସାୟ କରିବାକୁ ଅନୁରୋଧ

### ସୁରକ୍ଷା ଦୃଷ୍ଟିରୁ ନିଆଯାଇଛି ନିଷ୍ପତ୍ତି

**ରାୟଗଡ଼ା,୪।୧୧/ଏନ୍ଏନ୍ଏସ୍:** ରାୟଗଡ଼ାର ନୂତନ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ଓଭରବ୍ରିଜ୍ କାମ ଜାତୀୟ ରାଜପଥ ବିଭାଗ ଦ୍ୱାରା ଆରମ୍ଭ ହୋଇଛି । ସେଥିପାଇଁ ଓଭରବ୍ରିଜ୍ ତଳେ କୌଣସି ପ୍ରକାର ବ୍ୟବସାୟ ନ କରିବାକୁ ପୌରପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ପର୍ଯ୍ୟାୟକ୍ରମେ ପୌରପରିଷଦ ପକ୍ଷରୁ ରାମକୃଷ୍ଣନଗର ଏବଂ କସ୍ତୁରୀନଗରରେ ବଡ଼ ପରିବା ବଜାର ଖୋଲାଯାଇ ବେପାର ଆରମ୍ଭ ହେଇଥିଲା। ମାତ୍ର ଦଶହରା ଓ ଦିପାବଳୀକୁ ଦୃଷ୍ଟିରେ ରଖି ପରିବା ଏବଂ ଫଳ ବ୍ୟବସାୟୀ ବ୍ରିଜ୍ ତଳକୁ ଫେରିଯାଇଥିଲେ। ଏହି ଓଭରବ୍ରିଜ୍ ଦୁର୍ବଳ ଅବସ୍ଥାରେ ଥିବାରୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ବ୍ରିଜ୍ ତଳେ ବ୍ୟବସାୟ ନକରିବା ପାଇଁ ପୌରପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ଏହାସହ ସମସ୍ତ ବ୍ୟବସାୟୀ ରାମକୃଷ୍ଣ ନଗରରେ ଥିବା ଅସ୍ଥାୟୀ ଦୈନିକ ବଜାର ଏବଂ କସ୍ତୁରୀ ନଗରରେ ଥିବା ବିଜୁ ପଟ୍ଟନାୟକ ମାର୍କେଟ୍ କମ୍ପ୍ଲେକ୍ସକୁ ସ୍ଥାନାନ୍ତର ହେବାପାଇଁ ପୁଣିଥରେ ଅନୁରୋଧ



କରାଯାଇଛି। ତୁମ୍ବିଗୁଡ଼ାରେ ଆର୍‌ଏମ୍‌ସି ନିର୍ଦ୍ଧାରିତ ମାର୍କେଟ୍ କମ୍ପ୍ଲେକ୍ସ ପରିବା ବ୍ୟବସାୟ ପାଇଁ ଉଦ୍ଦିଷ୍ଟ। ସମସ୍ତ ବ୍ୟବସାୟୀ ଓଭରବ୍ରିଜ୍ ତଳେ ଏବଂ ଦୁଇ ପାର୍ଶ୍ୱ ବଦଳରେ ପୌରପରିଷଦ ଦ୍ୱାରା ନିର୍ଦ୍ଦିଷ୍ଟ ହେଇଥିବା ଜାଗାରେ ବ୍ୟବସାୟ କରିବାକୁ ପୌରପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି। ଅଧ୍ୟକ୍ଷ ମହେଶ ପଟ୍ଟନାୟକ ସମସ୍ତ ଜନସାଧାରଣଙ୍କୁ ନିର୍ଦ୍ଧାରିତ ଦୈନିକ ବଜାରରୁ କିଣା ଓ ବିକା କରିବାକୁ ଅନୁରୋଧ କରିଛନ୍ତି। ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ସମସ୍ତ ମୌଳିକ ସୁବିଧା ଏହି ଦୈନିକ ବଜାରରେ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏହାସହ ପର୍ଯ୍ୟାୟକ୍ରମେ ସେଠାରେ ପିଣ୍ଡି ନିର୍ମାଣ ସହିତ ପାର୍କିଂ, ଶୌଚାଳୟ ଓ ପାଣିର ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି ମତପ୍ରକାଶ କରିଛନ୍ତି। ସେଥିପାଇଁ ପୁଣିଥରେ ସେ ସମସ୍ତ ବ୍ୟବସାୟୀଙ୍କୁ ନିର୍ଦ୍ଧାରିତ ସ୍ଥାନରେ ହିଁ ବ୍ୟବସାୟ କରିବାକୁ ପୌରପରିଷଦ ପକ୍ଷରୁ ଅନୁରୋଧ କରିଛନ୍ତି।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ଦେବଗଡ଼,୪।୧୧/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୩୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଏବଂ ୭ଟି ସାମୁହିକ ଅଭିଯୋଗ ପଞ୍ଜିକରଣ କରାଯାଇଥିଲା। ବିଶେଷକରି ଅନ୍ତର୍ଦ୍ଧ୍ୱୟ ଗୃହ ପାଇବା ନିମନ୍ତେ ବିଦ୍ୟୁତ୍ ସଂଯୋଗୀକରଣ, ବିଏସ୍‌ଏନ୍‌ଏଲ୍ ମୋବାଇଲ୍ ଟାୱାର ସ୍ଥାପନ, ସୁଭଦ୍ରା ଯୋଜନା ସାମିଲ ଓ ନୂତନ ପଞ୍ଚାୟତ ଆଦି ଅଭିଯୋଗ ସାମିଲ ଥିଲା। ଅଭିଯୋଗ ଗୁଡ଼ିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି, ମୁଖ୍ୟ ଉନ୍ନୟନ ତଥା ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର୍ ଅଞ୍ଜୁନି କୁଜୁର ଓ ସହକାରୀ ଜିଲ୍ଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗହୀରମଥାରେ କଇଁଛ ସୁରକ୍ଷା ସଚେତନତା

**ରାଜନଗର,୪।୧୧/ଏନ୍ଏନ୍ଏସ୍:** ରାଜନଗର ବନଖଣ୍ଡ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ କାର୍ଯ୍ୟାଳୟ ଶାସନପେଟାଠାରେ କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହକାରୀ ବନସଂରକ୍ଷକ ମାନସ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର ଯୋଗଦେଇ ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥାର ସୁରକ୍ଷା ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତନ୍ତିଆପାଳ ସାମୁଦ୍ରିକ ଥାନାଧିକାରୀ କିଶୋର ତରାଇ, ସହକାରୀ ମତ୍ସ୍ୟଅଧିକାରିଣୀ ଶତାବ୍ଦୀ ସୁଭଦ୍ରା ପ୍ରିୟଦର୍ଶନୀ, ପରିବେଶବିତ୍ ହେମନ୍ତକୁମାର ରାଉତ, ସାମ୍ବାଦିକ ଭାସ୍କର ରାଉତରାୟ, ଅଶୋକକୁମାର ସ୍ୱାଇଁ, ଦୋଳଗୋବିନ୍ଦ ଜେନା, କଳ୍ପତରୁ ସାମଲ ପ୍ରମୁଖ ଯୋଗଦେଇ ସାମୁଦ୍ରିକ କଇଁଛ ଅଲିଭରିଡଲେର ସୁରକ୍ଷା ପାଇଁ ବଡ ବିପଦ ମୁଣାଜାଲ ବା ଗାଣ୍ଡଜାଲ, ଯାହାକୁ ଟ୍ରଲରମାନେ ବ୍ୟବହାର କରଥାନ୍ତି ।

# କୋଇଲା ବୋଝେଇ ଟ୍ରାକ୍ଟର୍ ଜବତ, ୨ ଗିରଫ

**ଛେଣ୍ଡିପଦା,୪।୧୧/ଏନ୍ଏନ୍ଏସ୍:** ଅନୁଗୁଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ପୁଲିସ ଅଷ୍ଟ୍ରେଲିଆନ କୋଇଲା ଚୋରିକରି ଟ୍ରାକ୍ଟରରେ ନେଇ ଯାଉଥିବା ବେଳେ ପୁଲିସ ଟ୍ରାକ୍ଟରକୁ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକମାନେ ହେଲେ ଜରଡ଼ା ଗାଁ ର ପ୍ରତାପ ଧଳ ଓ ପାରିପରା ଗାଁର ତ୍ରିଲୋଚନ ବେହେରା । ପ୍ରକାଶ, ନିଶା ଶିଳ୍ପାଞ୍ଚଳ ଥାନା ପୁଲିସ ରାତି ପେଟ୍ରୋଲିଂ କରିଥିବା ବେଳେ ଚୋରା କୋଇଲା ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପାରିପରା ନିକଟରେ ଛକି ରହିବା ସହିତ ଏକ କୋଇଲା ବୋଝେଇ ହୋଇ ଆସୁଥିବା ଓ଼ଆର୍ ୧୯ଏନ୍ ୩୮୦୯ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ କୋଇଲା ପରିବହନ ନେଇ କାଗଜପତ୍ର ମାଗିବାରୁ କୋଇଲା ନେଇ ଆସୁଥିବା ପ୍ରତାପ ଧଳ ଓ ତ୍ରିଲୋଚନ ବେହେରା ଦେଖାଇ ପାରି ନଥିଲେ । ଏନେଇ ପୁଲିସ ଅଧିକ ପଚରା ଉଚରା କରିବାପରେ ଜିନ୍ଦଲ କମ୍ପାନୀକୁ ଆସୁଥିବା ଅଷ୍ଟ୍ରେଲିଆନ କୋଇଲା ଚୋରି କରି ଗଚ୍ଛିତ ରଖିବା ପରେ ଟ୍ରାକ୍ଟର୍‌ରେ ନେଇ ଯାଉଥିବା ପ୍ରକାଶ କରିଥିଲେ । ଏନେଇ ପୁଲିସ ଟ୍ରାକ୍ଟର ଚାଳକ ତଥା ମାଲିକ ପ୍ରତାପ ଧଳ ଓ ସହଯୋଗୀ ତ୍ରିଲୋଚନ ବେହେରାଙ୍କୁ ଗିରଫ କରିବା ଶହ ଟ୍ରାକ୍ଟର୍‌କୁ ଜବତ କରି ଥାନାକୁ ଆଣିଥିଲେ । ଏନେଇ ନିଶାଶିଳ୍ପାଞ୍ଚଳ ଥାନା କେସ ନଂ ୩୮୬/୨୫ରେ ଏକ ମାମଲା ରୁଜୁ କରିବା ସହିତ ଗିରଫ ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି ।

# ଉଦ୍‌ଘାଟନ ହେଲା ପାରାଦୀପ କଳିଙ୍ଗ ବାଲିଯାତ୍ରା

**ପାରାଦୀପ,୪।୧୧/ଏନ୍ଏନ୍ଏସ୍:** ପାରାଦୀପ ସମୁଦ୍ର ବେଳାଭୂମି ନିକଟସ୍ଥ ବିଜୁ ମୈଦାନ ବାଲିଯାତ୍ରା ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପାରମ୍ପରିକ ପାରାଦୀପ ମହୋତ୍ସବ-୨୦୨୫ ମଙ୍ଗଳବାର ସନ୍ଧ୍ୟାରେ ମହା ସମାରୋହରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଅପରାହ୍ନରେ ହେଲିକାପ୍ଟରରେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ଅବତରଣ କରିବା ପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ବାଲିଯାତ୍ରା ମଞ୍ଚ ନିକଟକୁ ନିଆଯାଇଥିଲା । ଏହି ଅବସରରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କର୍ମୀମାନେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିବାର ଦେଖିବାକୁ ମିଳିଥିଲା । ଏହି ମହୋତ୍ସବ ଓଡ଼ିଶାର ପାରମ୍ପରିକ ସାମୁଦ୍ରିକ ବାଣିଜ୍ୟ, ମେଳା ଏବଂ ପୂର୍ବ ଓଡ଼ିଶାର ସମୃଦ୍ଧ ସଂସ୍କୃତିର ଏକ ରଙ୍ଗୀନ ସ୍ମରଣକାରୀ । କଳିଙ୍ଗ ବାଲିଯାତ୍ରା ହେଉଛି ବାଲି ସହିତ ପୁରୁଣା ପାରମ୍ପରିକ ସାଂସ୍କୃତିକ ଏବଂ ଅର୍ଥନୈତିକ ବାଣିଜ୍ୟ ସମ୍ପର୍କର ପ୍ରତୀକ । ଏହି ମହୋତ୍ସବ ପ୍ରାଚୀନ ଓଡ଼ିଶାର ଗୌରବମୟ ସାମୁଦ୍ରିକ ବାଣିଜ୍ୟ ଏବଂ ସମୃଦ୍ଧିର ପ୍ରତୀକ, ଯାହାକୁ କଳିଙ୍ଗ ନାମରେ ଜଣାଶୁଣା । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୯୨ ମସିହାରେ ପାରାଦୀପରେ କଳିଙ୍ଗ ବାଲିଯାତ୍ରା ଆରମ୍ଭ କରିଥିଲେ । କଳିଙ୍ଗର ସାମୁଦ୍ରିକ ଗୌରବର ସ୍ମୃତିକୁ ପୁନର୍ଜୀବିତ ଏବଂ ସତେଜ କରିବା ପାଇଁ ୧୯୯୨ ମସିହାର କାର୍ତ୍ତିକ ପୂର୍ଣ୍ଣିମାରେ ଏକ ଅଭିଯାନ ଆୟୋଜନ କରାଯାଇଥିଲା । ଓଡ଼ିଶାର ପାରାଦୀପ ବନ୍ଦରରୁ ସାତଜଣ ସଦସ୍ୟଙ୍କୁ ନେଇ ଏକ ୧୩ ମିଟର ଲମ୍ବା ଏକ ପାଲଟଣା ନୌକା ବାଲି ଅଭିମୁଖେ ଯାତ୍ରା କରି ପ୍ରାଚୀନ ବାଣିଜ୍ୟ ପଥକୁ ପୁନର୍ବାର ଅନୁସରଣ କରିଥିଲେ । 'ଆଇଏନଏସ ସମୁଦ୍ର' ନୌକାରେ ମାତ୍ର ୧୭ ସପ୍ତାହ ମଧ୍ୟରେ ୫,୮୧୦ ନଟିକାଲ୍ ମାଇଲ୍ ଦୂରତା ଅତିକ୍ରମ କରିଥିଲା । ସେବେଠାରୁ ବାଲିଯାତ୍ରା ପାଳନ ଚାଲିଛି ଯାହା ଏହି ଅଞ୍ଚଳର ଗୌରବମୟ ସାମୁଦ୍ରିକ ପରମ୍ପରାକୁ ମନେ ପକାଇଥାଏ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରାକୁ ସ୍ମୃତିଚାରଣ କରିଥିଲେ । ଦୀର୍ଘ ବର୍ଷ ଧରି ମହୋତ୍ସବକୁ ସଫଳତାର ସହିତ ପରିଚାଳନା ପାଇଁ ଆୟୋଜକଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ସେହିପରି ପାରାଦୀପ ବିଧାୟକ ଏବଂ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଓଡ଼ିଶାର ପ୍ରାଚୀନ ସମୃଦ୍ଧ ପରମ୍ପରା ଏବଂ ସାମୁଦ୍ରିକ କାର୍ଯ୍ୟକଳାପ ବିଷୟରେ ବକ୍ତବ୍ୟ




ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁରର ସାଂସଦ ବିଭୁ ପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ସଭାରେ କଳିଙ୍ଗ ବାଲିଯାତ୍ରା କମିଟି (କେବିସି)ର ଅଧ୍ୟକ୍ଷ ଏବଂ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଲୋକସମ୍ପର୍କ ଅଧିକାରିଣୀ ପ୍ରତୀଚୀ ତନୟା ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ କମିଟିର ସମ୍ପାଦକ ତଥା ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଏହି ଉଦ୍‌ଘାଟନୀ ଅବସରରେ ବହୁ ଜନସମାଗମ ହୋଇଥିବାର ଦେଖିବାକୁ ମିଳିଥିଲା । ଆସନ୍ତାକାଲି ସକାଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାରାଦୀପ ବନ୍ଦର ୱେଟ୍‌ବେସିନ ଠାରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

# ୩୫ତମ ଶିଶୁ ବିକାଶ ଉତ୍ସବ ଉଦ୍‌ଘାଟିତ



**ଢେଙ୍କାନାଳ,୪।୧୧/ଏନ୍ଏନ୍ଏସ୍:** ଢେଙ୍କାନାଳ ସଦର ବ୍ଲକ୍ ରାଧାଦେଇପୁର ଠାରେ ବାଜିରାଉତ ଶିଶୁ ବିକାଶ ପରିଷଦ ଆନୁକୂଲ୍ୟରେ ୩୫ତମ ଶିଶୁ ବିକାଶ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ସମାଜସେବୀ ଶିଶିର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ହୋତା ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଉକ୍ତିକୁ ଉଦ୍ଧାରକରି ଶିଶୁମାନେ ଆଗାମୀ ଦିଗରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । କେବଳ ଭଲପାଠ ପଢିଲେ ନୁହେଁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ରାଧାଦେଇପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଧାକର ମିଶ୍ର, ଅବସରପ୍ରାପ୍ତଶିକ୍ଷକ ମୁରଲିଧର ସାହୁ, ଲୋକନାଥ ଷଡଙ୍ଗୀ, ରାଧାଦେଇପୁର ସମିତି ସଭ୍ୟ ଗଙ୍ଗାଧର ସେଠୀ, ଶିଶୁ ବିକାଶ ଉତ୍ସବ ୩୫ବର୍ଷ ଧରି ରାଧାଦେଇପୁର, ନୁଆପଡା, ଲତାଦେଇପୁର ଏବଂ ବଣସିଂହ ଅଞ୍ଚଳର ଶିଶୁମାନଙ୍କର ଅର୍ନ୍ତନିହିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାକୁ ସହାୟକ ହୋଇପାରିଛି ବୋଲି କହିଥିଲେ । ସମାଜସେବୀ ନିର୍ମଳଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ବିକ୍ରମ ସେଠୀ ସଂଯୋଜନା କରିଥିଲେ । କୈଳାସଚନ୍ଦ୍ର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ବିକାଶ ପରିଷଦର ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ଓ ବିକାଶ ଜେନା ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ଶିଶୁମାନେ ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ଆଦି ପ୍ରଦର୍ଶନ କରିଥିଲେ । ଏହି ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହେବ ।

# ବିଦ୍ୟାଳୟସ୍ତରୀୟ ସ୍ୱତନ୍ତ୍ର ଅଧିବେଶନ

**ଯାଜପୁର,୪।୧୧/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଦ୍ୟାଳୟସ୍ତରୀୟ ଛାୟା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଗଣତାନ୍ତ୍ରିକ ଦେଶ ଭାରତ ନିମନ୍ତେ ଭବିଷ୍ୟତର ନେତୃତ୍ୱ ସୃଷ୍ଟି ନିମନ୍ତେ ବିଦ୍ୟାଳୟସ୍ତରରୁ ଏହି ପ୍ରୟାସ କରାଯାଇଛି । ରାଜ୍ୟର ବିଭିନ୍ନ ଜରୁରୀ ସମସ୍ୟାକୁ ଲକ୍ଷ୍ୟକରି କରାଯାଇଥିବା ସ୍ୱତନ୍ତ୍ର ଅଧିବେଶନରେ ବିଧିମୁତାବକ ବାଚସ୍ପତି ଅଧ୍ୟକ୍ଷତା କରିଥିବା ବେଳେ ଶାସକ ଦଳର ମୁଖ୍ୟଭାବେ ମୁଖ୍ୟମନ୍ତ୍ରୀ,କ୍ୟାବିନେଟ୍ ମନ୍ତ୍ରୀ, ବିରୋଧି ଦଳର ନେତା ଓ ଅନ୍ୟ ବିଧାୟକ, ବିଧାୟିକା ଅଂଶଗ୍ରହଣ କରିଥିଲେ । ପ୍ରଶ୍ନୋତ୍ତର କାଳରେ ବିରୋଧି ଓ ଶାସକଦଳର ସଭ୍ୟ/ସଭ୍ୟାଙ୍କ ବିଭିନ୍ନ ଦୃଷ୍ଟିଆକର୍ଷଣକାରୀ ପ୍ରଶ୍ନର ମନ୍ତ୍ରୀମାନେ ତଥ୍ୟଭିତ୍ତିକ ଉତ୍ତର ପ୍ରଦାନ କରିଥିଲେ । ଏଥିରେ ପର୍ଯ୍ୟବେକ୍ଷକଭାବେ ପୂର୍ବତନ ପ୍ରଧାନଶିକ୍ଷକ ତଥା ସମାଜସେବୀ ଡଃ ଅକ୍ଷୟ କୁମାର ପଣ୍ଡା ଏବଂ ପଞ୍ଚସଖା ଅଭିଯାନର ସଭାପତି ସମାଜସେବୀ ନାରାୟଣ ଚନ୍ଦ୍ର ସାହୁ ଯୋଗଦେଇ ସଫଳଭାବେ କାର୍ଯ୍ୟ ନିର୍ବାହ କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତର ପାଇଁ ମନୋନୀତ କରିବା ସହ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଏହି ତାଲିମ ପ୍ରଦାନରେ ଶିକ୍ଷୟିତ୍ରୀ ଶୁଭପ୍ରିୟା ପଣ୍ଡା, ରୋଜାଲିନ୍ ପ୍ରିୟଦର୍ଶନୀ ଖୁଣ୍ଟିଆ, ବର୍ଷାପ୍ରିୟଦର୍ଶନୀ ପଣ୍ଡା, ଶିକ୍ଷକ ସୂର୍ଯ୍ୟନାରାୟଣ ପତି, ମାନସ ରଞ୍ଜନ ସାହୁ, ଦେବେଦତ୍ତ ବେହେରା ପ୍ରମୁଖ ମୁଖ୍ୟଭୂମିକା ନିର୍ବାହ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




O-1257

E.Mail – rw_rourkela@yahoo.co.in

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II,SUNDARGARH**

**TENDER CALL NOTICE**
**BID IDENTIFICATION NO. ONLINE-EERKL-15 of 2025-26**

1. Name of the Work :- Building Works
2. Total No. of Works :- 06(Six) Nos.
3. Estimated Cost :- Rs. 2.67 to 4.45 Lakhs
4. Class of Contractor :- "D" & "C" Class
5. Period of Completion :- 02(Two) Months
6. Type of Tender :- Single Cover
7. Other Details

| Procurement Officer | Bid Identification No. | Availability of Tender On- line for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, Rural Works Division-II, Sundargarh | Online-EERKL-15 of 2025-26 | 03.11.2025 from 10.00 AM | 10.11.2025 upto 5.00 PM | 09.11.2025 upto 5.00 PM | 11.11.2025 at 11.00 AM |

Further details can be seen from the Website WWW.tendersorissa.gov.in & for more information please visit the office.

Executive Engineer
RW Division-II, Sundargarh

O-1244

Phone No – 06658-222121

GOVT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION PATNAGARH

**e Procurement Notice**

IFB IDENTIFICATION NO. EEPTNG-online-10/2025-26

| | | | |
|---|---|---|---|
| 1. | Name of work | : | Special Repair of Road & Bridge works |
| 2. | Total no of work | : | 42 (Forty Two) Nos work |
| 3. | Time for completion | : | 02 (Two) Calendar month |
| 4. | Approximate estimated cost | | 5.08 lakh to 43.81 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |

6. Other details are as follow

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer. R.W.Divn., Patnagarh | EEPTNG-Online-10/2025-26 | 30.10.2025 at 11.00 AM | 12.11.2025 upto 5.00 P.M | 11.11.2025 upto 5.00 PM | 13.11.2025 at 11.000 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R. W Division, Patnagarh

O- 1231

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**

**e-PROCUREMENT NOTICE NO. Tender Online 04 JJPT of 2025-26**

1. Name of work : Building Works.
2. Total No of Work : 36 Nos. Building Works .
3. Estimated Cost (Approx.) : Rs. 4.20 to 46.40 Lakhs
4. Period of Completion : 60 Days to 270 Days
5. Class of contractors : D,C & B Class

Other details as follows:

a) Procurement officer : Superintending Engineer, Rural Works Division, Jajpur
b) Availability of tender online & submission of bid : 02.11.2025 at 10.00 AM to 13.11.2025 upto 5.00 PM
c) Last date & time of seeking of tender clarification : 12.11.2025 up to 5.00 PM
d) Opening of Technical Bid :17.10.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Note:- If situation arises the transparent lottery will be held on 21.11.2025 , At 11:30 AM

Superintending Engineer
Rural Works Division, Jajpur

# ଶାଳ କାଠ ଜବତ, ଜଣେ ଗିରଫ

**ପରଜଙ୍ଗ,୪।୧୧/ଏନ୍ଏନ୍ଏସ୍:** ଶାଳ କାଠ ଜବତ, ଜଣେ ଗିରଫ । ଢେଙ୍କାନାଳ ଜିଲ୍ଲା ମହାବୀରୋଡ ରେଞ୍ଜ ପରଜଙ୍ଗ ଡିହଡୋଳ ଫରେଷ୍ଟ ସେକ୍ସନ କଙ୍କଡ଼ାସୋଡା ଗ୍ରାମ ମୁଣ୍ଡଳି ସାହିର ଅଜିତ କୁମାର ସାହୁ (୪୬) ଜଙ୍ଗଲରୁ ୭ ଗୋଟି ଶାଳ କାଠ ଘରକୁ ନେବା ସମୟରେ ଗିରଫ ହୋଇଥିଲେ

**AFFIDAVIT**

By virtue of an affidavit sworn before Notary Public, Balliguda dated 1.11.2025 , I Hariomm Kumbhar, aged about 18 years, Son of Suresh Chandra Kumbhar of Village- Gochhapada(B), P.O- Mahasingi, P.S- Balliguda, Dist- Kandhamal, PIN- 762103, Odisha have changed my name from "**HARIOMM KUMBHAR**" to "**HARI OM KUMBHAR**", and henceforth I shall be known as "**HARI OM KUMBHAR**" for all purpose.

**AFFIDAVIT**

By Virtue of an Affidavit sworn before the Notary Public, Cuttack,dtd. 31.10.2025, I Gobinda Sahoo,S/O-Nilamani Sahoo , At/Po-Jhadeswarpur, PS-Bhadreswar,Dist-Cuttack,Odisha,hereby declare that my daughter's name has been wrongly recorded as **Pratikhya Sahoo**, D/O-Gobinda Sahoo,At/Po-Jhadeswarpur,Via-Nischintakoili,P.S-Mahanga,Dist-Cuttack in her Aadhaar Card bearing No-215003819484,the correct details of my daughter is **Pratikshya Sahoo**,D.O.B-24.05.2009,D/O-Jayanti Sahoo(mother)and Gobinda Sahoo(father) of At/Po-Jhadeswarpur,P.S-Bhadreswar,Dist-Cuttack for necessary correction in her Aadhaar card for all purposes
**S/D**
**Gobinda Sahoo**

**AFFIDAVIT**

By Virtue of an Affidavit sworn before the Executive Magistrate,Kakatpur,dtd. 22.10.2025, I **Rambhabati Mohanty**,W/O-Narendra Kumar Mohanty , Aged about 63 years Vill-Sadenga,Po-Patapur,PS-Kakatpur,Dist - Puri,Odisha,do hereby declare that my correct name is Rambhabati Mohanty DOB-01-07-1962 recorded in my husbands ppo book bearing No-123797,but in my Aadhaar card bearing No-412313513386 my name has been wrongly mentioned as Rambhabati Dei and dob is 1962 years. .Hence forth i shall be Known as **Rambhabati Mohanty**,dob-01.07.1962 for all purposes.

**Rambhabati Mohanty**

# ବଡଓଷା ଲାଗି କପିଳାସରେ ଶ୍ରଦ୍ଧାଳୁଙ୍କ ଭିଡ଼



**ଢେଙ୍କାନାଳ,୪।୧୧/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ବଡ଼ଓଷା ଉପଲକ୍ଷେ ମଙ୍ଗଳବାର ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲିକ୍ଷିତ ହୋଇଥଲା । ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଲମ୍ବା ଧାଡିରେ ଠିଆ ହୋଇ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖରଜିଉ ମହାଦେବ ଓ ମାତା ପାର୍ବତୀଙ୍କ ଦର୍ଶନ କରିଥଲେ । ବଡ଼ଓଷା ଭୋଗ ସହ ପ୍ରସାଦ ସେବନ ମଧ୍ୟ କରିଥିଲେ । ସେହିପରି ଢେଙ୍କାନାଳ ଜିଲ୍ଲାର ଜାତୀୟସ୍ତରର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଉନ୍ନକୋଟୀଶ୍ୱର, ଅଷ୍ଟଶମ୍ଭୁ, ନାଗନାଥେଶ୍ୱର ଆଦି ଶୈବପୀଠରେ ବଡଓଷା ପର୍ବ ପାଳିତ ହୋଇଯାଇଛି । ଗଁଦିଆ ବ୍ଲକ୍‌ର ବଣିଆପଡାର ସ୍ୱପ୍ନେଶ୍ୱର ମନ୍ଦିର, କରମୁଳର ଅନ୍ନକଟେଶ୍ୱର, କାବେରାର କଳ୍ପେସ୍ୱର ବଟେସ୍ୱର ମନ୍ଦିର ଦଧିସିଙ୍ଗାର ଚମ୍ପାସ୍ୱର, ସନ୍ତପୁରର ବାଲୁକେଶ୍ୱର ଆଦି ଅଞ୍ଚଳରେ ଥିବା ଶିବ ମନ୍ଦିରରେ ଥିବା ବଡ଼ଓଷା ଉପଲକ୍ଷେ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ହୋଇଥିଲା । ଅଧିକାଂଶ ସ୍ଥାନରେ ମନ୍ଦିରଗୁଡିକୁ ଆଲୋକ ମାଳାରେ ସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଛି ।

# ଏନ୍‌ସିସି ଆଲୁମିନି ଆସୋସିଏସନ୍ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**କେନ୍ଦ୍ରାପଡ଼ା,୪।୧୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମାଇଁ ଏନ୍‌ସିସି ଆଲୁମନି ଆସୋସିଏସନ ଦ୍ୱାରା ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆସନ୍ତା ୯ରେ ଅନୁଷ୍ଠିତ ହେବ । ଏଥିରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତାରେ ନୃତ୍ୟ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ରଚନା ଲିଖନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ନୃତ୍ୟ ପ୍ରତିଯୋଗିତାରେ ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀ ଏବଂ ଯୁକ୍ତଦୁଇ ଓ ଯୁକ୍ତତିନି ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ । ସାଧାରଣ ଜ୍ଞାନ (ଜିକେ) ଷଷ୍ଠରୁ ଦଶମ ଏବଂ ଯୁକ୍ତଦୁଇ ଓ ଯୁକ୍ତଦୁଇ ଶ୍ରେଣୀ ପର୍ଯ୍ୟନ୍ତ । ଚିତ୍ରାଙ୍କନ ୩ୟ ରୁ ୫ମ (ସବ ଜୁନିଅର, ବିଷୟ-ସବୁଜ ପରିବେଶ ଗଠନ ରେ ମୋର ଭୂମିକା)୬ଷ୍ଠ ରୁ ୭ମ (ଜୁନିଅର, ବିଷୟ-ଓଡିଶାର କଳା ସଂସ୍କୃତି)୮ମ ରୁ ୧୦ମ(ସିନିଅର, ବିଷୟ-ନାରୀ ସଶକ୍ତିକରଣ) । ଓଡ଼ିଆ ରଚନା ଲିଖନ ୬ଷ୍ଠ ରୁ ୮ମ (ସବ ଜୁନିଅର, ବିଷୟ-ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଛାତ୍ରଛାତ୍ରୀଙ୍କ ଭୂମିକା)୯ମ ରୁ ୧୦ମ(ଜୁନିଅର, ବିଷୟ-ଓଡ଼ିଆ ଭାଷା ଓ ସାହିତ୍ୟ ର ବିକାଶ ରେ ନୂତନ ଶିକ୍ଷାନୀତିର ଭୂମିକା) ଏବଂ +୨ ଓ +୩ (ସିନିଅର, ବିଷୟ -ପ୍ରଯୁକ୍ତି ବିଦ୍ୟା ବିନା ଦେଶର ପରିକଳ୍ପନା ସମ୍ଭବ କି ?) । ବକ୍ତୃତା ପ୍ରତିଯୋଗିତା ୮ମ ରୁ ୧୦ମ ଏବଂ +୨ ଓ +୩ ପର୍ଯ୍ୟନ୍ତ । ପ୍ରତିଯୋଗିତାର ପଞ୍ଜିକରଣ କେବଳ ଅନଲାଇନ୍ ମାଧ୍ୟମରେରେ ହୋଇପାରିବ ତେଣୁ ଇଛୁକ ପ୍ରତିଯୋଗୀ ମାନେ ଆସନ୍ତା ୭ତାରିଖ ଶୁକ୍ରବାର ମଧ୍ୟରେ ନିଜର ପଞ୍ଜିକରଣ କରାଇନେବାକୁ ଆସୋସିଏସନ ପକ୍ଷରୁ ନିବେଦନ କରାଯାଇଛି ।ସବିଶେଷ ବିବରଣୀ ପାଇଁ ମାଇଁ ଏନସିସି ଆଲୁମନି ଆସୋସିଏସନର ଫେସବୁକ ପେଜ୍ ଫଲୋ କରିବା ସହ ବିଶେଷ ସୂଚନା ପାଇଁ ୭୦୦୮୭୭୨୫୨୧ /୯୮୫୩୫୧୯୫୩୭ ନମ୍ବରରେ ଯୋଗାଯୋଗ କରିବାକୁ ଆସୋସିଏସନର ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ ଅନୁରୋଧ କରିଛନ୍ତି ।

# ସମାଜସେବୀ ହରିହର ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା



**ମୃଷାଟିକିରି,୪।୧୧/ଏନ୍ଏନ୍ଏସ୍:** ବଡଚଣା ବ୍ଲକ ଗୋପାଳପୁର ପଞ୍ଚାୟତ ଖଡଗପୁରରେ ବିଶିଷ୍ଟ ସମାଜସେବୀ ହରିହର ଜେନାଙ୍କ ଏକାଦଶାହ ଦିବସରେ ଏକ ବର୍ଣ୍ଣାଢ଼ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ ଡଃ ଭାଗ୍ୟଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ହରିହର ପ୍ରେମୀ ଶ୍ରଦ୍ଧାଳୁଙ୍କ ତରଫରୁ ୧ମିନିଟ ନୀରବ ପ୍ରାର୍ଥନା କରାଯାଇ ପରିବାର ତରଫରୁ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା । ପୁତୁରା ଅଶୋକ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ପ୍ରାକ୍ତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ମୁଖ୍ୟବକ୍ତା ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ପ୍ରାକ୍ତନ ବ୍ଲକ୍ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ମହାପାତ୍ର, ରବୀନ୍ଦ୍ରନାଥ ଶାନ୍ତି, ଅଜୟ କୁମାର ସାମଲ, ଉମାକାନ୍ତ ବଳ ପ୍ରମୁଖ ଯୋଗଦେଇ ସମାଜସେବୀ ଆଦର୍ଶ ଶିକ୍ଷକ ଶିଳ୍ପ ପ୍ରତିଷ୍ଠାତା ହରିହର ଜେନାଙ୍କ ସଂଗ୍ରାମ ଜୀବନ ମାନବ ସମାଜ ପାଇଁ କେତେ ଜଡିତ ଥିଲେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସୁରମୋହନ ମହାପାତ୍ର, କିଶୋର ଚନ୍ଦ୍ର ଦାଶ, ରାମଚନ୍ଦ୍ର ସାମଲ, ଅଧ୍ୟାପକ କିଶୋର ଚନ୍ଦ୍ର ବେହୁରା, ଉମେଶ ଚନ୍ଦ୍ର ସାମଲ, ନିର୍ମଳ ସାମଲ, ଦିଲୀପ ସାମଲ, ସାମ୍ବାଦିକ ରବୀନ୍ଦ୍ର ନାଥ ମହାପାତ୍ର, ସୁକନ୍ୟା ବନିତା ସାମନ୍ତରାୟ, ଡଃ ହରିଶ୍ଚନ୍ଦ୍ର ପୃଷ୍ଟି, ତାପସ ରାୟ, ପ୍ରକାଶ ଚନ୍ଦ୍ର ସାମଲ, ଶରତ ଚନ୍ଦ୍ର ସାହୁ, ଅଜିତ ମହାନ୍ତି, ଦୀନବନ୍ଧୁ ବେହେରା, ଦୟାନିଧି ସାମଲ, ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ତ୍ରିଲୋଚନ ସେନାପତି, ପରେଶ ଚନ୍ଦ୍ର ନାୟକ, ସଞ୍ଜୟ ଖୁଣ୍ଟିଆ, ଶୈଳେନ୍ଦ୍ର ନାରାୟଣ ରାୟ, ପୁତୁରା କୀର୍ତ୍ତନ ବିହାରୀ ଜେନା, ରମେଶ ଚନ୍ଦ୍ର ସାମଲ, ଇଂ ଧନଞ୍ଜୟ ପ୍ରଧାନ, ଡାକ୍ତର ସୁବାଶ ଚନ୍ଦ୍ର ପଣ୍ଡା, ବାଇଧର ସେନାପତି, ପ୍ରସନ୍ନ ତ୍ରିପାଠୀ, ରାଖାଲ ଚନ୍ଦ୍ର ଜେନା, ସୁଜଦେବ ସାହୁ, ବିପିନ ମହାପାତ୍ର, କୃତିବାସ ମହାରଣା, ପ୍ରସନ୍ନ ପରିଡା, ଶାରଦା ମହାନ୍ତି ପ୍ରମୁଖ ଦିବଙ୍ଗତ ସମାଜସେବୀ ହରିହର ଜେନାଙ୍କ ଗୁଣଗାନ କରିଥିଲେ ।

# ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ଉଦଘାଟିତ




**ବାଲୁଗାଁ,୪।୧୧/ଏନ୍ଏନ୍ଏସ୍:** ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା, ଐତିହ୍ୟ, ବୈଭବ ଓ ମହାନ ମାଳିନୀ ନୀଳାମ୍ବୁ ଚିଲିକାର ସମୃଦ୍ଧିଶାଳୀ ସାଂସ୍କୃତିକ ଚେତନାକୁ ପ୍ରତିଟି ବୀର ଓଡ଼ିଆଙ୍କ ହୃଦୟରେ ଉଜ୍ଜୀବିତ କରିବା ପାଇଁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଲୁଗାଁ ଚିଲିକା ତଟଦେଶରେ ଚିଲିକା ବୋଇତ ବନ୍ଦାଣ ମହୋତ୍ସବ କମିଟି ଓ ଜିଲ୍ଲା ପ୍ରଶାସନ ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ବାଲୁଗାଁ ମହାବିଦ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଚିଲିକା ବୋଇତବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ମଞ୍ଚପୂଜା କରିବା ନିମନ୍ତେ ଢୋଲ, ମହୁରୀ, ତୁରୀ, ସଂକୀର୍ତ୍ତନ କରି ଚିଲିକା ମଧ୍ୟରେ ଥିବା ମା' କାଳିଜାଇଙ୍କ ପୀଠରୁ ଜ୍ୟୋତି ଆଣିଲା ପରେ ମଞ୍ଚପୂଜା କରାଯାଇଥିଲା। ପରେ ଦିନତମାମ ଚିଲିକା ସାହିତ୍ୟ ସମାଜ ଦ୍ୱାରା କବିତା ପାଠୋତ୍ସବ, ପାଲା ପରିବେଷଣ, ରାଜ୍ୟ ସ୍ତରୀୟ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦଘାଟିନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବିଭାଗ ସୂର୍ଯ୍ୟବଂଶୀ ସୂରଜ, ବିଶିଷ୍ଟ ଅତିଥି ଭାବେ ସାଂସଦ, ପୁରୀ ଲୋକସଭା ଡା. ସମ୍ବିତ ପାତ୍ର, ପୂର୍ବତନ ସାଂସଦ ତଥା ପ୍ରତିଷ୍ଠିତ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବରିଷ୍ଠ ସାହିତ୍ୟିକ ଓ ସମ୍ପାଦକ ବିଶ୍ୱମୁକ୍ତି ଡା ଶଶାଙ୍କ ଶେଖର ଚୂଡ଼ାମଣି, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଖୋର୍ଦ୍ଧା ବିବେକାନନ୍ଦ ଶର୍ମା, ଅଧକ୍ଷା ପଞ୍ଚାୟତ ସମିତି ଚିଲିକା ଜ୍ୟୋସ୍ନାରାଣୀ ବେହେରା, ଅଧ୍ୟକ୍ଷ ପଞ୍ଚାୟତ ସମିତି ବାଣପୁର ଅମରେନ୍ଦ୍ର ରଣସିଂହ, ଅଧ୍ୟକ୍ଷ ବିଜ୍ଞାପିତ ଅଞ୍ଚଳ ପରିଷଦ ବାଣପୁର ମିନ୍ଟୁ ନାୟକ, ଚିଲିକା ବୋଇତ ବନ୍ଦାଣ ଉତ୍ସବର ସଭାପତି ତଥା ଅଧ୍ୟକ୍ଷ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସୁକାନ୍ତି ପାଇକରାୟ, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ହରିଚନ୍ଦନ, ବାଲୁଗାଁ ଏନଏସି ଉପାଧକ୍ଷ ଭଗବାନ ପ୍ରଧାନ, ବାଲୁଗାଁ ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ମା' କାଳିଜାଇ ମତ୍ସ୍ୟଜୀବୀ ସଂଘର ସଭାପତି ସନାତନ ବଳବନ୍ତରାୟ, ହନୁମାନ ପରିବା ବ୍ୟବ୍ୟସାୟ ସଂଘର ସଭାପତି ରଞ୍ଜିତ ପଣ୍ଡା ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରି ମଞ୍ଚ ଉଦଘାଟନ କରିଥିଲେ। ସ୍ୱାଗତ ଅଭିଭାଷଣ ପରେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥି ମାନେ ଚିଲିକା ନୌବାଣିଜ୍ୟ ପରମ୍ପରା ଉପରେ ସ୍ମୃତି ଚାରଣ କରିବା ପରେ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ବୋଇତ ବନ୍ଦାଣ କମିଟିର ସଂଯୋଜକ କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଘୋଷକ ଶୋଭନା ପ୍ରହରାଜ ସଂଯୋଜନା କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ମାହାଙ୍ଗା,୪।୧୧/ଏନ୍ଏନ୍ଏସ୍:** ମାହାଙ୍ଗା ଥାନା ଅନ୍ତର୍ଗତ ଗୋକନ ପଞ୍ଚାୟତ ଗୋକନ ଗ୍ରାମର କାଞ୍ଚନଲତା ସେଠୀ(୫୬) ଗତକାଲି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ମୁତାବକ କାଞ୍ଚନ ମାନସିକ ଗ୍ରସ୍ତ ରୋଗୀ ଥିଲେ। ସେ ତାଙ୍କ ପୁଅ ସହ ଗୋକନରେ ରହୁଥିଲେ। ପୁଅ ଘରେ ନ ଥିବା ସମୟରେ ଗତକାଲି ରାତିରେ କାଞ୍ଚନ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ମାହାଙ୍ଗା ପୁଲିସ ଏଏସ୍ଆଇ ବିଧାଧର ମଲିକ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଥିବା ଜଣାପଡ଼ିଛି। ଅପରପକ୍ଷରେ କାଞ୍ଚନ କୁନ୍ଦୁଣ୍ଡ ପଞ୍ଚାୟତ କଲାଣପୁର ଗ୍ରାମରେ ରଘୁନାଥ ସେଠୀଙ୍କୁ ବିବାହ କରିଥିଲେ। ରଘୁନାଥ ଗ୍ରାମରେ ରହୁ ନଥିବାରୁ କାଞ୍ଚନ ବାପ ଘର ଗୋକନ ରହୁଥିବା ଜଣାଯାଇଛି।

## ଅସ୍ତରଙ୍ଗର ମା' ଲକ୍ଷ୍ମୀ କ୍ଲବ୍ର କର୍ମକର୍ତ୍ତା ନିର୍ବାଚନ

**ଅସ୍ତରଙ୍ଗ,୪।୧୧/ଏନ୍ଏନ୍ଏସ୍:** ଅସ୍ତରଙ୍ଗର ବହୁ ପୁରାତନ ମା' ଲକ୍ଷ୍ମୀ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ନିୟମ ଅନୁସାରେ ପ୍ରତି ଦୁଇ ବର୍ଷରେ ନୂତନ କର୍ମକର୍ତ୍ତା ଚୟନ ହେବାପାଇଁ ନିୟମ ଥିବାରୁ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ପୂର୍ବତନ ସଭାପତି, ସମ୍ପାଦକ, ବରିଷ୍ଠ ଉପଦେଷ୍ଟା ପ୍ରତାପ ପରିଡା, ଜଗବନ୍ଧୁ ବେଉରା, ପ୍ରଫୁଲ ମୁରୁଣୀ, ରାମ କାଣ୍ଡି, ପ୍ରଶାନ୍ତ ଭୋଳ, ନିରଞ୍ଜନ ଦାସ, ଚିତ୍ରସେନ ପ୍ରଧାନ, ବାବୁସ୍ୱାଇଁ ଏବଂ ଅନ୍ୟମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ନୂତନ କର୍ମକର୍ତ୍ତା ଭାବେ ସଭାପତି ହରିହର ମହାନ୍ତି ଉପ ସଭାପତି ମନୋଜ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଚିତ୍ତସେନ ପ୍ରଧାନ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ସହ ସମ୍ପାଦକ ସମୀର କୁମାର କର, ସାଂସ୍କୃତିକ ସମ୍ପାଦକ ଭାବେ ଦେବାଶିଷ ବାରିକ, କୋଷାଧ୍ୟକ୍ଷ କରୁଣାକର ମହାନ୍ତି, ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ବେଳେ ପ୍ରତାପ ବିଶ୍ୱାଳ, ସଂଜୟ ପ୍ରଧାନ, ପବିତ୍ର ସ୍ୱାଇଁ, ଦିପକ ଦାସ, ରମାରଞ୍ଜନ ମହାନ୍ତି, ପ୍ରମୋଦ ପଢିଆରି, ସରୋଜ ପ୍ରଧାନ,ଅବୁଲା, ପଦିଆ, ସୋନୁ, ମାନସ, ରାଜା, ଭଗିଆ, ସୁରେସ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ

### ମାଲବାହୀ ଉପରେ ମାଡ଼ିଗଲା ...

ରେଳବାଇ ସମସ୍ତ ସମ୍ବଳକୁ ଘଟଣାସ୍ଥଳକୁ ପଠାଇଥିବା ବେଳେ ରେଳବାଇ ପିଆରଓ କହିଛନ୍ତି ଯେ ଆହତମାନଙ୍କ ଚିକିତ୍ସା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ପ୍ରକାଶ, ଦୁର୍ଘଟଣା ପରେ ଅନେକ ବଗି ଲାଇନଚ୍ୟୁତ ହୋଇଛି।

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଏହି ଟ୍ରେନ୍ ଦୁର୍ଘଟଣାକୁ 'ଅତ୍ୟନ୍ତ ହୃଦୟବିଦାରକ' ବୋଲି କହିବା ସହ ମୃତାହତଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏହି କଷ୍ଟକର ସମୟରେ ରାଜ୍ୟ ସରକାର ପ୍ରଭାବିତ ପରିବାର ସହିତ ଠିଆ ହୋଇଛନ୍ତି। ସେହିପରି ଛତିଶଗଡର ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଯାଞ୍ଚ୍ କରିବା ସହ ଆହତଙ୍କୁ ସବୁପ୍ରକାର ସେବା ସହାୟତା ଯୋଗାଇଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଘଟଣାସ୍ଥଳରେ ପହଞ୍ଚିଥିବା ଜିଲ୍ଲାପାଳ ଓ ବରିଷ୍ଠ ରେଳ ଅଧିକାରୀଙ୍କ ସହ ମଧ୍ୟ ସେ କଥା ହୋଇଛନ୍ତି। ଅନ୍ୟପକ୍ଷେ ରେଳବାଇ ପକ୍ଷରୁ ପ୍ରତି ମୃତକଙ୍କ ନିକଟତମ ପରିବାରକୁ ୧୦ ଲକ୍ଷ, ଗୁରୁତର ଆହତଙ୍କୁ ୫ ଲକ୍ଷ ଏବଂ ସାମାନ୍ୟ ଆହତ ଯାତ୍ରୀଙ୍କୁ ୧ ଲକ୍ଷ ଲେଖାଏଁ କ୍ଷତିପୂରଣ ଘୋଷଣା କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଦୁର୍ଘଟଣାସ୍ଥଳର କିଛ ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏଥିରୁ ପାସେଞ୍ଜର ଟ୍ରେନ୍‌ଟିର ସମ୍ମୁଖ ଭାଗ ମାଲବାହୀ ଟ୍ରେନ ଉପରେ ଚଢ଼ିଯାଇଥିବା ଦେଖିବାକୁ ମିଳିଛି। ତେବେ ରେଲୱେ ବିଭାଗ ଦର୍ଶାଇଛି ଯେ, ପ୍ରାଥମିକ ତଦନ୍ତ ଅନୁଯାୟୀ, ପାସେଞ୍ଜର ଟ୍ରେନ୍‌ଟି ସିଗନାଲ ପାର କରିବା ପରେ ଦୁର୍ଘଟଣା ଘଟିଥାଇପାରେ। ତଥାପି, ଦୁର୍ଘଟଣାର ବିସ୍ତୃତ ତଦନ୍ତ କରାଯିବ। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବୈଷୟିକ ଦଳ ରାତିସାରା ଟ୍ରାକ୍ ପୁନରୁଦ୍ଧାର ଏବଂ ବୈଦ୍ୟୁତିକ ବ୍ୟବସ୍ଥା ମରାମତି ପାଇଁ କାର୍ଯ୍ୟ କରୁଛନ୍ତି। ଏସବୁ ମଧ୍ୟରେ ଦକ୍ଷିଣପୂର୍ବ ରେଳପଥ ପକ୍ଷରୁ ହେଲ୍‌ପଲାଇନ ନମ୍ବର ଜାରି କରାଯାଇଛି। ବିଳାସପୁର ପାଇଁ ହେଲ୍ପଲାଇନ ନମ୍ବର ହେଉଛି ୭୭୭୭୮୫୭୩୩୫/୭୮୬୯୯୫୩୩୩୦। ସେହିପରି ଚମ୍ପା ଜଙ୍କସନ୍ ପାଇଁ ୮୦୮୫୯୫୬୫୨୮, ରାୟଗଡ଼ ପାଇଁ ୯୭୫୨୪୮୫୬୦୦, ପାଣ୍ଡ୍ରାରୋଡ ପାଇଁ ୮୨୯୪୭୩୦୧୬୨ ଏବଂ କୋରବା ପାଇଁ ୭୮୬୯୯୫୩୩୩୦।

### ସୁଦାନରେ ଓଡ଼ିଆ ଯୁବକ ...

କମିଶନର ମଧ ବୈଦେଶିକ ମନ୍ତ୍ରାଳୟକୁ ପତ୍ର ଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ୍ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି।

### ମହାପ୍ରଭୁଙ୍କ ସୁନାବେଶ ...

ତିନିଦ୍ୱାର ଦେଇ ପ୍ରସ୍ଥାନ କରିବେ। ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ସମୁଦାୟ ୪୫ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ଦୁଇଟି ବେଳାଭୂମିରେ ସୁରକ୍ଷିତ ସ୍ନାନ ଓ ଡଙ୍ଗାଭସା ପାଇଁ ୩୭୦ ଲାଇଫଗାର୍ଡଙ୍କ ସହ ଦୁଇଟି ଓଡ୍ରାଫ୍ ଟିମ୍ ମୁତୟନ ହେବେ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପଟେ ଶ୍ରୀମନ୍ଦିର ବାହାରେ, ଶ୍ରୀମନ୍ଦିର ଭିତରେ, ଭକ୍ତଙ୍କ ସୁରକ୍ଷା ବ୍ୟବସ୍ଥା ସହ ତୀର୍ଥ ପୁଷ୍କରିଣୀରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମୁତୟନ ରହିବେ। କିଛି ଅଘଟଣ ଘଟିଲେ ତ୍ୱରିତ ବେଗରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଏହାକୁ ସମାଧାନ କରିବେ, ସେନେଇ ଆଜି ଶ୍ରୀମନ୍ଦିର ନିକଟରେ ଡେମୋ ଦେଖାଯାଇଥିଲା। ସେପଟେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହବିଷ୍ୟାଳି ମା'ମାନେ ବେଳାଭୂମିରେ ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇ କାର୍ତ୍ତିକ ବ୍ରତ ଉଦ୍‌ଯାପିତ କରିବେ। ତେବେ କେବଳ ପୁରୀ ସହରରେ ନୁହେଁ ବରଂ କୋଣାର୍କ, ଚନ୍ଦ୍ରଭାଗା, ବାଲିହରଚଣ୍ଡୀ ବେଳାଭୂମିରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଏସ୍‌ପି ପ୍ରତୀକ୍ ସିଂ କହିଥିଲେ।

### ଭିଜିଲାନ୍ସ ଜାଲରେ ବନ୍ତଳସିଂହ ...

ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ପରେ କାର୍ଯ୍ୟାଳୟରେ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଥିଲେ। ଅଭିଯୁକ୍ତ ଶ୍ରୀ ପରିଡ଼ାଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ଭିଜିଲାନ୍ସ ଅଫିସକୁ ନେଇଥିଲେ। ଏହି ଚଢ଼ଉରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍‌ରେ ଡିଏସ୍‌ପି ଶୁଶାନ୍ତ କୁମାର ମିଶ୍ର ଏବଂ ମମିତା ପ୍ରଧାନଙ୍କ ସହିତ ଇନ୍ସପେକ୍ଟର ରବୀନ୍ଦ୍ର ପାତ୍ର ଏବଂ ପ୍ରଦୀପ ପୃଷ୍ଟି ଉପସ୍ଥିତ ରହିଥିଲେ।

### ମଙ୍ଗଳା ନଦୀରେ ହେବ ...

ଜିଲ୍ଲାପାଳ ଜେ. ସୋନାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ପ୍ରତୀଚୀ ତନୟା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

### ୩ରୁ ୪ ଡିଗ୍ରୀ କମିବ ରାତି ...

ଗୁଳୁଗୁଳି ଅନୁଭୂତ ହେଉଛି। ତେଣୁ ନିୟାମକ ଗୁଡିକର ପରିସମାପ୍ତି ସହ ଆଦ୍ରତାର ପରିମାଣ କମିଲେ ହିଁ ରାଜ୍ୟରେ ରାତିର ତାପମାତ୍ରା କମିବ ଆଉ ଶୀତ ଅନୁଭବ। ଏହାସହ ବାୟୁ ଚଳାଚଳ ଏକ ବଡ଼ କାରକ ହୋଇଥିବା ବେଳେ ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ମଧ ବାୟୁ ଚଳାଚଳ ହୋଇନାହିଁ, ତେଣୁ ସାରା ରାଜ୍ୟରେ ଶୀତ ବିଳମ୍ବରେ ଆସିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ସେହିପରି ଲଗାତାର ଲଘୁଚାପ ପ୍ରଭାବରେ ଶୀତ ବିଳମ୍ବରେ ଆସିବାକୁ ଥିବା ବେଳେ ଏଥର ଶୀତ କେବେ ଛୁଇଁବ ଓଡ଼ିଶାରେ ସେନେଇ ସ୍ୱଷ୍ଟତା ଆସିନାହିଁ।

## ଉପମୁଖ୍ୟମନ୍ତ୍ରୀ ଓ ପୂର୍ବତନ ବିଧାୟକଙ୍କ କଳିରେ ବଳିପଡ଼ିଲେ ସରପଞ୍ଚ

# ଅନାସ୍ଥା ଭୋଟିଂ ଶେଷ, ଫଳାଫଳ ଘୋଷଣାକୁ ଅପେକ୍ଷା



**କୋଣାର୍କ,୪।୧୧/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ ଓ ପୂର୍ବତନ ବିଧାୟକଙ୍କ କଳିରେ ବଳିପଡିଲେ ବନାଖଣ୍ଡି ପଞ୍ଚାୟତ ସରପଞ୍ଚ। ଖବରରୁ ପ୍ରକାଶ କୋଣାର୍କ ଥାନା ଅଧିନ ଗୋପବ୍ଲକ ବନାଖଣ୍ଡି ପଞ୍ଚାୟତ ସରପଞ୍ଚ ପ୍ରଜ୍ଞାପରମିତା ନାୟକଙ୍କ କାର୍ଯ୍ୟକାଳ ଆଉ ୧୬ମାସ ଥିବା ବେଳେ ବିଜେପି ସମର୍ଥିତ ସରପଞ୍ଚଙ୍କ ବିରୋଧରେ ଦଳୀୟ କନ୍ଦଳକୁ ନେଇ ଦୁଇଗୋଷ୍ଠୀକୁ ନେଇ ୧୫ରୁ ଉର୍ଦ୍ଧ୍ୱ ୱାର୍ଡମେମ୍ବର ସରପଞ୍ଚଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପ୍ରଶାସନ ପକ୍ଷରୁ ପୂର୍ବନିର୍ଦ୍ଧାରିତ ତାରିଖ ଅନୁଯାୟୀ ଆଜି ମଙ୍ଗଳବାର ବିଧିବଦ୍ଧ ଭାବେ ବନାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ବନାଖଣ୍ଡି ପଞ୍ଚାୟତ ର ସମୁଦାୟ ୧୮ଟି ୱାର୍ଡର ସରପଞ୍ଚଙ୍କ ସମେତ ୧୭ଜଣ ୱାର୍ଡମେମ୍ବରଙ୍କୁ ନେଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୋଟିଂ କରାଯାଇଥିଲା। ସୂଚନା ମୁତାବକ ନିର୍ବାଚନ ଅଧିକାରୀ ଭାବେ ଗୋପ ତହସିଲଦାର ଅନୀଲ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଗୋପବ୍ଲକ ଅତିରିକ୍ତ ବିଡ଼ିଓ ଦୀପକ କୁମାର ଜେନା ଓ ବନାଖଣ୍ଡି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନଦିପ ଶତପଥୀ, କୋଣାର୍କ ରାଜସ୍ୱନିରୀକ୍ଷକ ମୁର୍ମୁ ଙ୍କ ସମେତ ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରା ନନ୍ଦ ପରିଡା, ଚନ୍ଦ୍ରଭାଗା ମେରାଇନ୍ ଥାନା ଅଧିକାରୀ ପ୍ରତିମା ସାହୁ ଓ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀଙ୍କ ଉପସ୍ଥିତିରେ ଦୁଇ ପ୍ଲାଟୁନ ଫୋର୍ସଙ୍କୁ ନେଇ କଡା ସୁରକ୍ଷାବଳୟ ମଧ୍ୟରେ ନିର୍ବାଚନ କରାଯାଇଥିଲା। ନିର୍ବାଚନ ସରିବା ପରେ ଉତ୍ତେଜନାକୁ ନଜରରେ ରଖି ଭୋଟ୍ ବାକ୍ସକୁ ସର୍ବସମ୍ମୁଖରେ ସିଲ କରାଯାଇ ପୁରୀ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କଡ଼ା ସୁରକ୍ଷା ମଧ୍ୟରେ ନିଆଯାଇଥିଲା। ଭୋଟର ଫଳାଫଳ ପରେ ଘୋଷଣା କରାଯିବ ବୋଲି ଜଣାପଡିଛି।

## ଶ୍ରୀନୀଳମାଧବଙ୍କ କାଞ୍ଚି ଅଭିଯାନ ଓ ନୃସିଂହ ଅବତାର ବେଶ



**କଣ୍ଟିଲୋ,୪।୧୧/ଏନ୍ଏନ୍ଏସ୍:** ପବିତ୍ର କାର୍ତ୍ତିକ ମାସ ପଞ୍ଚୁକର ଆଜି ତୃତୀୟ ଦିବସ ହେଲେହେଁ ଆଜିର ତିଥିରେ ପଡୁଛି ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀ। ଧରା ପୃଷ୍ଟରୁ ଦୁଷ୍ଟ ନିବାରଣ, ପାପି ଓ ରାକ୍ଷସ ମାନଙ୍କୁ ସଂହାର କରି ଧରା ପୃଷ୍ଟ ରେ ଶାନ୍ତ ବାତାବରଣ ପରିବେଶ ସୃଷ୍ଟି ପାଇଁ ଶ୍ରୀ ଜିଉ ନିଜେ କଳା ଧଳା ଘୋଡା ଚଢ଼ି କାଞ୍ଚି ଅଭିଯାନ କରିଥିବା ବେଶରେ ଆଜି ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇ ଥିବା ବେଳେ ସନ୍ଧ୍ୟା ସମୟେ ପ୍ରଭୁ ନୃସିଂହ ଅବତାର ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି। ଆସନ୍ତା କାଲି କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଦେବୀ ଶ୍ରୀରାଧା ଓ ପ୍ରଭୁଙ୍କ ମଧ୍ୟରେ ହେବାକୁଥିବା ପଶାଖେଳ ଓ ରାଇ ରାଜା ବେଶରେ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେବେ। ଆସନ୍ତାକାଲି ଭୋର୍ ସମୟଠାରୁ ରାତ୍ର ଦଶଘଣ୍ଟା ପର୍ଯ୍ୟନ୍ତ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଓ ପର୍ଯ୍ୟଟକମାନଙ୍କ ସମାଗମ ହେବାର ଥିବା ହେତୁ ଶାନ୍ତି ଶୃଙ୍ଖଳା ଓ ସୁବିଧାରେ ଶ୍ରୀଜିଉଙ୍କୁ ଦର୍ଶନ କରାଇବାରେ ଦେବୋତ୍ତର ବିଭାଗ ଓ ପୁଲିସ ବିଭାଗ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।


## ପୁରୀରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

**ପୁରୀ,୪।୧୧/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ପୁରୀ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗଦେଇ ମାଣ୍ଡିଆ ସ୍ୱାସ୍ଥ୍ୟପ୍ରଦ ସହ ପୋଷକ ତତ୍ତ୍ୱରେ ଭରପୁର ରହିଥାଏ। ମାଣ୍ଡିଆର ବ୍ୟବହାରକୁ ଅଧିକ ପ୍ରସାରିତ କରିବା ଓ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ସରକାରଙ୍କ ପ୍ରୟାସ କୁ ଆମେ ସମ୍ମିଳିତ ଭାବେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ଅଙ୍ଗନବାଡି ଓ ବିଦ୍ୟାଳୟ ମାନଙ୍କରେ ମାଣ୍ଡିଆକୁ ସାମିଲ କରାଯାଇଥିବା ବେଳେ ବିଭିନ୍ନ କ୍ୟାଣ୍ଟିନ, ହୋଟେଲ, ସରକାରୀ ବୈଠକ, ରାଜ୍ୟ ଓ ଜାତୀୟ କାର୍ଯ୍ୟକ୍ରମ ମାନଙ୍କ ରେ ମାଣ୍ଡିଆ ଜାତ ବିବିଧ ଖାଦ୍ୟ ସାମଗ୍ରୀର ଚାହିଦା ବଢିଛି। କୃଷକମାନଙ୍କୁ ମାଣ୍ଡିଆ ଚାଷ ପାଇଁ ମଧ ପ୍ରୋତ୍ସାହନ ସରକାର ଦେଉଛନ୍ତି ବୋଲି ଶ୍ରୀ ବେହେରା ସୂଚନା ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟ ନାରାୟଣ କର ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆମ ପୁରୀ ଜିଲ୍ଲାରେ କୃଷ୍ଣ ପ୍ରସାଦ ବ୍ଲକରେ ପ୍ରାୟ ୨ଶହ ହେକ୍ଟର ଜମି ରେ ମାଣ୍ଡିଆ ଚାଷ କରାଯାଇଛି। ଚଳିତବର୍ଷ ୩ଶହ କ୍ୟୁଣ୍ଟାଲ ମାଣ୍ଡିଆ ସଂଗ୍ରହର ଲକ୍ଷ ରଖାଯାଇଛି ବୋଲି ଶ୍ରୀ କର ସୂଚନା ଦେବା ସହ ମାଣ୍ଡିଆ ଚାଷ ଓ ସହାୟକ ଉପକରଣ ପାଇଁ ପ୍ରୋତ୍ସାହନ ଦିଆଯାଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ ମଞ୍ଜୁଳା ତ୍ରିପାଠୀ, ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ସାକ୍ଷୀଗୋପାଳ କୃଷି ଅଧିକାରୀ ଡ. ପରେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ମାଣ୍ଡିଆ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ।

## ଦୁଇ ପରିବାର ମଧ୍ୟରେ ହାତାହାତି, ୪ ଗିରଫ

**ବଳଙ୍ଗା,୪।୧୧/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ବାଲିଆ ଗ୍ରାମରେ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଓ ଉଭୟପଟୁ ଆହତ ହୋଇଥିବା ନେଇ ପୃଥକ ପୃଥକ ଭାବରେ ଦୁଇଟି ଅଭିଯୋଗ ହୋଇଛି। ସୂଚନା ମୁତାବକ ଭାରତୀ ପାତ୍ର କରିଥିବା ଅଭିଯୋଗ ଅନୁଯାୟୀ ଗତ ୨ ତାରିଖ ରାତ୍ର ୮ ଘଟିକା ସମୟରେ ତାଙ୍କ ସ୍ୱାମୀ ବସନ୍ତ ପାତ୍ର ଘରେ ଖାଉଥିବା ସମୟରେ ଦେଢ଼ଶୁର ମହନ୍ତ ପାତ୍ର, ତାଙ୍କର ପୁଅ ପପୁନା ପାତ୍ର, ସ୍ୱାଇଁ ଦୀପୁନା ଗୁରୁ ଓ ଝିଅ ଆମ ଘରେ ପଶି ଆମମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା ସହ ମୋର ସ୍ୱାମୀକୁ ବାଡିଆପିଟା କରିଥିଲେ। ମୋର ପୁଅ ପ୍ରକାଶ ପାତ୍ର(୧୧)କୁ ଟେକି ନେଇ ପାଖରେ ଥିବା କେନାଲ ଭିତରକୁ ଫୋପାଡି ଦେଇଥିଲେ। ମୋର ଶାଶୁ ଓ ମୋତେ ଟାଙ୍ଗିଆରେ ଆମକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ମୋର ମୁଣ୍ଡ ଫାଟି ଯିବାରୁ ମୋ ସ୍ୱାମୀ ପ୍ରତିବାଦ କରିବାରେ ମୋ ସ୍ୱାମୀକୁ ମଧ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ଆମକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଅପରପକ୍ଷରେ ସୋନି ଗୁରୁ କରିଥିବା ଅଭିଯୋଗ ଅନୁଯାୟୀ ମୁଁ ମୋ ସ୍ୱାମୀ ସହିତ ବାପଘରକୁ ଆସିଥିବା ବେଳେ ସେଠାରେ ପହଞ୍ଚିବା ମାତ୍ରେ ବସନ୍ତ ପାତ୍ର ମତେ ଦେଖି ଅଶ୍ଳୀଳ ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହ ମୋର ସ୍ୱାମୀକୁ ତାର ସ୍ତ୍ରୀ ଭାରତୀ ପାତ୍ର ଆସି କାମୁଡି ଦେବାରେ ମୁଁ ପ୍ରତିବାଦ କରିବାରୁ ବସନ୍ତ ମୋର ଚୁଟିକୁ ଧରି ବାଡିଆପିଟା କରିଥିଲା। ଏ ନେଇ ବଳଙ୍ଗା ଥାନାରେ ଦୁଇଟି ଅଭିଯୋଗ ହେବାପରେ ବଳଙ୍ଗା ପୁଲିସ, ଦୁଇଟି ମାମଲା ରୁଜୁ କରିବା ସହ ଉଭୟ ପକ୍ଷରୁ ପ୍ରଫୁଲ୍ଲ ପାତ୍ର, ପବିତ୍ର ପାତ୍ର, ଦୀପକ ଗୁରୁ, ବସନ୍ତ ପାତ୍ରଙ୍କୁ ଗିରଫ କରି ଆଜି ଅପରାହ୍ନରେ କୋର୍ଟଚାଲାଣ କରିଛି।

## କଣ୍ଟାପଡ଼ାରେ କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ



**କଣ୍ଟାପଡ଼ା,୪।୧୦/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ପୁରପଲ୍ଲୀରେ ପ୍ରଭୁ କାର୍ତ୍ତୀକଶ୍ୱର ଓ ଶିବ ପାର୍ବତୀଙ୍କ ପୂଜା ଉତ୍ସବ ବହୁ ଧୁମଧାମରେ ଆଧାତ୍ମିକ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା କରାଯାଉଛି। କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ସାଇଲୋ ବଡ଼ବିଲରେ ଶିବପାର୍ବତୀଙ୍କ ଯଥା ବିଧି ପୂଜାର୍ଚ୍ଚନାକରାଯାଉଥିବାବେଳେ କଣ୍ଟାପଡ଼ା ବ୍ଲକଛକସ୍ଥିତ ମା ମଙ୍ଗଳ ଚଣ୍ଡୀ ବଜାରରେ ଏକ ନିଆରା ଢଙ୍ଗରେ ଭକ୍ତିଭାବପୂର୍ଣ୍ଣ ପରିବେଶ ମଧ୍ୟରେ ନାମ ସଂକୀର୍ତ୍ତନ ଭଜନ ଓ ପାଲା ଭଳି ଭକ୍ତିପୂର୍ଣ୍ଣ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ ସହ ପୂଜା ଉତ୍ସବ ଯଥାବିଧି ଅନୁଷ୍ଠିତ ହେଉଛି। ପ୍ରଭୁଙ୍କ ପୂଜା ଓ ମନୋରଂ ଜନ ଧର୍ମୀ କାର୍ଯ୍ୟକ୍ରମ ଦେଖିବା ପାଇଁ ପାଖପଡ଼ୋଶୀ ଗ୍ରାମ ଅଲାରପୁର ବାଇରୋଇ ଶିଶୁଆ ଇଚ୍ଛାପୁର କଅଁରପୁର ବାଗଲପୁର ଦେଉଳି ପ୍ରଭୁତି ଗ୍ରାମରୁ ଦର୍ଶନାର୍ଥୀ ଆସିଥାନ୍ତି ସମସ୍ତ ଦର୍ଶନାର୍ଥୀଙ୍କ ନିମିତ୍ତ ଅନୁଷ୍ଠାନ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥାଏ। ମା' ମଙ୍ଗଳ ଚଣ୍ଡୀ ଯୁବକ ସଂଘ ଓ ବଜାର କମିଟିର ମିଳିତ ସହଭାଗିତାରେ ଉକ୍ତ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥାଏ।

## ଶ୍ରୀଶ୍ରୀ ରଘୁନାଥଜିଉଙ୍କ କୃଷ୍ଣ ବଳରାମ ବେଶରେ ଶ୍ରଦ୍ଧାଳୁ ଭାବବିହ୍ୱଳ



**ଓଡ଼ଗାଁ,୪।୧୧/ଏନ୍ଏନ୍ଏସ୍:** ସ୍ୱର୍ଣ୍ଣ କଳସୀକ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉ ପବିତ୍ର ପଞ୍ଚୁକପର୍ବ ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ କୃଷ୍ଣ ବଳରାମ ବେଶରେ ଦର୍ଶନ ଦେଇଛନ୍ତି। ବଡ଼ଭାଇ ପ୍ରଭୁ ରାମଚନ୍ଦ୍ର କୃଷ୍ଣବେଶ ହୋଇଥିବାବେଳେ ଅନୁଜ ଲକ୍ଷ୍ମଣ ବଳରାମ ବେଶରେ ସଜ୍ଜିତ ହୋଇଥିଲେ। ନବଦୁର୍ବାଦଳ ପ୍ରଭୁ ଶ୍ରୀରାମଙ୍କର ଶ୍ୟାମଳ ମୁର୍ତ୍ତିକୁ ଦର୍ଶନ କରିବାପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସମସ୍ତ ସନ୍ଧ୍ୟା ନୀତିପରେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ମନ୍ଦିର ଦ୍ୱାରଖୋଲିବା ସହିତ ପାଳିଆପଣ୍ଡା ପ୍ରଭୁ ରାମଚନ୍ଦ୍ର, ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କୁ ଆଳତି କରିବାର ଦୃଶ୍ୟ ଥିଲା ଅତିବ ମନୋରମ। ଶ୍ରୀରଘୁନାଥଙ୍କ ଠାରେ ଅନୁଭବର ଠାକୁର ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ବହୁ ବୃଦ୍ଧବୃଦ୍ଧା ହବିଶ୍ୟାଳୀ ହୋଇଥିଲେ ଭାବବିହ୍ୱଳ। ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ମହାସୁଆର ପରିଷଦ ସଭାପତି ସୁବ୍ରତ କୁମାର ପଣ୍ଡା, ସେବକ ଓ ମନ୍ଦିର ପରିଚ୍ଛାଙ୍କ ଦ୍ୱାରା ସମସ୍ତ ନୀତି ସମାପନ ହୋଇଥିବା ଜଣାପଡ଼ିଛି।

## ଶ୍ରୀଜଗନ୍ନାଥଙ୍କର ରାଜାଭିଷେକ ବେଶ



**ଶରଣକୁଳ,୪।୧୧/ଏନ୍ଏନ୍ଏସ୍:** ପବିତ୍ର ଶୈବପୀଠ ଶରଣକୁଳ ଲଦୁବାବାଙ୍କ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳବାର ସନ୍ଧ୍ୟାରେ 'ରାଜା ବେଶ' ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ଅନୁସାରେ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କା ଜୟକରି ଅଯୋଧ୍ୟାକୁ ଫେରିଥିଲେ। ରାଜାଭିଷେକ ପରେ ରାଜ ସିଂହାସନ ଆରୋହଣ କରି ରାଜ୍ୟ ଶାସନ ଆରମ୍ଭ କରିଥିବାରୁ ଏହାକୁ ମନେପକାଇବା ପାଇଁ ଠାକୁର ଏହି ବେଶରେ ସୁସଜ୍ଜିତ ହୋଇ ପାଟବସ୍ତ୍ର ଓ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପଞ୍ଚୁକ ଅବସରରେ ତୃତୀୟ ଦିବସରେ ହଜାର ହଜାର ଭକ୍ତ ଏହି ବେଶ ଦେଖିବା ପାଇଁ ମନ୍ଦିରରେ ଭିଡ଼ ଜମାଇଥିଲେ।

## ବଡ଼ସିଂହାର ବେଶରେ ଦର୍ଶନଦେଲେ ବାବା ଧବଳେଶ୍ୱର



**ସାକ୍ଷୀଗୋପାଳ,୪।୧୧/ଏନ୍ଏନ୍ଏସ୍:** ସତ୍ୟବାଦୀର ଆଦ୍ୟ ଶାସନ ବୀର ରାମଚନ୍ଦ୍ରପୁର ଗ୍ରାମରେ ବାବା ଧବଳେଶ୍ୱରଦେବ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱର ବାବାଙ୍କ ପୀଠରେ ବଡଓଷା ମାନସିକଧାରୀ ଭକ୍ତଙ୍କର ଜନସମାଗମ ହୋଇଥିଲା। ପ୍ରତ୍ୟୁଷରୁ ବାବା ଧବଳେଶ୍ୱରଙ୍କ ଦ୍ୱାର ଉନ୍ମୋଚନ, ୧୦୮କଳସୀ ସୁବାଷିତ ଜଳରେ ଅଭିଷେକ, ବଡ଼ ସିଂହାର ବେଶ, ଖେଚୁଡ଼ି ଭୋଗ ଆଦି ରୀତିନୀତି ଅନୁଯାୟୀ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଏହି ବେଶ ପରେ ବାବା ଭକ୍ତମାନଙ୍କୁ ବଡସିଂହାର ବେଶରେ ଦର୍ଶନ ଦେଇଥିଲେ। ଏହି ଅବସରରେ ଧବଳେଶ୍ୱରଙ୍କ ପୀଠରେ ଗଜ ଭୋଗ ପ୍ରସ୍ତୁତ କରାଯାଇ ବାବାଙ୍କୁ ଅର୍ପଣ ମଧ୍ୟ କରାଯାଇଥିଲା। ଏଥି ସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ଯାନବାହାନ ନିୟନ୍ତ୍ରଣ ଓ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବୀର ରାମଚନ୍ଦ୍ରପୁର ଧବଳେଶ୍ୱର କମିଟି ,ସତ୍ୟବାଦୀ ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟୁଷରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ହଜାର ହଜାର ଭକ୍ତ ଲମ୍ବା ଧାଡିରେ ବାବା ଧବଳେଶ୍ୱରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିରକୁ ରଙ୍ଗ ବେରଙ୍ଗ ଫୁଲ ଓ ସୁନ୍ଦର ଆଲୋକରେ ସଜ୍ଜିତ କରାଯାଇଥିଲା।

## ଆଜିର ଇତିହାସ

- ୧୫୫୬-ପାନିପତର ଦ୍ୱିତୀୟ ଯୁଦ୍ଧରେ ମୋଗଲ ଶାସକ ଆକବର ହେମୁଙ୍କୁ ପରାସ୍ତ କରିଥିଲେ।
- ୧୮୭୦-ମହାନ ସ୍ୱତନ୍ତ୍ରତା ସଂଗ୍ରାମୀ ଚିତ୍ତରଞ୍ଜନ ଦାସ ଜନ୍ମଗ୍ରହଣ କରିଥିଲେ।
- ୧୯୬୧-ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ ନ୍ୟୁୟର୍କ ଯାତ୍ରା କରିଥିଲେ।
- ୨୦୦୧-ଭାରତ ତଥା ରୁଷରେ ଆଫଗାନ ସରକାର ତାଲିବାନରେ ଭାଗୀଦାରୀ ନାମଞ୍ଜୁର କରିଥିଲେ।
- ୨୦୧୩-ଭାରତ ପ୍ରଥମ ମଙ୍ଗଳ ଅଭିଯାନ ଆରମ୍ଭ କରିଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦


**ମେଷ**: ଆର୍ଥିକ ଦୃଷ୍ଟିରୁ ଆଜି ଖୁବ୍ ଭଲରେ କଟିବ। କୌଣସି ପୁରୁଣା ନିବେଶରେ ଧନ ପ୍ରାପ୍ତି ହୋଇପାରେ। ପ୍ରେମ ଜୀବନରେ ସକାରାତ୍ମକତାର ମୋଡ଼ ଆସିବ। ବ୍ୟବସାୟିକ ମୁଦ୍ଦାଗୁଡ଼ିକରେ ସାବଧାନ ରହିବେ।

**ବୃଷ**: ସମ୍ପର୍କର ମୁଦ୍ଦାଗୁଡ଼ିକର ସମାଧାନ କରିବେ। ଚାକିରିର ଖୁବ୍ ଭଲ ମୁହୂର୍ତ୍ତଗୁଡ଼ିକର ସନ୍ଧାନ କରନ୍ତୁ। ଚାଲାକି କରି ଧନକୁ ସମ୍ଭାଳନ୍ତୁ। ଆଜି ସ୍ୱାସ୍ଥ୍ୟ ଭଲ ରହିବ। ବିବାହର ଯୋଗ ରହିଛି। ରୋମାଣ୍ଟିକ ଡିନର୍ କରିବେ।

**ମିଥୁନ**: ଦିନଟି ଆପଣଙ୍କ ପାଇଁ ଶୁଭ। ସମ୍ପର୍କରେ ସାବଧାନ ରହିବେ। କଥାବାର୍ତ୍ତାରେ ସୌମ୍ୟତା ରହିବ। ନୂଆ ପ୍ରାରମ୍ଭ ପୂର୍ବରୁ ଚିନ୍ତା କରିପାରନ୍ତି। ପ୍ରଭାବଶାଳୀ ପଦରେ ଥିବା ଲୋକମାନେ ଆଜି ସଫଳତା ପ୍ରାପ୍ତ କରିବେ।

**କର୍କଟ**: ଦିନଟି ରୋମାଣ୍ଟିକ ରହିବ। ଭାବନାତ୍ମକ ଭାବରେ ପାର୍ଟନର୍ ସହିତ ସମ୍ବନ୍ଧ ରଖିବେ। କୌଣସି ଗୁପ୍ତ କଥାର ଉନ୍ମୋଚନ ହୋଇପାରେ। ଗଭୀରତାର ସହିତ ସମ୍ପର୍କକୁ ବୁଝିବେ।

**ସିଂହ**: ରୋମାଣ୍ଟିକ ସମ୍ପର୍କରେ ସହଯୋଗ ଓ ସାମଞ୍ଜସ୍ୟ ରହିବ। ଜୀବନସାଥି ଓ ପ୍ରେମୀଙ୍କ ସହିତ ମନୋବଳ ଉଚ୍ଚ ରହିବ। ନୂଆ ପ୍ରେମ ସମ୍ବନ୍ଧଗୁଡ଼ିକରେ ସକାରାତ୍ମକ ପ୍ରାରମ୍ଭ ହୋଇପାରେ। ଆତ୍ମବିଶ୍ୱାସ ଖୁବ୍ ଉଚ୍ଚରେ ରହିବ।

**କନ୍ୟା**: କଥାବାର୍ତ୍ତାରେ କଟୁତା ରହିବ। ତେଣୁ ଉଚ୍ଚ ସ୍ୱରରେ କଥା ନକହିଲେ ଭଲ। ସଂଯମତାର ସହିତ କାମ କରିବାର ଆବଶ୍ୟକତା ରହିଛି। ସମ୍ପର୍କରେ ଉତ୍ଥାନ-ପତନ ହୋଇପାରେ। ଧୈର୍ଯ୍ୟ ଓ ସହାନୁଭୂତିର ଆବଶ୍ୟକ ରହିଛି।

**ତୁଳା**: ପ୍ରେମୀମାନଙ୍କ ପାଇଁ ଦିନଟି ଖୁବ୍ ଭଲ। ସମ୍ପର୍କରେ ସ୍ଥିରତା ଓ ସନ୍ତୁଳନ ବଜାୟ ରଖିବେ। ପାର୍ଟନର ସହିତ ଛୋଟ ବିବାଦ ହୋଇପାରେ। ଏହାକୁ ବୁଝାମଣାର ସହିତ ଅତିକ୍ରମ କରିବେ।

**ବିଛା**: ସମ୍ବନ୍ଧରେ ଗଭୀରତା ରହିବ। ସରପ୍ରାଇଜ ଦେଇ ଦିନଟିକୁ ସ୍ମରଣୀୟ କରିପାରିବେ। କିଛି ମାମଲାରେ ସାବଧାନ ରହିବେ। ଭୁଲ୍ ବୁଝାମଣାର ଶିକାର ହୋଇପାରନ୍ତି। ଖରାପ ପରିସ୍ଥିତି ଆସିପାରେ।

**ଧନୁ**: ପ୍ରେମ ଜୀବନ ଆତ୍ମବିଶ୍ୱାସ ଓ ସକାରାତ୍ମକ ଉର୍ଜାରେ ଭରି ରହିବେ। ପୁରୁଣା ସମ୍ପର୍କ ମଜଭୁତିର ସହିତ ଆଗକୁ ବଢ଼ିବ। ପ୍ରୟାସ କରିବେ। ଭାବନାଗୁଡ଼ିକୁ ସମ୍ମାନ କରିବା ଉଚିତ।

**ମକର**: ପ୍ରେମ ଜୀବନରେ ସକାରାତ୍ମକତା ରହିବ। ରଚନାତ୍ମକତା ଓ ଆକର୍ଷଣ ରହିବ। ଖୁବ୍ ଭଲ ସମୟ ବିତେଇବେ। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନରେ ରୁଚି ରଖିବେ। ପାର୍ଟନର୍‌ଙ୍କ ପ୍ରଶଂସା କରିବେ।

**କୁମ୍ଭ**: ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସରକାରୀ କାମରେ ସକାରାତ୍ମକ ଫଳ ପାଇବେ। ଅବିବାହିତଙ୍କ ପାଇଁ ନୂଆ ଯୋଗ ରହିଛି। ଉତ୍ସାହ ଓ ମାନସିକ ଶାନ୍ତି ଭଙ୍ଗ ହେବ। ପରସ୍ପରର ଭାବନାକୁ ବୁଝିପାରିବେ।

**ମୀନ**: ପ୍ରେମ ସମ୍ପର୍କରେ ସମ୍ମାନ, ସାମଞ୍ଜସ୍ୟ ଦେଖିବେ। ନୂଆ ହେଉ ଅବା ପୁରୁଣା ସମ୍ପର୍କରେ ଆପଣାପଣ ଅନୁଭବ କରିବେ। ଦିନଟି ସମ୍ବେଦନଶୀଳ ହେବ। ପ୍ରେମରେ ନୂଆ ଆରମ୍ଭ ହୋଇପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା



ମହାଭୂତାନ୍ୟହଂକାରୋ ବୁଦ୍ଧିରବ୍ୟକ୍ତମେବ ଚ।
ଇନ୍ଦ୍ରିୟାଣି ଦଶୈକଂ ଚ ପଞ୍ଚ ଚେନ୍ଦ୍ରିୟଗୋଚରାଃ। (୧୩/୫)
ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ।
ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍। (୧୩/୬)

ଉକ୍ତ କ୍ଷେତ୍ର କ୍ଷେତ୍ରଜ୍ଞଙ୍କୁ ବିଶିଷ୍ଟ ଋଷିମାନେ ବିଭିନ୍ନ ପ୍ରକାରେ ନିରୂପଣ କରିଛନ୍ତି। ଭୂମି, ଜଳ, ଅଗ୍ନି, ବାୟୁ ଓ ଆକାଶ ହେଉଛି ପଞ୍ଚ ମହାଭୂତ। ଅହଂକାର, ବୁଦ୍ଧି (ଜ୍ଞାନାତ୍ମକ ମହାତତ୍ତ୍ୱ), ଅବ୍ୟକ୍ତ (ମୂଳ ପ୍ରକୃତି), ଦଶ-ଇନ୍ଦ୍ରିୟ (କର୍ମେନ୍ଦ୍ରିୟ-ପାଞ୍ଚଟି, ଜ୍ଞାନନ୍ଦ୍ରିୟ-ପାଞ୍ଚଟି), ମନ, ପଞ୍ଚଇନ୍ଦ୍ରିୟ ଗୋଚର (ଶବ୍ଦ, ରୂପ, ରସ, ଗନ୍ଧ ଓ ସ୍ପର୍ଶ) ଏମାନେ ହେଉଛନ୍ତି ଚତୁର୍ବିଂଶତି ତତ୍ତ୍ୱ। ପୁଣି ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ସଂଘାତ (ଦେହ, ଚେତନା ଓ ଧୈର୍ଯ୍ୟ) ଏହିସବୁ ଇନ୍ଦ୍ରିୟାଦି ବିକାର ସହିତ କ୍ଷେତ୍ର ସଂକ୍ଷେପରେ କଥିତ ହେଇଛି।

ଶ୍ରୀ ରାମକୃଷ୍ଣ କହନ୍ତି -ଏହି ଦେହ କ୍ଷୟଶୀଳ ଓ ବିନାଶଶୀଳ, ଭକ୍ତମାନେ କାହିଁକି ଏହାର ଯତ୍ନ ଏତେ ନିଅନ୍ତି ? କେହି ଗୋଟିଏ ଖାଲି ବାକ୍ସ ବା ଗଣ୍ଠିଲି ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ। କିନ୍ତୁ ଲୋକେ ମୂଲ୍ୟବାନ ଗହଣା ଓ ହୀରା ଥିବା କାଗଜ ବାକ୍ସକୁ ଯତ୍ନ ସହକାରେ ସୁରକ୍ଷିତ ରଖନ୍ତି। ସେହିପରି ଭକ୍ତମାନେ ଏହି ଦେହର ବିଶେଷ ଯତ୍ନ ନିଅନ୍ତି, କାହିଁକି ନାଁ ଏ ଦେହ ହେଉଛି ଈଶ୍ୱରଙ୍କର ମନ୍ଦିର। ସେମାନେ ଏହାର ଅବହେଳା କରିପାରିବେନି। ସମସ୍ତ ମନୁଷ୍ୟ ଶରୀର ହିଁ ଧନର ସିନ୍ଦୁକ, ସେଥିରେ ଈଶ୍ୱର ବାସ କରନ୍ତି।

# କାର୍ତ୍ତିକ ପୂର୍ଣ୍ଣିମା

**ହିନ୍ଦୁ ଧର୍ମରେ କାର୍ତ୍ତିକ ପୂର୍ଣ୍ଣିମା ଦିନଟିକୁ ଅତ୍ୟନ୍ତ ଶୁଭ ଓ ପବିତ୍ର ଦିନ ଭାବରେ ସମସ୍ତେ ମାନନ୍ତି। ଏହି ଦିନ ପବିତ୍ର ସ୍ନାନ, ଦାନ ଓ ଭଗବାନଙ୍କ ଆରାଧନା କରି ବ୍ୟକ୍ତି ପାପରୁ ମୁକ୍ତ ହୋଇଥାଏ ଓ ତା’ ଜୀବନରେ ସୁଖ-ସମୃଦ୍ଧି ଆସିଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାତିରେ ଦେବତାମାନେ ସ୍ୱୟଂ ପୃଥିବୀପୃଷ୍ଠକୁ ଅବତରଣ କରନ୍ତି। ଭଗବାନ ବିଷ୍ଣୁ (ଲକ୍ଷ୍ମୀ-ନାରାୟଣ) ଓ ଭଗବାନ ଶିବଙ୍କ ବିଶେଷ ପୂଜା ସହିତ ଦୀପଦାନର ମଧ୍ୟ ବିଶେଷ ମହତ୍ତ୍ୱ ରହିଛି। ଏହାଦ୍ୱାରା ଘରେ ସକାରାତ୍ମକ ଉର୍ଜା, ସୌଭାଗ୍ୟ ଓ ସମୃଦ୍ଧି ଆସିଥାଏ। ତେବେ ପୂର୍ଣ୍ଣିମା ତିଥି ୪ ନଭେମ୍ବର ରାତ୍ରି ୧୦.୩୬ରୁ ଆରମ୍ଭ ହୋଇ ଆଜି ସନ୍ଧ୍ୟା ୬.୪୮ରେ ଶେଷ ହେବ। ଗଙ୍ଗା ସ୍ନାନ ଓ ଦାନର ଶୁଭ ମୁହୂର୍ତ୍ତ ୪.୫୨ରୁ ଆରମ୍ଭ ହୋଇ ସକାଳ ୫.୪୪ ପର୍ଯ୍ୟନ୍ତ ଅଛି। ଏହି ପବିତ୍ର ଅବସରରେ ଦୀପଦାନ, ତୁଳସୀ ପୂଜା, ଗଙ୍ଗାସ୍ନାନ ଓ ଦାନପୁଣ୍ୟ କରିବାର ପରମ୍ପରା ରହିଛି।**



**କାର୍ତ୍ତିକ ପୂର୍ଣ୍ଣିମା-**ଓଡ଼ିଶାର ପରମ୍ପରା, ଚାଲିଚଳଣି ଓ ଧର୍ମୀୟ ଭାବନା ସହିତ ଏହି ପର୍ବ ଜଡ଼ିତ। ଉତ୍କଳର ପ୍ରାଚୀନ ଇତିହାସ ଓ ଖ୍ରୀଷ୍ଟ ପୂର୍ବୀୟ କାଳର ଓଡ଼ିଶାର ନୌବାଣିଜ୍ୟ ଦୃଷ୍ଟିକୋଣରୁ ଏହି ପର୍ବର ବୈଶିଷ୍ଟ୍ୟ ରହିଛି। ଓଡ଼ିଶାର ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କ ଦ୍ୱାରା ରଚିତ ‘ମହାଭାରତ’ର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା ରହିଛି। ଏହି ପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋଜରାଜ ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା ପ୍ରସଙ୍ଗରେ ଦର୍ଶାଯାଇଛି ଯେ କାର୍ତ୍ତିକ ମାସରେ ମୃତ୍ୟୁବରଣ କଲେ ବୈକୁଣ୍ଠ ପ୍ରାପ୍ତି ହୁଏ। ପୂର୍ଣ୍ଣିମା ପାଞ୍ଚ ଦିନ ପଞ୍ଚକ ବା ମହାପଞ୍ଚକ ନାମରେ ପରିଚିତ। ଏହି ପାଞ୍ଚ ଦିନ ଓଡ଼ିଶାର ଲୋକମାନେ ଆମିଷ ପରିହାର ପୂର୍ବକ ପୂଜାର୍ଚ୍ଚନା କରିଥାନ୍ତି। ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡ଼ଙ୍ଗା ଭସାଇବାର ବିଧି ପ୍ରଚଳିତ। ସେଦିନ ପ୍ରତ୍ୟୁଷରୁ ଲୋକମାନେ ନଦୀ ବା ପୁଷ୍କରିଣୀରେ ବୁଡ଼ ପକାଇ କଦଳୀ ବାହୁଙ୍ଗା ବା ସୋଲ ତିଆରି ଖେଳଣା ଡ଼ଙ୍ଗାରେ ଦୀପ ଜାଳି ସେଥିରେ ପାନଗୁଆ ରଖି ‘ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧର୍ମ ମୋର’ ଗୀତ ଗାଇ ଡ଼ଙ୍ଗା ଭସାନ୍ତି।

**କିମ୍ବଦନ୍ତୀ-**ରାକ୍ଷସ ଜଳନ୍ଧର ନିଜ ସତୀ ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତ୍ୟ ବଳରେ ବଳୀୟାନ୍ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁ ଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରି ନଥିଲେ। ସେଥିପାଇଁ ଏହି ମାସରେ ତୁଳସୀ ବୃକ୍ଷକୁ ଅତ୍ୟନ୍ତ ଭକ୍ତି ସହକାରେ ପୂଜା କରାଯାଏ। ବିଧବାମାନେ ଏହି ମାସରେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି।

## ଗୁରୁ ନାନକ ଜୟନ୍ତୀ

**ଈଶ୍ୱର ଏକ ଓ ସବୁ ସ୍ଥାନରେ ସେ ବିଦ୍ୟମାନ ଅଛନ୍ତି। ଆମେ ସମସ୍ତେ ପରସ୍ପର ସହିତ ପ୍ରେମପୂର୍ବକ ରହିବା ଉଚିତ। ଗୁରୁ ନାନକ ଦେବଜୀ।**



୧୪୬୯ରେ ତଲବଣ୍ଡି (ପଶ୍ଚିମ ପାକିସ୍ତାନ) ଠାରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଜନ୍ମଗ୍ରହଣ କରିଥିଲେ ଶିଖ ଧର୍ମର ପ୍ରଥମ ଗୁରୁ ନାନକ ଦେବଜୀ। ସାଂସାରିକ ତତ୍ତ୍ୱଗୁଡ଼ିକ ପ୍ରତି ତାଙ୍କର କୌଣସି ରୁଚି ନଥିଲା। ପିଲାଦିନରୁ ଆଧାତ୍ମିକ ଓ ଈଶ୍ୱର ଭକ୍ତି ଆଡ଼କୁ ତାଙ୍କର ଗଭୀର ଆକର୍ଷଣ ରହିଥିଲା। ଜଣେ ମହାନ ଦାର୍ଶନିକ, ସମାଜ ସୁଧାରକ, ଧର୍ମ ସୁଧାରକ, ସଚ୍ଚା ଦେଶଭକ୍ତ ଓ ଯୋଗୀ ଭାବରେ ତାଙ୍କୁ ଲୋକମାନେ ଆଜି ବି ସ୍ମରଣ କରୁଛନ୍ତି। ଜୀବନସାରା ସେ ଭାଇଚାରା, ଈଶ୍ୱରଙ୍କ ପ୍ରତି ପ୍ରେମ ଓ ସତ୍ୟର ମାର୍ଗରେ ଚାଲିବା ପାଇଁ ସନ୍ଦେଶ ଦେଉଥିଲେ। ସମାଜରେ ଅଜ୍ଞାନତା ଓ ଅନ୍ୟାୟକୁ ଦୂର କରିବା ପାଇଁ ସେ ଜଳାଇଥିଲେ ଜ୍ଞାନର ଦୀପ। ଏହି କାରଣରୁ ତାଙ୍କ ଜୟନ୍ତୀକୁ ପ୍ରକାଶ ପର୍ବ ଭାବରେ ପାଳନ କରାଯାଏ। ତାଙ୍କ ସନ୍ଦେଶଗୁଡ଼ିକର ପ୍ରକାଶ ଆଜି ବି ଲୋକମାନଙ୍କୁ ସଠିକ୍ ମାର୍ଗ ଦେଖାଉଛି। ତାଙ୍କର ଉପଦେଶଗୁଡ଼ିକ ପ୍ରତି ବ୍ୟକ୍ତିକୁ ପ୍ରେମ, ଏକତା, ସେବା ଓ ସତ୍ୟର ରାସ୍ତାରେ ଚାଲିବା ପାଇଁ ପ୍ରେରଣା ଦେଇଥାଏ। ସେ ଥିଲେ ଏପରି ଜଣେ ଧର୍ମଗୁରୁ ଯିଏ ଜୀବନରେ ସବୁବେଳେ ଲୋକମାନଙ୍କୁ ଭକ୍ତିମାର୍ଗରେ ଚାଲିବା ପାଇଁ ପ୍ରେରିତ କରୁଥିଲେ। ତାଙ୍କର ବୈଚାରିକ ଶକ୍ତି ଏତେ ଶକ୍ତିଶାଳୀ ଥିଲା ଯେ ଆଜିର ସମୟରେ ମଧ୍ୟ ତାଙ୍କ ଉପଦେଶଗୁଡ଼ିକର ପ୍ରାସଙ୍ଗିକତା ରହିଛି। ସମାଜର ଲୋକମାନଙ୍କୁ ସେ ସଦୈବ ପରମପିତାଙ୍କ ସହିତ ମିଳନର ମାର୍ଗ ଦେଖାଇଥିଲେ। ସେ ଅନେକ ଏହିପରି ଅମୂଲ୍ୟ ବଚନ ଦେଇଯାଇଛନ୍ତି। ଶିଖ ଧର୍ମ ସହିତ ଜଡ଼ିତ ଲୋକମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନଟିକୁ ବେଶ୍ ଉତ୍ସାହର ସହିତ ଅପେକ୍ଷା କରି ରହିଥାନ୍ତି। କାରଣ ଏହି ଦିନ ସେମାନେ ଗୁରୁ ନାନକ ଦେବଜୀଙ୍କ ଜୟନ୍ତୀକୁ ପ୍ରକାଶ ପର୍ବ ବା ଗୁରୁ ପର୍ବ ଭାବରେ ପାଳନ କରନ୍ତି। ଗୁରୁଦ୍ୱାର ଗୁଡ଼ିକରେ ଏହିଦିନ ବିଶେଷ ଦିୱାନ, କୀର୍ତ୍ତନ, ଲଙ୍ଗର ଓ ପ୍ରଭାତଫେରିର ଆୟୋଜନ କରାଯାଇଥାଏ।

## ବାଲିଯାତ୍ରା ଓ ଶିଳ୍ପଦ୍ୟୋଗ ସପ୍ତାହ

ଅତୀତ ଉତ୍କଳର ଗୌରବମୟ ସଂସ୍କୃତିର ବାର୍ତ୍ତା ବହନ କରେ ବାଲିଯାତ୍ରା। ତଅପୋଇ କିମ୍ବଦନ୍ତୀ ଏହି ପରମ୍ପରାରେ ଭରି ଦେଇଛି ରୋମାଞ୍ଚ। ଐତିହ୍ୟର ଯାତ୍ରା ବାଲିଯାତ୍ରା ଏକ ଗଣମହୋତ୍ସବ ଯାହା ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କଙ୍ଗୋଦ ଓ କୋଶଳର ସମନ୍ୱୟଭିତ୍ତିକ ଯାତ୍ରା। ଆଧୁନିକ ଓଡ଼ିଶା ହେଉଛି ଏହି ସ୍ଥାନଗୁଡ଼ିକର ପରିବର୍ତ୍ତିତ ରୂପ। କାର୍ତ୍ତିକ ମାସର ପୂର୍ଣ୍ଣିମା ଠାରୁ ଆରମ୍ଭ ହୁଏ ବାଲିଯାତ୍ରା। ପୂର୍ବରୁ ସାଧବ ପୁଅମାନେ ନିଜ ବୋଇତରେ ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଉଥିଲେ ଯାହାର ସ୍ମୃତିରେ ଉପକୂଳ ଅଞ୍ଚଳମାନଙ୍କରେ ବାଲିଯାତ୍ରାର ଆୟୋଜନ କରାଯାଉଛି। ଆ କା ମା ବୈରେ ଗୁଞ୍ଜରିତ ହେଉଥିବା ସେଦିନର ଉପକୂଳ ଅଞ୍ଚଳ ସମୂହର ସ୍ୱର୍ଣ୍ଣିମ ଅଧ୍ୟାୟର ସ୍ମୃତି ଆଜି ବି ଓଡ଼ିଆଙ୍କ ମଧ୍ୟରେ ଜୀବିତ ହୋଇ ରହିଛି। ଆଉ ସେହି ପରମ୍ପରାକୁ ଏକ ଉତ୍ସବର ରୂପ ଦେଇଛନ୍ତି ଓଡ଼ିଶାବାସୀ। କିନ୍ତୁ ବାଲିଯାତ୍ରା କେବେ ଓ କେଉଁଥି ପାଇଁ ଆରମ୍ଭ ହୋଇଥିଲା ତାହାର ସଠିକ୍ ନିର୍ଦ୍ଧାରିତ ସମୟ ବିଷୟରେ କେହି ଜାଣି ନାହାନ୍ତି। କିନ୍ତୁ କଳିଙ୍ଗ ରାଜ୍ୟର ସାଧବମାନେ ଏହି ଦିନ ବିଦେଶକୁ ବାଣିଜ୍ୟ କରିବାକୁ ଯାଉଥିବାରୁ ମହାନଦୀ କୂଳରେ ସେମାନଙ୍କୁ ବିଦାୟ ଦିଆଯାଇଥିଲା ଯାହା ପରବର୍ତ୍ତୀ ସମୟରେ ବାଲିଯାତ୍ରାର ରୂପ ନେଇଛି ବୋଲି ସାଧାରଣରେ ବିଶ୍ୱାସ ରହିଛି। ତେବେ ଏହିଦିନ ଠାରୁ ଶିଳ୍ପଦ୍ୟୋଗ ସପ୍ତାହ ମଧ୍ୟ ପାଳନ କରାଯାଏ। ଏହା ସହିତ ଓଡ଼ିଶାର ଶିଳ୍ପ ସମ୍ଭାବନା ତଥା ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଏ।



## ଦେବ ଦୀପାବଳି

**କାର୍ତ୍ତିକ ପୂର୍ଣ୍ଣିମା ଦିନ ପାଳନ କରାଯାଏ ଦେବ ଦୀପାବଳି। ଦେବୀ-ଦେବତାମାନେ ଏହି ଦିନ ପୃଥିବୀପୃଷ୍ଠକୁ ଅବତରଣ କରି କାଶୀର ଗଙ୍ଗାଘାଟରେ ଦୀପାବଳି ପର୍ବ ପାଳନ କରନ୍ତି। ଏହି ଦିନ ସ୍ନାନ, ଦାନର ମଧ୍ୟ ରହିଛି ବିଶେଷ ମହତ୍ତ୍ୱ। ଲୋକମାନେ ଏହି ଦିନ ଆସ୍ଥାର ବୁଡ଼ ପକାଇ ଦାନ-ପୁଣ୍ୟ କରିଥାନ୍ତି।**



ଇତିହାସ-ଦେବ ଦୀପାବଳିର ଇତିହାସ ଭଗବାନ ଶିବ ଓ ତ୍ରିପୁରାସୁର ନାମକ ରାକ୍ଷସର ଯୁଦ୍ଧ ସହିତ ଜଡ଼ିତ ହୋଇ ରହିଛି। ପୌରାଣିକ କଥା ଅନୁସାରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ଶିବ ତ୍ରିପୁରାସୁରର ବଧ କରିଥିଲେ ଯେଉଁ କାରଣରୁ ପ୍ରସନ୍ନ ହୋଇ ଦେବତାମାନେ ଖୁସିରେ ଦୀପ ଜଳାଇଥିଲେ। ଏହି ବିଜୟ ଉପଲକ୍ଷେ ଦେବତାମାନେ ଦୀପାବଳି ପର୍ବ ପାଳନ କରନ୍ତି ଯାହାକୁ ସେବେଠାରୁ ଦେବ ଦୀପାବଳି ବୋଲି କୁହାଯାଉଛି। ତ୍ରିପୁରାସୁର ନାମକ ରାକ୍ଷସ ଦେବତାମାନଙ୍କୁ ବହୁତ ସମସ୍ୟାରେ ପକାଇଥିଲା। ଭଗବାନ ଶିବ ତାକୁ ବଧ କରି ଦେବତାମାନଙ୍କୁ ପୀଡ଼ାରୁ ମୁକ୍ତି ଦେଇଥିଲେ। ତ୍ରିପୁରାସୁରର ବଧ ପରେ ଭଗବାନ ଶିବଙ୍କ ବିଜୟକୁ ପାଳନ କରିବା ପାଇଁ ଦେବତାମାନେ କାଶୀ ଯାଇଥିଲେ ଓ ଗଙ୍ଗା ନଦୀ ଘାଟରେ ଦୀପ ଜଳାଇ ନିଜର ଖୁସି ବ୍ୟକ୍ତ କରିଥିଲେ। ଏହି ବିଜୟର କାହାଣୀକୁ ଆହୁରି ବିସ୍ତାରର ସହିତ ବୁଝେଇ କୁହାଯାଇଛି ଯେ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିଥିଲେ ଓ ଗୋଟିଏ ବାଣରେ ତ୍ରିପୁରାସୁରର ତିନୋଟି ନଗରକୁ ନଷ୍ଟ କରିଦେଇ ଥିଲେ। ଦେବ ଦୀପାବଳି ଦିନ ଦେବତାମାନେ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଥାଆନ୍ତି। ସେଥିପାଇଁ ଏହି ଦିନକୁ ଦେବତାମାନଙ୍କର ଦୀପାବଳି ଭାବରେ ପାଳନ କରାଯାଏ। ତ୍ରିପୁରାସୁର ବଧ ପରଠାରୁ ଭଗବାନ ଶିବଙ୍କ ବିଜୟକୁ ପାଳନ କରିବା ପାଇଁ ଦେବତାମାନେ କାଶୀ ଆସି ତାଙ୍କୁ ଗଙ୍ଗାଘାଟରେ ଜୀପ ଜଳାଇ ଖୁସି ବ୍ୟକ୍ତ କରନ୍ତି। ଏହି ପର୍ବ ତ୍ରିପୁରାସୁର ବଧ ଓ ଭଗବାନ ଶିବଙ୍କ ବିଜୟର ପ୍ରତୀକ। ଗଙ୍ଗା ସ୍ନାନ ପରେ ଦୀପଦାନ କରିବା ଦ୍ୱାରା ଶୁଭ ଫଳ ପ୍ରାପ୍ତି ହୋଇଥାଏ ବୋଲି ଲୋକମାନେ କାଶୀର ଗଙ୍ଗାଘାଟରେ ଏହି ପର୍ବକୁ ଖୁବ୍ ଧୂମଧାମରେ ପାଳନ କରନ୍ତି। ସେଠାରେ ହଜାର ହଜାର ସଂଖ୍ୟାରେ ଦୀପ ଜଳାଇ ଏହି ଉତ୍ସବକୁ ଭବ୍ୟ ରୂପ ଦିଆଯାଏ।



## ମହେଶ ବାବୁଙ୍କ ନୂଆ ଫିଲ୍ମ ‘ବାରାଣସୀ’

ନିର୍ମାତା ଏସ୍‌ଏସ୍ ରାଜାମୌଲୀ ମହେଶ ବାବୁଙ୍କ ସହିତ ଆଗାମୀ ଫିଲ୍ମକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମର ଶୀର୍ଷକ ରଖାଯାଇଛି ‘ବାରାଣସୀ’। ଏହି ଫିଲ୍ମରେ ମହେଶ ବାବୁଙ୍କ ସହିତ ନଜର ଆସିବେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ପୃଥ୍ୱୀରାଜ ସୁକୁମାରନ୍। ଖବର ଅନୁସାରେ ଏହି ଫିଲ୍ମର ଟାଇଟଲ୍ ରାଇଟ୍ସ ଅନ୍ୟ କାହା ପାଖରେ ଥିଲା ଯାହାକୁ ରାଜାମୌଲୀ ଅନେକ ପ୍ରୟାସ ପରେ ଆଣିଛନ୍ତି। ୧୫ ନଭେମ୍ବରରେ ହାଇଦ୍ରାବାଦର ରାମୋଜୀ ରାଓ ଫିଲ୍ମ ସିଟିରେ ଏକ ବିଶାଳ ଇଭେଣ୍ଟ କରିବା ପାଇଁ ଚିନ୍ତା କରିଛନ୍ତି ଏହାର ନିର୍ମାତାମାନେ ଯେଉଁଥିରେ ପୂରା ଟିମ୍ ଉପସ୍ଥିତ ରହିବେ। ଫିଲ୍ମକୁ ନେଇ ସରପ୍ରାଇଜ୍ ଏହିଠାରେ ଶେଷ ହେଉନାହିଁ କାରଣ ଏଥିରେ ବିଶେଷ ଭାବରେ କିଛି ଦର୍ଶକ ଉପସ୍ଥିତ ରହିବେ। ଯେଉଁ ଦର୍ଶକମାନେ ଏଥିରେ ସାମିଲ ହୋଇପାରିବେ ନାହିଁ ସେମାନଙ୍କ ପାଇଁ ଜିଓ ହଟ୍ ଷ୍ଟାରରେ ଏହାକୁ ଷ୍ଟ୍ରିମ୍ କରାଯିବ। ତେବେ ପୂର୍ବ ଖବର ଅନୁସାରେ ଫିଲ୍ମର ଶୀର୍ଷକ ‘ଗ୍ଲୋବ୍‌ଷ୍ଟାର’ ରଖାଯିବାର ଥିଲା କିନ୍ତୁ ଏବେ ଏହାର ନାମ ‘ବାରାଣସୀ’ ରଖାଯିବାର ନିଶ୍ଚିତ ଖବର ଆସୁଛି। ଏହାର କାହାଣୀ ଏହି ପୁରୁଣା ସହର ସହିତ ମେଳ ଖାଉଥିବାରୁ ଫିଲ୍ମର ଶୀର୍ଷକ ‘ବାରାଣସୀ’ ରଖାଯିବା କଥା ଫିଲ୍ମର ନିର୍ମାତାମାନେ କହିଛନ୍ତି। ତେବେ ଏହି ୧୦୦୦ କୋଟିର ବହୁପ୍ରତୀକ୍ଷିତ ଫିଲ୍ମର ଅପେକ୍ଷାରେ ରହିଛନ୍ତି ଦର୍ଶକମାନେ। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଆଗାମୀ ଦିନରେ ମହେଶ ବାବୁ ଫିଲ୍ମ ‘ଜନ ଗଣ ମନ’ରେ ନଜର ଆସିବେ। ପ୍ରିୟଙ୍କା ଚୋପ୍ରାଙ୍କ ହାତରେ ରହିଛି କଳ୍ପନା ଚାୱ୍ଲାଙ୍କ ବାୟୋପିକ୍।



## ସୁନାମୀ ସଚେତନତା ଦିବସ



ସମୁଦ୍ରରେ ଆସେ ଅଚାନକ ବିଶାଳ ଲହରୀ ଓ ତଟୀୟ କ୍ଷେତ୍ରଗୁଡ଼ିକର ଏହା ଅତ୍ୟଧିକ କ୍ଷତି କରେ। ଏହି ଲହରୀଗୁଡ଼ିକ ସମୁଦ୍ର ଭିତରେ ହେଉଥିବା ଭୂମିକମ୍ପ, ଜ୍ୱାଳାମୁଖୀ ବିସ୍ଫୋରଣ ବା ଭୂସ୍ଖଳନ କାରଣରୁ ସୃଷ୍ଟି ହୁଏ ଓ ତାଣ୍ଡବଲୀଳା ରଚିଥାଏ। ଏଥିପ୍ରତି ଲୋକମାନଙ୍କୁ ଜାଗ୍ରତ କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ପାଳନ କରାଯାଏ ସୁନାମୀ ସଚେତନତା ଦିବସ। ସୁନାମୀକୁ ନେଇ ରଣନୀତିଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରିବା ଏହି ଦିବସର ଲକ୍ଷ୍ୟ। ମିଳିତ ଜାତିସଂଘ ୨୨ ଡିସେମ୍ବର, ୨୦୧୫ରେ ଏହି ଦିବସ ପାଳନ କରିବା ପାଇଁ ଘୋଷଣା କରିଥିଲା ଓ ୨୦୧୬ରେ ପ୍ରଥମ ଥର ପାଇଁ ବିଶ୍ୱ ସ୍ତରରେ ପାଳନ କରାଯାଇଥିଲା ସୁନାମୀ ଦିବସ। ୨୦୦୪ରେ ଭାରତ ମହାସାଗରର ସୁନାମୀ ଏକବିଂଶ ଶତାବ୍ଦୀର ପ୍ରଥମ ବୈଶ୍ୱିକ ବିପର୍ଯ୍ୟୟ ଥିଲା ଓ ନିକଟ ଅତୀତରେ ମାନବ ଇତିହାସର ସବୁଠାରୁ ଘାତକ ବିପର୍ଯ୍ୟୟଗୁଡ଼ିକ ମଧ୍ୟରୁ ଏହା ଥିଲା ଅନ୍ୟତମ। ଏହି ଟ୍ରାଜେଡି ପରେ ସ୍ଥାନୀୟ ଆର୍ଦ୍ରତାକୁ ନେଇ ବୈଶ୍ୱିକ ସହଯୋଗ ପ୍ରତି ପ୍ରତିବଦ୍ଧତା ଆରମ୍ଭ ହୋଇଥିଲା। ଏହାର ପରିଣାମସ୍ୱରୂପ ସୁନାମୀର ପୂର୍ବ ଚେତାବନୀ ପ୍ରଣାଳୀ ପ୍ରସ୍ତୁତ କରାଗଲା ଯେଉଁଥିରେ ଭାରତ ମହାସାଗର ବେସିନ୍‌ର ଆଖପାଖରେ ୨୭ଟି ଦେଶକୁ ଲାଭ ହୋଇଥିଲା। ବୈଶ୍ୱିକ ସ୍ତରରେ ନିମ୍ନ ତଟୀୟ କ୍ଷେତ୍ର ଓ ଛୋଟ ଦ୍ୱୀପୀୟ ବିକାଶଶୀଳ ରାଜ୍ୟଗୁଡ଼ିକରେ ୭୦୦ ମିଲିୟନ୍ ଠାରୁ ଅଧିକ ଲୋକ ସୁନାମୀ ସହିତ ଚରମ ସମୁଦ୍ରୀ ସ୍ତରର ଘଟଣାଗୁଡ଼ିକ ସମ୍ପର୍କରେ ସତର୍କ ଅଛନ୍ତି। ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ସେତେବେଳେ ପ୍ରଭାବୀ ହୋଇପାରେ ଯେତେବେଳେ ଜନସଂଖ୍ୟା ସୁନାମୀର ବିପଦ ସମ୍ପର୍କରେ ଖୁବ୍ ଭଲ ଭାବରେ ସଚେତନ ରହିବେ।

# ପଡ଼ିଆ ପ୍ରସ୍ତୁତ

# ଆଜିଠାରୁ କଟକ ବାଲିଯାତ୍ରା

**କଟକ,୪।୧୧/ଏନ୍ଏନ୍ଏସ:**

**ପାର୍ବଣ ଋତୁର ଶେଷ ପର୍ବ କଟକର ଐତିହାସିକ ବାଲିଯାତ୍ରା ପାଇଁ ପଡ଼ିଆ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଛି । ଆଜି ପଡ଼ିଆକୁ ନିରୀକ୍ଷଣ କଲେ ଲାଗୁଛି ସତେ ଯେପରି ଚାଲିଛି ବାଲିଯାତ୍ରା । ବାଲିଯାତ୍ରାକୁ ଉପଭୋଗ କରିବା ପାଇଁ କଟକ ସହର ଏବଂ ଏହାର ଆଖପାଖ ଅଞ୍ଚଳ ସହିତ ରାଜ୍ୟବାସୀ ଚାତକ ପରି ଚାହିଁଛନ୍ତି ।  କେତେକ ଛୋଟବଡ଼ ଘଟଣକୁ ବାଦଦେଲେ ବାଲିଯାତ୍ରା ଏଥର ଜମିବ ବୋଲି ଆଶା କରାଯାଉଛି ।**





## ଉଭୟ ପଡ଼ିଆରେ ବାଲିଯାତ୍ରା ପାଇଁ ଅନୁମତି

ଚଳିତ ବର୍ଷ ଉଭୟ ଉପର ଓ ତଳ ପଡ଼ିଆରେ ବାଲିଯାତ୍ରା ପାଇଁ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ତଳ ବାଲିଯାତ୍ରା ପଡ଼ିଆରେ ଏଥର ମୋଟ ୧୪ଲକ୍ଷ ୭୬ହଜାର ୮୭୦ ବର୍ଗଫୁଟ ଜମିକୁ ପ୍ଲଟ୍ ଭାବେ ଆବଣ୍ଟନ କରାଯାଇଛି । ପାଖାପାଖି ୧ହଜାର ୬୫୪ଜଣ ବ୍ୟବସାୟୀ ତଳ ପଡ଼ିଆରେ ଷ୍ଟଲ ଖୋଲିଛନ୍ତି । ସଂପ୍ରତି ତଳ ପଡ଼ିଆ ବାଲିଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି । ତଥାପି ତଳ ପଡ଼ିଆର କିଛି ଅଂଶରେ ପାଣି ଓ କାଦୁଅ ଜମି ରହିଥିବା ପରିଲକ୍ଷିତ ହେଉଛି । ଅପର ପକ୍ଷରେ ବାଲିଯାତ୍ରା ଆରମ୍ଭ ଉପର ପଡ଼ିଆରୁ । କିନ୍ତୁ ଏବେ ଉପର ପଡ଼ିଆ ପ୍ରଶାସନ ପାଇଁ ସତେ ଯେପରି ଅଦରକାରୀ ହୋଇପଡ଼ିଛି । ଯାହକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି । ପ୍ରଶାସନର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଉପର ପଡ଼ିଆର ଗୁରୁତ୍ୱ କମି ଯାଇଥିବା ସାଧାରଣରେ ଅଭିଯୋଗ ହେଉଛି । ଅଧା ଦରରେ ଉପର ପଡ଼ିଆରେ ପ୍ଲଟ ଯୋଗାଇ କୁହାଯାଉଥିଲେ ମଧ ଏବେ ଉପର ପଡିଆ ଖାଁ ଖାଁ ଲାଗୁଛି ।

## ଉପର ପଡ଼ିଆରେ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଐତିହାସିକ କଟକ ବାଲିଯାତ୍ରା ଆୟୋଜନ ବିବାଦରେ ହସ୍ତକ୍ଷେପ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଉପର ବାଲିଯାତ୍ରା ପଡ଼ିଆରେ ଯଥାବିଧି ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଉପର ବାଲିଯାତ୍ରା ପଡ଼ିଆକୁ ପ୍ରଶାସନ ଆୟୋଜନରୁ ବାଦ ଦେଇଥିଲା । ତେବେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଉପର ବାଲିଯାତ୍ରା ପଡ଼ିଆରେ ଜିଲ୍ଲାପାଳ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ସମୀକ୍ଷା ପରେ ଉପର ପଡ଼ିଆରେ ପୂର୍ଣ୍ଣାଙ୍ଗ ଆୟୋଜନ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଉପର ବାଲିଯାତ୍ରା ପଡ଼ିଆରେ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ପ୍ରସ୍ତୁତି ସମୀକ୍ଷା କରିଥିଲେ । ଅପର ପକ୍ଷରେ ପ୍ରଶାସନ ଏତେ ବିଳମ୍ବରେ ନିଷ୍ପତ୍ତି ନେଇଥିବାରୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବୁଧବାର ଠାରୁ ବାଲିଯାତ୍ରା ଆରମ୍ଭ ହେଉଥିବାବେଳେ ଉପରପଡ଼ିଆରେ ପୂର୍ଣ୍ଣାଙ୍ଗ ଆୟୋଜନ କିଭଳି ସମ୍ଭବ ହେବ ସେ ନେଇ ବ୍ୟବସାୟୀମାନେ ପ୍ରଶ୍ନ କରିଛନ୍ତି ।



## ଶାନ୍ତି ଶୃଙ୍ଖଳା ପାଇଁ ୬୫ ପ୍ଲାଟୁନ୍ ଫୋର୍ସ

ବାଲିଯାତ୍ରାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା, ଟ୍ରାଫିକ ସୁପରିଚାଳନା ଓ ଭିଡ଼ ନିୟନ୍ତ୍ରଣ ମୁକାବିଲା ଲାଗି କଟକ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ସୁରକ୍ଷା ଦାୟିତ୍ୱରେ ମୋଟ ୬୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ । ଏହି ଫୋର୍ସ ଉଭୟ ବାଲିଯାତ୍ରା ପଡ଼ିଆ ଓ ବାହାରେ ନିୟୋଜିତ ହେବେ । ପ୍ରାୟ ୩୦୦ରୁ ଅଧିକ ଅଫିସର ଓ ୭୦ରୁ ଅଧିକ ବରିଷ୍ଠ ଅଧିକାରୀ ସୁରକ୍ଷା ଦାୟିତ୍ୱ ତଦାରଖ କରିବେ । ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ ଲାଗି ଉଭୟ ପଡ଼ିଆରେ ୨୬ଟି ଏଡ ପୋଷ୍ଟ ଖୋଲିବ । ପଡ଼ିଆର ପ୍ରତ୍ୟେକ ଦୃଶ୍ୟକୁ କଏଦ କରି ରଖିବା ଲାଗି ୩୦୦ ରୁ ଅଧିକ ସିସିଟିଭି ଲଗାଯାଇଛି ।




## ପଲ୍ଲିଶ୍ରୀ ମେଳାରେ ୫୨୫ଟି ଷ୍ଟଲ୍

ଐତିହାସିକ କଟକ ବାଲିଯାତ୍ରାରେ ଚଳିତ ବର୍ଷ ମଧ ଜାତୀୟ ପଲ୍ଲିଶ୍ରୀ ମେଳା ଅନ୍ୟତମ ମୁଖ୍ୟ ଆକର୍ଷଣ ରହିବ । ଏବର୍ଷ ଜାତୀୟ ପଲ୍ଲିଶ୍ରୀ ମେଳାରେ ୫୨୫ଟି ଷ୍ଟଲ୍ ସ୍ଥାନ ପାଇଛି । ଓଡ଼ିଶା ସମେତ ୨୪ଟି ରାଜ୍ୟର ହସ୍ତକଳା ଓ ହସ୍ତଶିଳ୍ପ ଏଠାରେ ପ୍ରଦର୍ଶିତ ହେବ । ଓଡ଼ିଶାର ପାରମ୍ପାରିକ ସାମଗ୍ରୀଗୁଡ଼ିକ ମେଳାରେ ସ୍ଥାନ ପାଇବ । ପଲ୍ଲିଶ୍ରୀ ମେଳାରେ ଚଳିତ ବର୍ଷ ଲିଙ୍ଗରାଜ ମନ୍ଦିର ପ୍ରତିକୃତିର ମୁଖଶାଳା ନିର୍ମାଣ ହୋଇଛି ।



## ମହାନଦୀ ତଟରେ ହେବ ଡଙ୍ଗାଭସା

ବାଲିଯାତ୍ରା ସନ୍ଧ୍ୟାରେ ଉଦ୍‌ଘାଟିତ ହେବାକୁ ଥିଲେ ବି ଭୋର୍‌ରୁ ବାଲିଯାତ୍ରା ପଡ଼ିଆ ଲୋକାରଣ୍ୟ ହୋଇ ପଡ଼ିବ । ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟର ଗାଥା ସହିତ ପୂର୍ବ କାଳରେ ଉତ୍କଳର ସାଧବପୁଅମାନେ ନିଜ ବୋଇତରେ ଜାଭା, ସୁମାତ୍ରା, ବାଲି ଓ ବୋର୍ଣ୍ଣିଓ ଆଦି ଦୀପକୁ ବଣିଜ ପାଇଁ ଟାତ୍ରାକୁ ମନେପକାଇ ହେବ ଡଙ୍ଗା ଭସା । ସେହି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ମହାନ ସ୍ମୃତିକୁ ହଜାର ହଜାର ଲୋକ ଡଙ୍ଗା ଭସାଇବା ପରେ ହିଁ ଆରମ୍ଭ ହୋଇଯିବ ବାଲିଯାତ୍ରା । କାଲିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଐତିହାସିକ କଟକ ବାଲିଯାତ୍ରା ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଐତିହାସିକ କଟକ ବାଲିଯାତ୍ରାକୁ ଉଦଘାଟନ କରିବେ ।




## ଶ୍ରେୟା ଘୋଷାଲ, ହର୍ଷଦୀପ କୌର, ରିଶି ସିଂଙ୍କୁ ଅପେକ୍ଷା

ଚଳିତ ବର୍ଷ ମଧ ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ । ଚଳିତବର୍ଷ ବାଲିଯାତ୍ରାରେ ଧମାକା କରିବ ବଲିଉଡ୍ ନାଇଟ୍ । ଏଥର ଲୋକଙ୍କୁ ନିଜ ଗୀତରେ ଝୁମାଇବାକୁ ଆସିବେ ଲୋକପ୍ରିୟ ବଲିଉଡ଼ କଣ୍ଠଶିଳ୍ପୀମାନେ । ଶ୍ରେୟା ଘୋସାଲ, ହର୍ଷଦୀପ କୌର, ରିଶି ସିଂଙ୍କ ଭଳି ବଲିଉଡ୍‌ର ଶିଳ୍ପୀମାନେ ସେମାନଙ୍କ ସ୍ୱରର ଯାଦୁ ପ୍ରଦର୍ଶନ କରିବେ । ଏହାଛଡ଼ା ବାଲିଯାତ୍ରାରେ ଓଲିଉଡ଼ର ନାମକରା ଗାୟକ ଓ ଗାୟିକାମାନେ ମଧ କାର୍ଯ୍ୟକ୍ରମରେ ସାମିଲ ହେବେ । ଉଭୟ ବୈଷ୍ଣବପାଣି ଓ ଅକ୍ଷୟ ମହାନ୍ତି ମଂଚରେ ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ।

## ଦୋଳି ହେବ ଆକର୍ଷଣ



ବାଲିଯାତ୍ରା ପାଇଁ ଚଳିତ ଥର ୨୫ଟି ଦୋଳି ଆସିଛି ବାଲିଯାତ୍ରା ପଡିଆକୁ । ସିଙ୍ଗଲ ଟାୱାର ଦୋଳି ସବୁଠୁ ଆକର୍ଷଣୀୟ ହେବାକୁ ଯାଉଛି । ଓଡ଼ିଶାରେ ଏହାର ପ୍ରଥମ ପ୍ରବେଶ । ରାଜ୍ୟ ସମେତ ରାଜ୍ୟ ବାହାରୁ ଆସିଥିବା ବହୁ ଦୋଳି ବ୍ୟବସାୟୀ ଉପର ଓ ତଳ ପଡ଼ିଆରେ ଦୋଳି ଲଗାଇଛନ୍ତି । ଚଳିତବର୍ଷ ରାମଦୋଳି, ବ୍ରେକଡ୍ୟାନ୍ସ, ସିଙ୍ଗଲ ଟାୱାର, ମୁନ ତଥା ନୌକା, ସୁନାମି, ଟେରାଟୋରା, ଅକ୍ଟୋପସ ଆଦି ଦୋଳି ମେଳାକୁ ଆସିଛି । ଯାହା ଯୁବବର୍ଗଙ୍କ ଠାରୁ ଆରମ୍ଭ କରି କରି ବୟସ୍କମାନଙ୍କୁ ମନୋରଂଜନ ଯୋଗାଇବ । ତେବେ ଦୋଳିର ଟିକେଟ ମୂଲ୍ୟ ୧୦୦ ଟଙ୍କା ରହିଛି ।

### ବାଲିଯାତ୍ରାରେ ବଣ୍ଟନ ଲାଗି କିଣାଯିବ ୧ କୋଟି ମୂଲ୍ୟର ପୁସ୍ତକ

## କ୍ରୟ ପ୍ରକ୍ରିୟାକୁ ନେଇ ରାଜ୍ୟପାଳଙ୍କୁ ଫେରାଦ ହେଲା ପ୍ରକାଶକ ସଂଘ

**କଟକ,୪।୧୧/ଏନ୍ଏନ୍ଏସ୍:** ପୁସ୍ତକ ପ୍ରତି ଆଦର କମିଯାଉଥିବାରୁ ଓଡିଆ ପୁସ୍ତକର ପଠନ ଅଭ୍ୟାସ ବୃଦ୍ଧ ଲାଗି ଐତିହାସିକ ବାଲିଯାତ୍ରାରେ ପୁସ୍ତକ ବଣ୍ଟନ ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ଯୋଜନା ହାତକୁ ନିଆଯାଇଛି । ପୁସ୍ତକ ବଣ୍ଟନ ଲାଗି ପ୍ରଶାସନ ପକ୍ଷରୁ ଦୁଇଟି ଉପାୟ ଅବଲମ୍ବନ କରାଯାଇଛି । ପ୍ରଥମେ ପୁସ୍ତକ ସଂଗ୍ରହ ଲାଗି ପ୍ରଶାସନ ପକ୍ଷରୁ ପୁସ୍ତକ ଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିଲାଗି ଦାନ ଆକାରରେ ପୁସ୍ତକ ସଂଗ୍ରହ ଚାଲିଥିବା ବେଳେ କିଛି ପୁସ୍ତକ କ୍ରୟ ଲାଗି ପ୍ରଶାସନ ନିଷ୍ପତ୍ତି ନେଇଥିଲା । ତେବେ ପୁସ୍ତକ କ୍ରୟ ପ୍ରକ୍ରିୟାକୁସ୍ୱଚ୍ଛ ଓ ନିରପେକ୍ଷ କରିବାରେ ପ୍ରଶାସନ ବିଫଳ ହୋଇଛି । ପୁସ୍ତକ କ୍ରୟ ନେଇ ବିଜ୍ଞପ୍ତି ସାର୍ବଜନୀନ ହୋଇପାରିନଥିବା ବେଳେ ବେଳେ ପୁସ୍ତକ କ୍ରୟ ଲାଗି କରାଯାଇଥିବା ଇଓଆଇ ତୃଟିପୂର୍ଣ୍ଣ ବୋଲି ଅଭିଯୋଗ ହୋଇଛି । ସାଧାରଣତଃ ପୁସ୍ତକ କ୍ରୟ ବ୍ୟବସ୍ଥାରେ ରାଜା ରାମମୋହନ ରାୟ ପୁସ୍ତକ କ୍ରୟ ପଦ୍ଧତି କିମ୍ବା ଓପେପା, ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଅନୁସୃତ ପଦ୍ଧତିକୁ ଅନୁସରଣ କରାନଯାଇ ତୃଟିପୂର୍ଣ୍ଣ ଇଓଆଇ ଜାରି କରାଯାଇଛି । ଏଥିରେ ପୁସ୍ତକର ମାନ, ମୂଲ୍ୟ ନିର୍ଦ୍ଧାରଣ ଚୟନ ପଦ୍ଧତି ସମ୍ପର୍କରେ ପ୍ରକାଶିତ ଇଓଆଇରେ କିଛି ସୂଚନା ନଥିବା ଅଭିଯୋଗ ହୋଇଛି । ଏ ନେଇ ଓଡିଶା ପ୍ରୋଗ୍ରେସିଭ ପବ୍ଲିଶର୍ସ ଆସୋସିଏସନ୍‌ର ସଭାପତି କନିଷ୍କ ରାଜ୍ୟପାଳ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ନିକଟରେ ଗୁରୁତର ଅଭିଯୋଗ କରିଛନ୍ତି । କଟକ ବାଲିଯାତ୍ରାରେ ପୁସ୍ତକ ବିତରଣ ନିମନ୍ତେ ଆହ୍ୱାନ କରାଯାଇଥିବା ଇଓଆଇରେ ଜଘନ୍ୟ ବିଭ୍ରାଟ ଓ ଅର୍ଥ ହରିଲୁଟ ଲାଗି ଭୟଙ୍କର ଷଡ଼ଯନ୍ତ୍ର ହୋଇଥିବା ସେ ଅଭିଯୋଗ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ କଟକ ବାଲିଯାତ୍ରାରେ ପୁସ୍ତକ ବିତରଣ ନିମନ୍ତେ କଟକ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଚିଠି ନମ୍ବର ୧୮୯୭,ତା ୨୨।୧୦।୨୦୨୫ ଅନୁଯାୟୀ ଇଓଆଇ ଆହ୍ୱାନ କରାଯାଇଥିଲା । ଏହା ସଂପୂର୍ଣ୍ଣ ବେଆଇନ ଥିଲା । କାରଣ ପ୍ରକାଶକମାନଙ୍କ ଠାରୁ ଏଥିଲାଗି ଜିଏସ୍‌ଟି କାଗଜପତ୍ର ମଗାଯାଇଥିଲା । ପୁସ୍ତକ ଜିଏସଟିମୁକ୍ତ ଦ୍ରବ୍ୟ ହୋଇଥିବାରୁ ଏ ସମ୍ପର୍କିତ କାଗଜପତ୍ର ମଗାଯିବା ସଂପୂର୍ଣ୍ଣ ଆଇନବିରୋଧି । ଇଓଆଇ ଆହ୍ୱାନ ହେବା ପୂର୍ବରୁ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ନିଜ ମନମୁତାବକ ୨୫ଟି ପୁସ୍ତକ ଚୟନ କରି ସାରିଥିଲେ । ସେହି ପୁସ୍ତକକୁ ଯୋଗାଇବା ପାଇଁ ସେ ବିଭିନ୍ନ ପ୍ରକାଶକମାନଙ୍କ ଦ୍ୱାରା ଅନୁଗୃହୀତ ହୋଇଛନ୍ତି । ଏଥିରେ ବ୍ୟାପକ ଅର୍ଥ କାରବାର ହୋଇଛି । କେତେକ ପ୍ରକାଶକ ଏଯାବତ୍ ବହି ଯୋଗାଇ ପାରିନାହାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବେନିୟମ ଭାବେ ଜିଏସ୍‌ଟି କାଗଜପତ୍ର ମଗାଯିବାରୁ ବହୁ ଖ୍ୟାତନାମା ପ୍ରକାଶକ ପୁସ୍ତକ ଯୋଗାଣ ପ୍ରକ୍ରିୟାରୁ ବଞ୍ଚିତ ହୋଇଛନ୍ତି । ଏବେ ପୁନର୍ବାର ଚିଠି ନଂ ୨୨୨୨ ତା ୩।୧୧।୨୦୨୫ରେ ମନମୁତାବକ ୧୧ଟି ପୁସ୍ତକ ଚୟନ କରି, ପୁସ୍ତକ ଯୋଗାଣ ନିମନ୍ତେ ଇଓଆଇ ଆହ୍ୱାନ କରିଛନ୍ତି ।

## ଗୋଟେ ଜମି ଉପରେ ଏକକାଳୀନ ଦୁଇଟି ପ୍ରୋସିଡିଂ ଚାଲିପାରିବ ନାହିଁ: ହାଇକୋର୍ଟ

**କଟକ,୪।୧୧/ଏନ୍ଏନ୍ଏସ୍:** ଗୋଟେ ଜମି ଉପରେ ଲିଜ୍ ସଂକ୍ରାନ୍ତ ମାମଲାର ଶୁଣାଣି ଏବେ ବି ଜିଲ୍ଲାପାଳଙ୍କ ଅଧୀନରେ ବିଚାରଧୀନ ରହିଛି । ସେହି ଜମି ଉପରେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ନୋଟିସ୍ ଜାରି କରାଯାଇଛି । ଗୋଟିଏ ଜମି ଉପରେ ଯେଉଁଠି ଜିଲ୍ଲାପାଳଙ୍କ ପକ୍ଷରୁ ଲିଜ୍ ସଂକ୍ରାନ୍ତ ମାମଲାର ବିଚାରଧୀନ ରହିଛି ସେହି ଜମି ଉପରେ ଉଚ୍ଛେଦ ପାଇଁ ନୋଟିସ୍ କରାଯିବା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ହୋଇଥିବା ନୋଟିସକୁ ରଦ୍ଦ କରି ଦେଇଛନ୍ତି । ଧର୍ମ ସଂଘ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ ଏକ ନିର୍ଦ୍ଦିଷ୍ଟ ଜାଗାରେ ମନ୍ଦିର ନିର୍ମାଣ କରାଯାଇଥିଲା । ସେହି ମନ୍ଦିରକୁ ହଟାଇବା ଲାଗି ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ନୋଟିସ୍ କରିଥିଲେ । ଏହି ଉଚ୍ଛେଦ ନୋଟିସ୍‌କୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀ ଦର୍ଶାଇଥିଲେ ଯେ ଏହି ଜମିକୁ ଲିଜ୍‌ରେ ଦେବାଲାଗି ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରାଯାଇଛି । ସମ୍ବଲପୁର ଆର୍‌ଡିସିଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲା ଜିଲ୍ଲାପାଳଙ୍କ ନିକଟରେ ବିଚାରଧୀନ ଥିଲାବେଳେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ଆବେଦନକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ଏକକାଳୀନ ଗୋଟିଏ ଜମିକୁ ନେଇ ଦୁଇଟି ସମାନ୍ତରାଳ ମାମଲା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଅଦାଲତରେ ଦର୍ଶାଇଥିଲେ । ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ ଦର୍ଶାଇଛନ୍ତି ଯେ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ କିଛି ନଭାବି ନୋଟିସ୍ ଜାରି କରି ଦେଇଛନ୍ତି । ଏଭଳି ନୋଟିସ୍ କୌଣସି ସାମ୍ବିଧାନିକ ବୈଧତା ନାହିଁ । ଏହି ନୋଟିସ୍‌କୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି । ଅପରପକ୍ଷରେ ଜିଲ୍ଲାପାଳଙ୍କ ନିକଟରେ ଲିଜ୍ ପାଇଁ ଯେଉଁ ଆବେଦନ ପଡ଼ିରହିଛି ତାହାକୁ ତିନି ମାସ ମଧ୍ୟରେ ସମାଧାନ କରିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି ।

## ଡିଅନ୍ ଗ୍ରୁପ୍‌ର ବାଲୁକା କଳା

**କଟକ,୪।୧୧/ଏନ୍ଏନ୍ଏସ୍:** ଐତିହାସିକ କଟକ ବାଲିଯାତ୍ରା ୨୦୨୫ ପାଇଁ ବିଶିଷ୍ଟ ବାଲୁକା କଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସହଯୋଗରେ ଗୁଆ ଏବଂ ବାଲିକୁ ନେଇ ଡିଅନ୍ ଗ୍ରୁପ୍ ଚଳିତ ବର୍ଷ ତଳ ପଡ଼ିଆଠାରେ ଉନ୍ମୋଚନ କରିଛି ବିଶ୍ୱର ସବୁଠାରୁ ବଡ଼ ବାଲୁକା କଳା । ୨୪୦ ଟନ୍ ବାଲି ବ୍ୟବହାର କରି ୫୦ ଫୁଟ ଲମ୍ବ ଏବଂ ୩୦ ଫୁଟ ଚଉଡ଼ାରେ ନିର୍ମିତ ଏହି ବାଲୁକା କଳାକୃତିରେ ୧୨,୦୦୦ ଗୁଆ, ୩୨୦ ନଡ଼ିଆ ଏବଂ ୧,୧୦୦ ମାଟି ଦୀପ ବ୍ୟବହାର କରାଯାଇଛି । ଓଡ଼ିଶାର ସାମୁଦ୍ରିକ ଐତିହ୍ୟକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହା ପ୍ରସ୍ତୁତ ହୋଇଛି । ସଂପୂର୍ଣ୍ଣ କଳାକୃତି ୬ ଘଣ୍ଟା ମଧରେ ସମାପ୍ତ କରି ସୁଦର୍ଶନ ପୁଣି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଡିଅନ୍ ଗ୍ରୁପ୍‌ର ପ୍ରମୁଖ ପ୍ରକଳ୍ପ କୋଡ୍ ନେମ୍ ନିଉ ଟାଉନ୍‌ର ମଧ ଶୁଭାରମ୍ଭ ହୋଇଥିଲା । ଏହି ପ୍ରକଳ୍ପ ଅଧୀନରେ ଆବାସିକ ଓ ବାଣିଜ୍ୟିକ ସ୍ଥାନ ସହ ମଲ୍‌ଟିପ୍ଲେକ୍ସ, ହୋଟେଲ୍ ଏବଂ ହସ୍ପିଟାଲ୍ ମଧ ରହିବ ।



# ଆଜି ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବିଶ୍ୱ ଚାମ୍ପିଅନ୍ ମହିଳା ଖେଳାଳି

## ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ପହଞ୍ଚିଲା ଟିମ୍




**ନୂଆଦିଲ୍ଲୀ,୪।୧୧/ଏଜେନ୍ସି:** ନଭେମ୍ବର ୨ ତାରିଖରେ ବିଶ୍ୱକପ୍ ଜିତିଥିବା ଭାରତୀୟ ମହିଳା ଟିମ୍‌ର ଖେଳାଳିମାନେ ଆସନ୍ତାକାଲି (ନଭେମ୍ବର ୫) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବେ। ରିପୋର୍ଟ ଅନୁସାରେ ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କ ସହିତ ଡିନର୍ ମଧ୍ୟ କରିବେ। ଏଥିପାଇଁ ମହିଳା ଟିମ୍ ଏକ ସ୍ୱତନ୍ତ୍ର ବିମାନରେ ମୁମ୍ବାଇରୁ ଆସି ଦିଲ୍ଲୀରେ ପହଞ୍ଚିଛି। ଦିଲ୍ଲୀ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମା କହିଛନ୍ତି, ଟିମ୍ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କ'ଣ ଉପହାର ଦିଆଯିବ- ଜର୍ସି କି ବ୍ୟାଟ୍ ତାହା ଆମେ ଖୁବ୍‌ଶୀଘ୍ର ସ୍ଥିର କରିବୁ। ସୂଚନାଯୋଗ୍ୟ, ରବିବାର ଭାରତୀୟ ମହିଳା ଟିମ୍ ନବୀ ମୁମ୍ବାଇର ଡିୱାଇ ପାଟିଲ୍ ସ୍ପୋର୍ଟ୍ସ ଏକାଡେମୀରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ପ୍ରଥମ ଥର ବିଶ୍ୱକପ୍ ଜିତିଥିଲା। ବିଶ୍ୱକପ୍ ବିଜୟ ପରେ ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ୍ ମିଡିଆରେ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଐତିହାସିକ ବିଜୟ ଭବିଷ୍ୟତର ଚାମ୍ପିଅନ୍ ଖେଳାଳିଙ୍କୁ କ୍ରିକେଟ୍‌ରେ ସାମିଲ ହେବାକୁ ପ୍ରେରିତ କରିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ପୋଷ୍ଟରେ ଲେଖିଥିଲେ।

# ଓଡ଼ିଶାର ପୁଣି ଶୋଚନୀୟ ଇନିଂସ୍ ପରାଜୟ

## ଆନ୍ଧ୍ର ପ୍ରଦେଶ ଏକ ଇନିଂସ୍ ଓ ୫୦ ରନ୍‌ରେ ବିଜୟୀ



**କଟକ,୪।୧୧/ଏନ୍‌ଏନ୍‌ଏସ୍:** ବାରବାଟୀରେ ଓଡ଼ିଶା ରଣଜୀ ଟିମ୍ ଘରୋଇ ପରିବେଶ ସତ୍ତ୍ୱେ ପୁଣିଥରେ ଶୋଚନୀୟ ଇନିଂସ୍ ପରାଜୟର ସାମ୍ନା କରିଛି। ଚଳିତ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ୍ ମ୍ୟାଚ୍‌ରେ ଟିମ୍ ଡ୍ର' ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍ ସ୍କୋର୍‌ଠାରୁ ୫୦ ରନ୍ ପଛରେ ରହିଯାଇଛି। ଦୁଇଟି ଯାକ ଇନିଂସ୍‌ରେ ବ୍ୟାଟିଂ କରି ମଧ୍ୟ ଓଡ଼ିଶା ଖେଳାଳିମାନେ ଆନ୍ଧ୍ରର ପ୍ରଥମ ଇନିଂସ୍ ସ୍କୋର୍ ୪୭୫ ରନ୍‌କୁ ଛୁଇଁବାରେ ବିଫଳ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶ ଏହି ମ୍ୟାଚ୍ ଏକ ଇନିଂସ୍ ଏବଂ ୫୦ ରନ୍‌ରେ ଜିତି ନିଜ ଆଧିପତ୍ୟ ଜାହିର କରିଛି। ଏହି ଇନିଂସ୍ ବିଜୟ ସହ ଆନ୍ଧ୍ରପ୍ରଦେଶ ୭ ପଏଣ୍ଟ୍ ହାସଲ କରିଛି। ଓଡ଼ିଶା ଟିମ୍‌ରେ ତଥାକଥିତ ତାରକା ଖେଳାଳି ରହିଥିଲେ ହେଁ ଓଡ଼ିଶା ବ୍ୟାଟିଂ ଓ ବୋଲିଂରେ ବିଫଳ ହୋଇଛି।

ଆନ୍ଧ୍ର ପ୍ରଦେଶ ପୂର୍ବରୁ ଚଳିତ ରଣଜୀ ସିଜନ୍‌ର ପ୍ରଥମ ମ୍ୟାଚ୍‌ରେ ଟିମ୍ ବାରବାଟୀ ଷ୍ଟାଡିୟମ୍‌ରେ ବରୋଦା ଠାରୁ ୭ ୱିକେଟ୍‌ରେ ହାରିଥିଲା। ସେହିପରି କାନ୍‌ପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ଉତ୍ତର ପ୍ରଦେଶ ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ଡ୍ର' ରଖିଥିଲେ ମଧ୍ୟ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ୍ ହାସଲ କରିଥିଲା। ଏବଂ ଓଡ଼ିଶାକୁ ୧ ପଏଣ୍ଟ ମିଳିଥିଲା। ତିନିଟି ମ୍ୟାଚ୍‌ରୁ ଓଡ଼ିଶା ୧ ପଏଣ୍ଟ୍ ନେଇ ଟେବଲ୍‌ର ସର୍ବନିମ୍ନରେ ରହିଛି।

ଶନିବାର ବାରବାଟୀରେ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଆନ୍ଧ୍ରପ୍ରଦେଶ ବ୍ୟାଟର୍‌ମାନେ ଓଡ଼ିଶା ବୋଲର୍‌ଙ୍କୁ ଖୁବ୍ ଧୂଳେଇ କରିଥିଲେ। ଶେକ୍ ରଶିଦ୍‌ଙ୍କ ଅପରାଜିତ ୧୪୦ ରନ୍, ଶ୍ରୀକର ଭରତଙ୍କୁ ୯୩, ଅଭିଷେକ ରେଡ୍ଡୀଙ୍କ ୭୬, କେଭି ଶଶିକାନ୍ତଙ୍କ ୪୬ ଏବଂ ସୌରଭ କୁମାରଙ୍କ ଅପରାଜିତ ୬୯ ରନ୍ ବଳରେ ଆନ୍ଧ୍ର ପ୍ରଦେଶ ୪୭୫/୭ ସ୍କୋର୍‌ରେ ପ୍ରଥମ ଇନିଂସ୍ ଘୋଷଣା କରିଥିଲା। ବୋଲର୍‌ଙ୍କ ପରେ ବ୍ୟାଟର୍‌ମାନେ ମଧ୍ୟ ନିରାଶ କରିଥିଲେ ଏବଂ ଓଡ଼ିଶା ୫୬.୪ ଓଭର୍‌ରେ ୧୫୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ସନ୍ଦୀପ ପଟ୍ଟନାୟକ ୫୮ ଏବଂ ଗୌରବ ଚୌଧୁରୀ ୪୮ ରନ୍‌ର ଇନିଂସ୍ ଖେଳିଥିଲେ।

ପ୍ରଥମ ଇନିଂସ୍‌ରେ ଓଡ଼ିଶା ମାତ୍ର ୧୫୧ ରନ୍ କରିବାରୁ ଆନ୍ଧ୍ର ପ୍ରଦେଶ ଫଲୋଅନ୍ ଡାକିଥିଲା। ଫଲୋଅନ ପରେ ଓଡ଼ିଶା ତୃତୀୟ ଦିନରେ ଲଢ଼େଇ କରିବା ସହ ଖେଳ ଶେଷ ବେଳକୁ ୨ ୱିକେଟ୍ ହରାଇ ୧୯୦ ରନ କରି ନେଇଥିଲା। ଲାଗୁଥିଲା ଅତି କମରେ ଓଡ଼ିଶା ପରାଜୟ ଲଜ୍ଜାରୁ ବର୍ତ୍ତିଯିବ। ମାତ୍ର ଚତୁର୍ଥ ଦିନ ଟିମ୍ ପୁଣି ନିରାଶ କରିଥିଲା। ନିୟମିତ ୱିକେଟ୍ ହରାଇବା ଫଳରେ ଟିମ୍ ୨୭୪ ରନ୍‌ରେ ସୀମିତ ହୋଇଯାଇଥିଲା। ପ୍ରଥମ ଇନିଂସ୍‌ରେ ଅର୍ଦ୍ଧଶତକ (୫୮ ରନ୍) କରିଥିବା ସନ୍ଦୀପ ପଟ୍ଟନାୟକ ୬୩ ରନ୍ କରିଥିଲେ। ଓପ୍ନର୍ ଗୌରବ ଚୌଧୁରୀ ୮୦ ରନ୍‌ର ଇନିଂସ୍ ଖେଳି କିଛି ସମୟ ଲଢ଼େଇ କରିଥିଲେ। ରାଜେଶ ଧୂପର (୩୮ ରନ୍) ଶେଷ ଆଡ଼କୁ ପ୍ରୟାସ କରିଥିଲେ ମଧ୍ୟ ଟିମ୍‌କୁ ଇନିଂସ୍ ପରାଜୟରୁ ରକ୍ଷା କରିପାରି ନଥିଲେ। ଆନ୍ଧ୍ର ପ୍ରଦେଶ ଏକ ଇନିଂସ୍ ଏବଂ ୫୦ ରନ୍‌ରେ ମ୍ୟାଚ୍ ଜିତି ପୂରା ୭ ପଏଣ୍ଟ୍ ହାସଲ କରିଛି।

# ଆଣ୍ଠୁ ଆଘାତ କାରଣରୁ ବିବିଏଲ୍‌ରୁ ଓହରିଲେ ଅଶ୍ୱିନ୍



**ଚେନ୍ନାଇ,୪।୧୧/ଏଜେନ୍ସି:** ପୂର୍ବତନ ଭାରତୀୟ ଅଫ୍ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନ୍ ଅଷ୍ଟ୍ରେଲୀୟ ଟି-୨୦ ଲିଗ୍ ବିଗ୍ ବାଶ୍ (ବିବିଏଲ୍)ରୁ ଓହରି ଯାଇଛନ୍ତି। ଚେନ୍ନାଇରେ ଟ୍ରେନିଂ ଅବସରରେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଅଶ୍ୱିନ ମଙ୍ଗଳବାର ସୋସିଆଲ୍ ମିଡିଆରେ ଏହି ସୂଚନା ଦେଇଛନ୍ତି। ଏଥିରେ ସେ ଲେଖିଛନ୍ତି ଆଣ୍ଠୁ ସର୍ଜରୀ କାରଣରୁ ସେ ଲିଗ୍ର ପ୍ରଥମ ସିଜନ୍‌ରେ ଖେଳିପାରିବେ ନାହିଁ। ବିବିଏଲ୍‌ର ନୂଆ ସିଜନ୍ ଡିସେମ୍ବର ୧୪ରୁ ଆରମ୍ଭ ହେବ।

୩୯ ବର୍ଷୀୟ ଅଶ୍ୱିନ ୨୦୨୪ ଡିସେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ୍ ଏବଂ ୨୦୨୫ ଅଷ୍ଟରେ ଆଇପିଏଲ୍‌ରୁ ଅବସର ଘୋଷଣା କରିଥିଲେ। ସେ ଚଳିତ ସିଜନ୍‌ରେ ସିଡ୍‌ନୀ ଥଣ୍ଡର୍ସ ପକ୍ଷରୁ ଖେଳିବାର ଥିଲା। ଏହା ତାଙ୍କର ପ୍ରଥମ ବିଗ୍ ବ୍ୟାଶ ହୋଇଥାନ୍ତା। ଅଶ୍ୱିନ କହିଛନ୍ତି, ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇ ପୁଣିଥରେ ପଡ଼ିଆକୁ ଫେରିବାକୁ ଚାହୁଁଛନ୍ତି। ଏହି ଅବସରରେ ସେ ବିବିଏଲ୍‌ର ପୁରୁଷ ଓ ମହିଳା ଟିମ୍‌କୁ ଶୁଭକାମନା ଜଣାଇଛନ୍ତି।

ଅଶ୍ୱିନ ଭାରତର ଦ୍ୱିତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍। ସେ ତିନିଟି ଯାକ ଫର୍ମାଟ୍‌ରେ ମିଶାଇ ୨୮୭ ମ୍ୟାଚ୍ ଖେଳିଥିବା ବେଳେ ମୋଟ ୭୬୫ ୱିକେଟ୍ ଅକ୍ତିଆର କରିଛନ୍ତି। ତାଙ୍କ ଆଗରେ କେବଳ ଅନିଲ୍ କୁମ୍ବଲେ ରହିଛନ୍ତି। କୁମ୍ବଲେଙ୍କ ନାମରେ ୯୫୩ ୱିକେଟ୍ ରହିଛି। ଅଶ୍ୱିନ ଗତବର୍ଷ ଡିସେମ୍ବରରେ ଗାବା ଟେଷ୍ଟ ସମାପ୍ତି ପରେ ଅବସର ଘୋଷଣା କରିଥିଲେ।

# ହଟିଲେ ପାକିସ୍ତାନ ମହିଳା ଟିମ୍ ମୁଖ୍ୟ କୋଚ୍

**କରାଚୀ,୪।୧୧/ଏଜେନ୍ସି:** ମହିଳା ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ପରେ ପାକିସ୍ତାନୀ ମହିଳା କ୍ରିକେଟ୍ ଟିମ୍‌ର ମୁଖ୍ୟ କୋଚ୍ ମୁହମ୍ମଦ ୱାସିମ୍‌ଙ୍କୁ ହଟାଇ ଦିଆଯାଇଛି। ପାକିସ୍ତାନୀ ଟିମ୍ ନଭେମ୍ବର ୨ରେ ସମାପ୍ତ ହୋଇଥିବା ଟୁର୍ଣ୍ଣାମେଣ୍ଟ୍‌ରେ ଗୋଟିଏ ବି ମ୍ୟାଚ୍ ଜିତିପାରି ନଥିଲା ଏବଂ ପଏଣ୍ଟ୍ ଟେବଲ୍‌ର ସର୍ବନିମ୍ନରେ ରହିଥିଲା। ତେବେ କେତେକ ରିପୋର୍ଟରେ କୁହାଯାଇଛି, ମୁଖ୍ୟ କୋଚ୍ ୱାସିମ୍ ସ୍ୱୟଂ ଟିମ୍ ଛାଡ଼ିଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ କୁହାଯାଇଛି, ବିଶ୍ୱକପ୍ ସହିତ ୱାସିମ୍‌ଙ୍କ ଚୁକ୍ତି ଶେଷ ହୋଇଛି ଏବଂ ବୋର୍ଡ ଏହାକୁ ବୃଦ୍ଧି ନକରିବାକୁ ନିଷ୍ପତ୍ତି ନେଇଛି। ଖୁବ୍‌ଶୀଘ୍ର ନୂଆ କୋଚ୍‌ଙ୍କ ନିଯୁକ୍ତି କରାଯିବ। ବୋର୍ଡର ଏକ ସୂତ୍ର ଅନୁସାରେ ପିସିବି ଏବେ ବିଦେଶୀ କୋଚ୍‌ଙ୍କ ସନ୍ଧାନରେ ରହିଛି। ବିଦେଶୀ କୋଚ୍ ନମିଳିବା ସ୍ଥିତିରେ ପୂର୍ବତନ କ୍ୟାପ୍‌ଟେନ୍ ବିସ୍‌ମାହ ମାରୁଫ୍‌ଙ୍କୁ ଏହି ଦାୟିତ୍ୱ ଦିଆଯାଇପାରେ।

ପୂର୍ବତନ ଟେଷ୍ଟ ଖେଳାଳି ମୁହମ୍ମଦ ୱାସିମ୍ ପାକିସ୍ତାନ ପୁରୁଷ ଟିମ୍‌ର ମୁଖ୍ୟ ଚୟନକର୍ତ୍ତା ରହିସାରିଛନ୍ତି। ଗତବର୍ଷ ତାଙ୍କୁ ମହିଳା ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିଲା। ତାଙ୍କ କାର୍ଯ୍ୟକାଳରେ ପାକିସ୍ତାନ ଟିମ୍ ଏସିଆ କପ୍ ସେମିଫାଇନାଲ୍ ହାରିଥିଲା। ପରେ ଚଳିତ ବର୍ଷ ଆରମ୍ଭରେ ଟି-୨୦ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା।

# ୨୦୨୮ ଅଲିମ୍ପିକ୍ସରୁ ହଟିଲା ମୀରାବାଇଙ୍କ ଓଜନ ବର୍ଗ



**ନୂଆଦିଲ୍ଲୀ,୪।୧୧/ଏଜେନ୍ସି:** ଭାରତର ଷ୍ଟାର୍ ଭାରୋତ୍ତୋଳକ ମୀରାବାଇ ଚାନୁଙ୍କୁ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ରେ ନୂଆ ଓଜନ ବର୍ଗରେ ଓହ୍ଲାଇବା ପଡ଼ିବ। କାରଣ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୀରାବାଇଙ୍କ ଓଜନ ବର୍ଗକୁ ୨୦୨୮ରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟ୍‌ରୁ ହଟାଇ ଦେଇଛି। ଏତିକି ନୁହେଁ, ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ର ଆୟୋଜନ କମିଟି ନୂଆ ଓଜନ ବର୍ଗ ମଧ୍ୟ ଜାରି କରିଛି। ମୀରାବାଇ ୪୯ କିଗ୍ରା ବର୍ଗରେ ଟୋକିଓ ଅଲିମ୍ପିକ୍‌ରେ ରୌପ୍ୟ ପଦକ ଜିତିଥିଲେ। ଏହି ବର୍ଗରେ ସେ ପ୍ୟାରିସ୍ ଅଲିମ୍ପିକ୍‌ରେ ଚତୁର୍ଥ ସ୍ଥାନରେ ରହିଥିଲେ। ମାତ୍ର ନୂଆ ସୂଚୀରେ ତାଙ୍କ ଓଜନ ବର୍ଗ ନାହିଁ। ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ରେ ମହିଳା ଏବଂ ପୁରୁଷ ଉଭୟଙ୍କ ପାଇଁ ୬-୬ ଓଜନ ବର୍ଗ ରଖାଯାଇଛି। ଭାରୋତ୍ତୋଳନର ମୁଖ୍ୟ କୋଚ୍ ବିଜୟ ଶର୍ମା କହିଛନ୍ତି, ଏହି ପରିବର୍ତ୍ତନ ମୀରାବାଇଙ୍କ ପାଇଁ ଲାଭଦାୟକ ହେବ। ଏବେ ୪୦ କିଗ୍ରା ପର୍ଯ୍ୟନ୍ତ ନିଜ ଓଜନ କମାଇବା ତାଙ୍କ ପାଇଁ କଷ୍ଟକର ଥିଲା ଏବଂ ଏହା ଦ୍ୱାରା ଶରୀର ଉପରେ ବହୁ ଚାପ ପଡୁଥିଲା। ୫୩ କିଗ୍ରାରେ ଖେଳିବା ଫଳରେ ତାଙ୍କୁ ଶକ୍ତି ବୃଦ୍ଧିରେ ସହାୟତା ମିଳିବ। ଶର୍ମା କହିଛନ୍ତି, ମୀରାବାଇ ଆସନ୍ତାବର୍ଷର ଏସିଆନ୍ ଗେମ୍ସ ପର୍ଯ୍ୟନ୍ତ ପୁରୁଣା ଓଜନ ବର୍ଗରେ ହିଁ ଖେଳିବେ ଏବଂ ଏହାପରେ ଧୀରେ ଧୀରେ ୫୩ କିଗ୍ରା ବର୍ଗ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ। ମୀରାବାଇ ଚଳିତ ବର୍ଷ ଅଗଷ୍ଟରେ ଅହମଦାବାଦରେ ଆୟୋଜିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନ୍‌ଶିପ୍ ଏବଂ ଅକ୍ଟୋବରରେ ନରୱେର ଫୋର୍ଡେରେ ଆୟୋଜିତ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ୪୮ କିଗ୍ରା ଓଜନ ବର୍ଗରେ ଭାଗ ନେଇଥିଲେ। ଅହମଦାବାଦରେ (୧୯୩ କିଗ୍ରା) ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ମୋଟ ୧୯୯ କିଗ୍ରା ଭାର ଉଠାଇ ରୌପ୍ୟ ପଦକ ହାସଲ କରିଥିଲେ।

## ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍: ଦ୍ୱିତୀୟକୁ ଖସିଲେ ମନ୍ଧାନା

# ଲୌରା ୱୁଲ୍‌ଭର୍ଡଟ୍ ନମ୍ବର-୧ ବ୍ୟାଟର୍




**ଦୁବାଇ,୪।୧୧/ଏଜେନ୍ସି:** ମହିଳା ବିଶ୍ୱକପ୍‌ର ସମାପ୍ତି ପରେ ଆଇସିସି ପକ୍ଷରୁ ଜାରି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଭାଇସ୍ କ୍ୟାପ୍‌ଟେନ୍ ସ୍ମୃତି ମନ୍ଧାନାଙ୍କୁ ଗୋଟିଏ ସ୍ଥାନର କ୍ଷତି ହୋଇଛି। ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ସେ ୮୧୧ ରେଟିଂ ପଏଣ୍ଟ୍ ସହ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକା କ୍ୟାପ୍‌ଟେନ୍ ଲୌରା ୱୁଲ୍‌ଭର୍ଡଟ୍ ୮୧୪ ରେଟିଂ ପଏଣ୍ଟ୍ ସହ ତାଲିକାର ଶୀର୍ଷରେ ପହଞ୍ଚିଛନ୍ତି। ରବିବାର ଶେଷ ହୋଇଥିବା ମହିଳା ବିଶ୍ୱକପ୍ ୨୦୨୫ରେ ଲୌରା ୫୭୧ ରନ୍ କରିଥିଲେ। ଏହା ଟୁର୍ଣ୍ଣାମେଣ୍ଟ୍‌ର କୌଣସି ଏକ ସଂସ୍କରଣରେ ସର୍ବାଧିକ। ସେ ସେମିଫାଇନାଲ୍ ଏବଂ ଫାଇନାଲ୍‌ରେ ମଧ୍ୟ ଶତକ ହାସଲ କରିଥିଲେ। ଏହା ବ୍ୟତୀତ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ୍‌ରେ ଶତକ ହାସଲ କରିଥିବା ଭାରତର ଜେମିମା ରଡ୍ରିଗ୍ସ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ-୧୦ରେ ପ୍ରବେଶ କରିଛନ୍ତି। ଜେମିମା ୬୫୮ ରେଟିଂ ପଏଣ୍ଟ୍ ସହ ତାଲିକାର ୧୦ମ ସ୍ଥାନରେ ରହିଛନ୍ତି।

ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡର ସୋଫି ଏକ୍କ୍ଲେଷ୍ଟନ୍ ୭୪୭ ପଏଣ୍ଟ ସହ ଏବେ ବି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକା ଅଲ୍‌ରାଉଣ୍ଡର୍ ମାରିଜାନ୍ କାପ୍ ଦୁଇଟି ସ୍ଥାନର ସୁଧାର ସହ ଦ୍ୱିତୀୟରେ ପହଞ୍ଚିଛନ୍ତି। କାପ୍ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ୍‌ରେ ୫ ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ଅଷ୍ଟ୍ରେଲିଆର ଏନାବେଲ୍ ସଦରଲାଣ୍ଡ ୬ଷ୍ଠ ଏବଂ କିମ୍ ଗାର୍ଥ ସପ୍ତମ ସ୍ଥାନକୁ ଉଠିଛନ୍ତି। ଦୁହିଁଙ୍କୁ ର୍‍ୟାଙ୍କିଙ୍ଗ୍‌ରେ ୧-୧ ସ୍ଥାନର ଲାଭ ମିଳିଛି। ଭାରତର ଦୀପ୍ତି ଶର୍ମା ୬୫୭ ପଏଣ୍ଟ୍ ସହ ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି।

ଅଷ୍ଟ୍ରେଲିଆର ଆସ୍‌ଲେ ଗାର୍ଡନର୍ ୪୯୮ ପଏଣ୍ଟ୍ ସହ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ପଛରେ ସାଉଥ୍ ଆଫ୍ରିକାର ମାରିଜାନ୍ କାପ୍ ୪୪୧ ପଏଣ୍ଟ୍ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗତ ସପ୍ତାହରେ ସେ ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁଜ୍‌ଙ୍କୁ ପଛରେ ପକାଇ ଦ୍ୱିତୀୟକୁ ଉଠିଥିଲେ। ଭାରତର ଦୀପ୍ତି ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥରେ ପହଞ୍ଚିଛନ୍ତି। ସେ ଅଷ୍ଟ୍ରେଲିଆର ଏନାବେଲ୍ ସଦରଲାଣ୍ଡ୍‌କୁ ପଛରେ ପକାଇଛନ୍ତି।

## ରାଜ୍ୟ ମହିଳା ଫିଡେ ରେଟିଂ ଚେସ୍ ଚାମ୍ପିଅନ୍‌ଶିପ୍ ଉଦ୍‌ଯାପିତ

# ଯାଶିତା ଚାମ୍ପିଅନ୍, ସ୍ମାରକୀ ରନର୍




**କେନ୍ଦ୍ରାପଡ଼ା,୪।୧୧/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟ ମହିଳା ଫିଡେ ରେଟିଂ ଚେସ୍ ଚାମ୍ପିଅନ୍‌ଶିପ୍ ୨୦୨୫ ଉଦ୍‌ଯାପିତ ହୋଇଛି। ଚାରିଦିନ ଧରି ଚାଲିଥିବା ଚାମ୍ପିଅନ୍‌ଶିପ୍‌ରେ ୧୦ ଜିଲ୍ଲାରୁ ୩୨ ଖେଳାଳି ଭାଗ ନେଇଥିବା ବେଳେ ଖୋର୍ଦ୍ଧାର ଯାଶିତା ରାଉତ ଚାମ୍ପିଅନ୍ ହୋଇଛନ୍ତି। କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ରନର୍ସଅପ୍ ହୋଇଥିବା ବେଳେ କଟକର ଜୟଲକ୍ଷ୍ମୀ ସାହୁ, ଜ୍ୟୋତିକା ସାହୁ, ନିଭ୍ରିତା ପଟ୍ଟନାୟକ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଖୋର୍ଦ୍ଧାର ନାୟନିକ ସାହୁ, ଗଜପତିର ଉମା ଦଳପତି, କଟକର ସ୍ନେହସ୍ମିତା ରାମ, ଗିତାଶ୍ରୀ ବିଶ୍ୱାଳ ଏବଂ ଆରୀୟ ମହାନ୍ତି ପରବର୍ତ୍ତୀ ସ୍ଥାନରେ ରହିଛନ୍ତି। ଚାମ୍ପିଅନ୍‌ଶିପ୍‌ର ଶ୍ରେଷ୍ଠ ଚାରି ଖେଳାଳି ଜାତୀୟ ମହିଳା ଚେସ୍ ଚାମ୍ପିଅନ୍‌ଶିପ୍ ପାଇଁ ମନୋନୀତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟ୍‌ର ଚାମ୍ପିଅନ୍‌ଙ୍କୁ ନଗଦ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ଖେଳାଳିଙ୍କୁ ଯଥାକ୍ରମେ ୧୦ ହଜାର ଓ ୫ ହଜାର ଟଙ୍କା ପୁରସ୍କାର ମିଳିଛି। ଏହା ବ୍ୟତୀତ ଶ୍ରେଷ୍ଠ ୧୫ ଜଣ ଏବଂ ସ୍ଥାନୀୟ ୧୭ ଜଣ ଖେଳାଳିଙ୍କୁ ମୋଟ ୫୩ହଜାର ଟଙ୍କାର ନଗଦ ପୁରସ୍କାର ସହିତ ଆକର୍ଷଣୀୟ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଟୁର୍ଣ୍ଣାମେଣ୍ଟ୍‌କୁ ଚିଫ୍ ଆର୍ବିଟର୍ ପିଙ୍କି ମହାପାତ୍ର, ଅଭିଷେକ ଆଚାର୍ଯ୍ୟ ଓ ନାମ୍ବଲା ରବିକୁମାର ପରିଚାଳନା କରିଥିଲେ। ଜିଲ୍ଲା ସଂଘ ଉପସଭାପତି ଧରଣୀଧର ସେଠୀ, ଅମରେଶ ସାହୁ, କୋଷାଧ୍ୟକ୍ଷ ନାରାୟଣ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପୀବଲ୍ଲଭ ନାୟକ, ସବ୍ରେ ହେମ୍ବ୍ରମ୍, ନେହରୁ ସାହୁ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଉପିନ୍ ରାଉତ, ଶକ୍ତିଶ୍ରୀ ଲେଙ୍କା, ସ୍ୱପ୍ନଜିତ୍ ବାରିକ, ଅସିତ୍ ମହାପାତ୍ର, କରୁଣାକର ସାହୁ, ଗୌତମ ମଲ୍ଲିକ, ହିମାଂଶୁ ଶେଖର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଆୟୋଜିତ ପୁରସ୍କାର ବିତରଣ ସଭାରେ କେନ୍ଦ୍ରାପଡ଼ା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ମୁଖ୍ୟଅତିଥି, ପିଏମ୍‌ଶ୍ରୀ ନଭୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ମମତାମୟୀ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରାପଡ଼ା ଚେସ୍ ଉପଦେଷ୍ଟା କମିଟି ଅଧ୍ୟକ୍ଷ ଅଜିତ କୁମାର ସାହୁ, ଯାଜପୁର ୟୁନାଇଟେଡ୍ ଚେସ୍ ସଂଘର ପୂର୍ବତନ ସମ୍ପାଦକ ମନୋଜ ପରିଡ଼ା, ବଲାଙ୍ଗିର ଚେସ୍‌ସଂଘ ସମ୍ପାଦକ ପ୍ରିୟବ୍ରତ ପଣ୍ଡା, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ଉପସ୍ଥିତ ଥିଲେ। ଏହି ଅବସରରେ ମାଷ୍ଟର୍ ଚେସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ବିକ୍ରମ ବିଶ୍ୱାଳ ଏବଂ କେବି ଗ୍ଲୋବାଲ୍ ବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦଙ୍କ ସମେତ ଗୁଳନଗର ସରପଞ୍ଚ ସନ୍ଧ୍ୟାରାଣୀ ସାହୁ, ରୋଜାଲିନ୍ ମହାନ୍ତି, ସମ୍ପଦ ପରିଡ଼ା ଏବଂ ଶୁଭସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହାରିସ୍ ରଉଫ୍ ଦୁଇଟି ମ୍ୟାଚ୍‌ର୍ ବ୍ୟାନ୍




**ଦୁବାଇ,୪।୧୧/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ୍ (ଆଇସିସି) ପାକିସ୍ତାନୀ ଫାଷ୍ଟ ବୋଲର୍ ହାରିସ୍ ରଉଫ୍‌ଙ୍କୁ ଦୁଇଟି ମ୍ୟାଚ୍‌ରୁ ବ୍ୟାନ୍ କରିଛି। ଏହା ସହିତ ତାଙ୍କୁ ଦୁଇଥର ମ୍ୟାଚ୍ ଫି'ର ୩୦% ଜୋରିମାନା ସହିତ ଦୁଇଟି ଡିମେରିଟ୍ ପଏଣ୍ଟ ଦିଆଯାଇଛି। ଏସିଆ କପ୍‌ରେ ସେପ୍ଟେମ୍ବର ୨୧ରେ ଖେଳାଯାଇଥିବା ଭାରତ ବିପକ୍ଷ ସୁପର୍-୪ ମ୍ୟାଚ୍‌ରେ ରଉଫ୍ ଫାଇଟର୍ ପ୍ଲେନ୍ ଖସାଇବାର ଇଙ୍ଗିତ କରିଥିଲେ। ଏବେ ରଉଫ୍ ସାଉଥ୍ ଆଫ୍ରିକା ବିପକ୍ଷ ନଭେମ୍ବର ୪ ଏବଂ ୬ ତାରିଖରେ ହେବାକୁ ଥିବା ଦିନିକିଆ ମ୍ୟାଚ୍ ଖେଳିପାରିବେ ନାହିଁ। ଆଇସିସି ମଙ୍ଗଳବାର ପ୍ରେସ୍ ରିଲିଜ୍‌ରେ ଏହି ସୂଚନା ଦେଇଛି। ଏହା ଅନୁସାରେ ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କର ୩୦% ମ୍ୟାଚ୍ ଫି' ମଧ୍ୟ କଟାଯାଇଛି। ଏସିଆ କପ୍ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ପାକିସ୍ତାନୀ କ୍ୟାପ୍‌ଟେନ୍ ସଲମାନ୍ ଅଲୀ ଆଗାଙ୍କ ସହିତ ହାତ ମିଳାଇ ନଥିଲେ। ସୁପର୍-୪ ମ୍ୟାଚ୍ ପରେ ବିସିସିଆଇ ପାକିସ୍ତାନୀ କ୍ରିକେଟର୍ ହାରିସ୍ ରଉଫ୍‌ଏବଂ ସାହିବଜାଦା ଫରହାନ୍‌ଙ୍କ ବିରୋଧରେ ଆଇସିସିରେ ଅଭିଯୋଗ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କ ବିରୋଧରେ ଅଭିଯୋଗ କରିଥିଲା। ସେହିପରି ଅର୍ଶଦୀପ୍ ସିଂହ ମ୍ୟାଚ୍ ପରେ କରିଥିବା ଇଙ୍ଗିତ ପାଇଁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବାରୁ ତାଙ୍କୁ କୌଣସି ଦଣ୍ଡ ମିଳିନାହିଁ। ଫାଇନାଲ୍‌ରେ ଜସ୍‌ପ୍ରୀତ୍ ବୁମ୍‌ରା ପୂର୍ବରୁ ହିଁ ନିଜ ତ୍ରୁଟି ସ୍ୱୀକାର କରି ନେଇଥିବାରୁ ତାଙ୍କୁ ଚେତାବନୀ ସହିତ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra